# ଧରିତ୍ରୀ
DHARITRI

ବାଲେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୬/୨୦୨୦ (୧୬ପୃଷ୍ଠା) | Balasore, Friday, October 16/2020 | ★★★★

୪୬ଶ ଭାଗ ୩୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



Presenting

# SONET

## WILD BY DESIGN

| 1.5*l* CRDi Diesel Engine with 6 Speed Advance AT | Smart Pure Air Purifier with Virus Protection | 26.03 CM (10.25") Advanced HD Touchscreen Navigation | BOSE Premium 7-Speaker Sound System |
|---|---|---|---|
| First-in-segment | First-in-world | First-in-segment | First-in-segment |




## Price starting at ₹6.71 Lakh#

Visit: www.kia.com/in [Book Kia Sonet] | Call 1800 108 5000 | Contact your nearest Kia Dealership now

The aggressive stance and muscular build of the Sonet are complemented by an array of segment-first features, state-of-the-art connectivity, classy interiors and much more. So, ruling the urban streets comes to it naturally. It's thrilling and it's here.

First-in-segment




**1.5*l* CRDi Diesel Engine with 6 Speed Advance AT** that offers the power of diesel in advanced automatic

First-in-world



**Smart Pure Air Purifier with Virus Protection** ensures you breathe the cleanest of air inside

First-in-segment



**26.03 cm (10.25") Advanced HD Touchscreen Navigation** for amazing connectivity & entertainment

First-in-segment



**BOSE Premium 7-Speaker Sound System with LED Sound Mood Light** for an immersive experience

First-in-segment



**Ventilated Front Seats** cool you down in hot & humid conditions

Best-in-segment




**UVO** with 57 smart, connected features, like OTA map updates & AI Voice Command

**Host of other new features:** New-age Transmission - iMT (Intelligent Manual Transmission) | Largest 392*l* Boot Space** | Front and Rear Parking Sensors | Six Airbags with ESC, HAC, ESS, ACN & VSM | Kia Signature Tiger Nose Grille | Crown Jewel LED Headlamps with Heartbeat LED DRLs | Heartbeat LED Tail Lamps | Electric Sunroof | Sportier Dual Muffler Design | 10.7 cm (4.2") Advanced Color Instrument Cluster | Multi-drive Modes & Traction Control | Wireless Smartphone Charger with Cooling Function | R16-40.64 cm (16") Premium Crystal Cut Alloys | Highline Tyre Pressure Monitor | MT & AT Remote Engine Start | Driving Rear View Monitor | Electric Folding Outside Mirrors | Smart Key with Push Button Start | Red Front Brake Calipers

**Close to you, no matter where you are.**
Kia has a nationwide network of dealerships and service centres to ensure ready spare parts and service availability for complete peace of mind.

| 160 | 265 | 206 | 192 |
|---|---|---|---|
| City Coverage | Consumer Touchpoints | Sales Points | Service Points |

KIA Service — Promise to Care
Connected • Adaptive • Responsive • Engage

• Nationwide Kia Care network with easy availability of Genuine Spare Parts • 3 Years Warranty for Unlimited Kms & up to 5th Year optional Extended Warranty • 3 Years 24/7 Roadside Assistance • Kia Link service support app & IoT based workshops with Live Vehicle Tracking for digital experience • Scratch Care program for one-time free repair* • My Convenience, the most unique customised maintenance program*

**For more information contact: 1800 108 5000 | kiacare@kiamotorsindia.in**
@KiaMotorsIN | @KiaMotorsIN | Kia Motors India | @KiaMotorsIN

Scan to discover more

#Ex-showroom all India (except Kerala). *T&C Apply. The product shown is for representation purpose only, actual features, colors and specifications as shown may not be part of standard fitment and may vary. Visit your nearest Kia dealership for more details. **VDA method. Visit your nearest Kia dealership for more details. UVO functionality is dependent on mobile network strength. Smartwatch and mobile phone are not provided with the vehicle. Kia Motors India Pvt. Ltd. reserves the right to make any changes with respect to the trims, colors, specifications and other details of any model as mentioned or to discontinue any model or to modify/discontinue any service without prior notice. Kia urges you to follow traffic rules, these are meant to keep you safe on roads. No liability accepted for errors and printing errors.

INNOCEAN-112/20

KIA
The Power to Surprise

**FOR INFORMATION CONTACT: BHUBANESHWAR: CONSORTIUM MOTORS PRIVATE LIMITED,** PH: 7064111999 **SAMBALPUR: CONSORTIUM MOTORS PRIVATE LIMITED,** PH: 7064111999 **ANGUL: CONSORTIUM MOTORS PRIVATE LIMITED,** PH: 7064111999

**ସ୍ତ୍ରୀଙ୍କୁ ବାଥ୍‌ରୁମ୍‌ରେ ଦେଢ଼ବର୍ଷ ବନ୍ଦ ରଖିଥିଲେ**

ହରିୟାଣାର ପାନିପଥ ଅନ୍ତର୍ଗତ ରିଶ୍‌ପୁରରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ (୩୫)ଙ୍କୁ ଦେଢ଼ବର୍ଷକାଳ ଏକ ବାଥ୍‌ରୁମ୍‌ରେ ବନ୍ଦକରି ରଖିଥିବାବେଳେ ଖବର ପାଇ ଜିଲା ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀମାନେ ସେଠାକୁ ଯିବା ସହ ତାଙ୍କୁ ଉଦ୍ଧାର କରିଛନ୍ତି। ମହିଳା ଜଣକ ମାନସିକ ଭାବେ ସୁସ୍ଥ ନ ଥିବାରୁ ତାଙ୍କୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା କରାଯାଉଛି। ଅଭିଯୁକ୍ତ ସ୍ୱାମୀ ନରେଶ୍ କୁମାରଙ୍କୁ ଗିରଫ କରାଯାଇ ତଦନ୍ତ ଚାଲିଥିବା ଜଣାପଡ଼ିଛି।

# କଶ୍ମୀରରେ '୩୭୦' ପାଇଁ ମେଣ୍ଟ

**ଶ୍ରୀନଗର/ନୂଆଦିଲ୍ଲୀ,୧୫।୧୦**

ପିପୁଲ୍ସ ଡେମୋକ୍ରଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍‌ତିଙ୍କ ମୁକ୍ତି ପରେ ଜମ୍ମୁ-କଶ୍ମୀରରେ ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଛି। ଜମ୍ମୁ ଓ କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ପୁନଃ ଅବସ୍ଥାପିତ କରିବା ପାଇଁ ପୁଣିଥରେ ଲଢ଼େଇ ଆରମ୍ଭ ହୋଇଛି। ଉପତ୍ୟକାର ହୃତ ମର୍ଯ୍ୟାଦା ଫେରାଇ ଆଣିବା ସକାଶେ 'ପିପୁଲ୍ସ ଆଲାଏନ୍ସ ଫର୍ ଗୁପ୍‌କାର ଡିକ୍ଲାରେଶନ' ନାମରେ ଗୁରୁବାର ଏକ ମେଣ୍ଟ ଗଠନ କରାଯାଇଛି। ଏନେଇ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ଆବାହକତ୍ୱରେ ଶ୍ରୀନଗରର ଗୁପ୍‌କାର୍ ରୋଡ୍‌ସ୍ଥିତ ତାଙ୍କ ବାସଭବନରେ ଗୁରୁବାର ସନ୍ଧ୍ୟାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜମ୍ମୁ-କଶ୍ମୀରର ପ୍ରତ୍ୟାହୃତ ସ୍ୱତନ୍ତ୍ର ମାନ୍ୟତା ଫେରାଇଆଣିବା ପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି। ବୈଠକରେ ଫାରୁକ୍‌ଙ୍କ ପୁଅ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଏବଂ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତିଙ୍କ ସମେତ ୬ ରାଜନୈତିକ ଦଳର ପ୍ରତିନିଧି ଯୋଗଦେଇଥିଲେ। ବୈଠକ ପରେ ଫାରୁକ୍ କହିଛନ୍ତି, 'ପିପୁଲ୍ସ ଆଲାଏନ୍ସ ଫର୍ ଗୁପ୍‌କାର ଡିକ୍ଲାରେଶନ୍' ଜମ୍ମୁ-କଶ୍ମୀରର ସମସ୍ତ ପକ୍ଷଙ୍କୁ ନେଇ ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ରାଜନୈତିକ ସମସ୍ୟାର ସମାଧାନ ପାଇଁ ଆଗ୍ରହୀ। ୨୦୧୯ ଅଗଷ୍ଟ ପୂର୍ବରୁ ଥିବା ଜମ୍ମୁ-କଶ୍ମୀରର ସାମ୍ବିଧାନିକ ମାନ୍ୟତା ଫେରାଇ ଆଣିବା ଲକ୍ଷ୍ୟରେ ଏହି ମେଣ୍ଟ ଗଠନ କରାଯାଇଛି। ଭାରତ ସରକାର ଆମକୁ ଆମର ପୂର୍ବ ଅଧିକାର ଫେରାଇ ଦିଅନ୍ତୁ। ସେହିପରି ମେହବୁବାଙ୍କୁ ବେଆଇନ ଭାବେ ୧୪ ମାସ ଧରି ଗୃହବନ୍ଦୀ ରଖାଯିବା ପରେ ଛଡ଼ାଯାଇଛି। ଅନ୍ୟ ସମସ୍ତ ବନ୍ଦୀଙ୍କୁ ତୁରନ୍ତ ମୁକ୍ତ କରାଯାଉ ବୋଲି ଫାରୁକ୍ ଦାବି କରିଛନ୍ତି।

ପ୍ରକାଶ ଯେ, ଅନୁଚ୍ଛେଦ ୩୭୦ ଏବଂ ୩୫-ଏ ଉଚ୍ଛେଦର ଅବ୍ୟବହିତ ପୂର୍ବରୁ ଗୃହବନ୍ଦୀ ଥିବା ବାପପୁଅ କିଛିମାସ ତଳେ ମୁକୁଳିଥିବାବେଳେ ମେହବୁବାଙ୍କୁ ମଙ୍ଗଳବାର ମୁକ୍ତ କରାଯାଇଥିଲା। ବୁଧବାର ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବାଙ୍କ ବାସଭବନରେ ବୈଠକ କରି ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିଥିଲେ।

- ଜମ୍ମୁ-କଶ୍ମୀରରେ ଏକାଠି ହେଲେ ୬ ରାଜନୈତିକ ଦଳ
- ଗଢ଼ିଲେ ପିପୁଲ୍ସ ଆଲାଏନ୍ସ ଫର୍ ଗୁପ୍‌କାର ଡିକ୍ଲାରେଶନ୍
- ସ୍ୱତନ୍ତ୍ର ମାନ୍ୟତା, ପୂର୍ବ ଅଧିକାର ଫେରାଇଦିଅ: ଫାରୁକ୍



ମିଳିତ ଖବରଦାତା ସମ୍ମିଳନୀରେ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି, ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ଏବଂ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା।

## ଗୁପ୍‌କାର ଘୋଷଣାନାମା କ'ଣ?

୨୦୧୯ ଅଗଷ୍ଟ ଆରମ୍ଭରେ ଜମ୍ମୁ ଓ କଶ୍ମୀରକୁ କେନ୍ଦ୍ରୀୟ ସଶସ୍ତ୍ର ବଳର ହଜାର ହଜାର ଯବାନଙ୍କୁ ପଠାଯାଇଥିଲା। ନିଜ ରାଜନୈତିକ ଭବିଷ୍ୟତକୁ ନେଇ ସନ୍ଦିହାନ ୬ ପ୍ରମୁଖ ଦଳର ନେତାମାନେ ଭବିଷ୍ୟତ ରଣନୀତି ସ୍ଥିର କରିବା ପାଇଁ ସେହି ମାସ ୪ ତାରିଖରେ ଗୁପ୍‌କାର ରୋଡ୍‌ସ୍ଥିତ ଫାରୁକ୍‌ଙ୍କ ବାସଭବନରେ ବୈଠକ କରିଥିଲେ। ସର୍ବଦଳୀୟ ବୈଠକରେ ଆଗତ ଏକ ସଂକଳ୍ପନାମା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଜମ୍ମୁ-କଶ୍ମୀରର ପରିଚୟ, ସ୍ୱାୟତ୍ତତା ଓ ସ୍ୱତନ୍ତ୍ର ମାନ୍ୟତାର ସୁରକ୍ଷା ପାଇଁ ସାମୂହିକ ଉଦ୍ୟମ ଜାରି ରଖିବା ସକାଶେ ନେତାମାନେ ଅଙ୍ଗୀକାରବଦ୍ଧ ହୋଇଥିଲେ। ଏନ୍‌ସି, ପିଡିପି, ସିପିଆଇଏମ୍, କଂଗ୍ରେସ, ପିପୁଲ୍ସ କନ୍‌ଫରେନ୍ସ ଓ ଆୱାମୀ ନ୍ୟାଶନାଲ କନ୍‌ଫରେନ୍ସ ପକ୍ଷରୁ ସ୍ୱାକ୍ଷରିତ ଏହି ସଂକଳ୍ପନାମା ପ୍ରଥମ ଗୁପ୍‌କାର ଘୋଷଣାନାମା ଭାବେ ପରିଚିତ।

## ଗୁପ୍‌କାର ଘୋଷଣାନାମା ୨.୦ କ'ଣ?

୨୦୨୦ ଅଗଷ୍ଟ ୨୨ରେ ୬ ରାଜନୈତିକ ଦଳର ନେତାମାନେ ପୁଣି ଏକାଠି ହୋଇ ବୈଠକ କରିଥିଲେ। ପୂର୍ବ ସ୍ୱାକ୍ଷରିତ ୨୦୧୯ ଘୋଷଣାନାମାର ସଂକଳ୍ପକୁ ନୂତନ ରୂପ ଦେବା ଲାଗି ସେମାନେ ଦ୍ୱିତୀୟ ଗୁପ୍‌କାର ଘୋଷଣାନାମା ସ୍ୱାକ୍ଷର କରିଥିଲେ। ଏହାସହ ମିଳିତ ବିବୃତି ଜାରି କରି କହିଥିଲେ, ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫ଏକୁ ପୁନଃ ଅବସ୍ଥାପିତ କରିବା ଲାଗି ଆମେ ସମସ୍ତେ ପ୍ରତିଶ୍ରୁତିବଦ୍ଧ। ରାଜ୍ୟକୁ ବିଭାଜନ କରିବା ଆମ ପାଇଁ ଗ୍ରହଣୀୟ ନୁହେଁ। ଏହି ବୈଠକରେ ସ୍ୱାକ୍ଷରିତ ଘୋଷଣାନାମାକୁ ଗୁପ୍‌କାର ଡିକ୍ଲାରେଶନ୍ ୨.୦ କୁହାଯାଏ।





ଅନ୍‌ଲକ୍ ୫: ସିନେମା ହଲ୍ ଖୋଲିବା ପରେ ବେଙ୍ଗାଲୁରୁରେ ଗୁରୁବାର ଫିଲ୍ମ ଦେଖିବାକୁ ଯାଇଥିବା ଜଣେ ଯୁବକଙ୍କ ଥର୍ମାଲ ସ୍କ୍ରିନିଂ କରାଯାଉଛି।

# ୧୧ ନିୟୁତ ବେଆଇନ ଶରଣାର୍ଥୀଙ୍କୁ ନାଗରିକତ୍ୱ ମିଳିବ

**ୱାଶିଂଟନ, ୧୫।୧୦**



**ବିଡେନଙ୍କ ନିର୍ବାଚନୀ ପ୍ରତିଶ୍ରୁତି**

ଆମେରିକା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଡେମୋକ୍ରାଟିକ୍ ପାର୍ଟି ରାଷ୍ଟ୍ରପତି ପ୍ରାର୍ଥୀ ଜୋ ବିଡେନ୍ ଜନମତକୁ ପ୍ରଭାବିତ କରିବା ଲାଗି ଏକ ବଡ଼ ଘୋଷଣା କରିଛନ୍ତି। ନଭେମ୍ବର ୩ ନିର୍ବାଚନରେ ବିଜୟୀ ହେଲେ ବାହାରୁ ଆସି ବେଆଇନ ଭାବେ ଆମେରିକାରେ ରହୁଥିବା ୧୧ ନିୟୁତ ଶରଣାର୍ଥୀଙ୍କୁ ନାଗରିକତ୍ୱ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଏଥିସହ ମହାମାରୀ କରୋନାକୁ ହରାଇ ଦେଶର ଆର୍ଥିକ ସ୍ଥିତିକୁ ମଜ୍‌ଭୁତ କରିବା ଓ ବିଶ୍ୱରେ ଆମେରିକାର ନେତୃତ୍ୱକୁ ବଳବତ୍ତର ରଖିବା ଲାଗି ସେ ପ୍ରତିଶ୍ରୁତି ଦେଇଛନ୍ତି। ବୁଧବାର ଅନୁଦାନ ସଞ୍ଚୟ ସମାରୋହ ସମ୍ପର୍କିତ ଏକ ଭର୍ଚୁଆଲ ବୈଠକରେ ଯୋଗଦେଇ ଇମିଗ୍ରେଶନ ବିଲ୍ ଉପରେ ପ୍ରଥମେ ମୋହର ଲଗାଯିବ ବୋଲି କହିଛନ୍ତି।

# ମୋଦିଙ୍କ ସମ୍ପତ୍ତି ବଢ଼ିଛି, ଶାହାଙ୍କ କମିଛି

**ନୂଆଦିଲ୍ଲୀ, ୧୫।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ନିଜ ନିଜର ସମ୍ପତ୍ତିର ସୂଚନାକୁ ସାର୍ବଜନୀକ କରିଛନ୍ତି। ଏହି ସୂଚନା www.pmindia.gov.inରେ ଉପଲବ୍ଧ ହେଉଛି। ଏଥିରେ ସମସ୍ତ ମନ୍ତ୍ରୀ ସେମାନଙ୍କ ସମ୍ପତ୍ତି ସୂଚନା ୨୦୨୦ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପ୍ରଦାନ କରିଛନ୍ତି। କେବଳ ପ୍ରଧାନମନ୍ତ୍ରୀ ମୋଦି ଜୁନ୍ ୩୦ ପର୍ଯ୍ୟନ୍ତ ନିଜ ସମ୍ପତ୍ତିର ବିବରଣୀ ଦେଇଛନ୍ତି। ସୂଚନା ଅନୁସାରେ ମୋଦିଙ୍କ ସମ୍ପତ୍ତି ବଢ଼ିଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ସମ୍ପତ୍ତି ପରିମାଣ ଶେୟାର ବଜାରର ଖରାପ ସ୍ଥିତି ଯୋଗୁ କମି ଥିବା ଦର୍ଶାଯାଇଛି। ଜୁନ୍ ୩୦ ସୁଦ୍ଧା ମୋଦିଙ୍କ ମୋଟ ସମ୍ପତ୍ତି ପରିମାଣ ୨ କୋଟି ୮୫ ଲକ୍ଷ ଦର୍ଶାଯାଇଛି। ମୋଦିଙ୍କ ଜମା ଖାତାରେ ୩ ଲକ୍ଷ ୩୮ ହଜାର ୧୭୩ ଟଙ୍କା ରହିଛି। ସେହିପରି ଅମିତ ଶାହାଙ୍କ ମୋଟ ସମ୍ପତ୍ତି ପରିମାଣ ୨୮ କୋଟି ୬୦ ଲକ୍ଷରେ ପହଞ୍ଚିଛି। ପୂର୍ବରୁ ୨୦୧୯ରେ ତାଙ୍କର ସମ୍ପତ୍ତି ପରିମାଣ ୩୨ କୋଟି ୩୦ ଲକ୍ଷ ଥିଲା। ଗୋଟିଏ ବର୍ଷ ମଧ୍ୟରେ ତାଙ୍କର ସମ୍ପତ୍ତି ପରିମାଣ କମିଛି।



ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଜମା ଖାତାରେ ୨୫ ଲକ୍ଷ ଟଙ୍କା ରହିଛି। ଲକ୍ଷ୍ନୌରେ ତାଙ୍କର ୧୫ କୋଟିର ଏକ ଘର ରହିଛି। ରାଜନାଥଙ୍କ ସମ୍ପତ୍ତି ପରିମାଣ ଗତବର୍ଷ ପରି ସାମନ ରହିଛି। ନୀତୀନ ଗଡ଼କରୀ ଦେଢ଼କୋଟି ଟଙ୍କା ଧାର ଆଣିଥିବା ସୂଚିତ କରିଛନ୍ତି। ତାଙ୍କ ଜମା ଖାତାରେ ୨କୋଟି ୫୪ ଲକ୍ଷ ୮ ହଜାର ୨୨୯ ଟଙ୍କା ରହିଛି। ତାଙ୍କ ପାଖରେ ୪୧ କୋଟିର ଜମିଜମା ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ପାଖରେ ୯ଲକ୍ଷ ୫୦ ହଜାର ଟଙ୍କାର ଅଳଙ୍କାର ରହିଛି। ତାଙ୍କ ଜମା ଖାତାରେ ଲକ୍ଷେ ୯୯ ହଜାର ୪୮୨ ଟଙ୍କା ରହିଛି। ତାଙ୍କର ୯ ଲକ୍ଷ ୯୦ ହଜାର ଟଙ୍କାର ଏକ ଘର ରହିଛି। ସେ ୩୧ ଲକ୍ଷ ଟଙ୍କା ଧାର କରିଥିବା ଉଲ୍ଲେଖ କରିଛନ୍ତି।

# '୨୦୨୨ ପୂର୍ବରୁ ଭାକ୍‌ସିନ ପାଇବେନି ସୁସ୍ଥ'

**ନୂଆଦିଲ୍ଲୀ,୧୫।୧୦(ଆଇଏଏନ୍‌ଏସ୍)**

ସ୍ୱଳ୍ପ ବୟସ୍କ ଓ ସୁସ୍ଥ ବ୍ୟକ୍ତିଙ୍କୁ କରୋନା ଭାକ୍‌ସିନ ପାଇବାକୁ ହେଲେ ୨୦୨୨ ମସିହା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମୁଖ୍ୟ ବୈଜ୍ଞାନିକ ସୌମ୍ୟା ସ୍ୱାମୀନାଥନ୍ ଗୁରୁବାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସ୍ୱାସ୍ଥ୍ୟକର୍ମୀ ଓ ବିପଜ୍ଜନକ ସ୍ଥିତିରେ ଥିବା ବ୍ୟକ୍ତିଙ୍କୁ ଟିକା ପ୍ରଦାନରେ ପ୍ରାଥମିକତା ଦିଆଯିବା ଉଚିତ। ହେଲ୍‌ଥକେୟାର ୱାର୍କର, କରୋନା ଯୋଦ୍ଧା ଏବଂ ବୟସ୍କ ବ୍ୟକ୍ତିଙ୍କ ଜୀବନ ପ୍ରତି ଅଧିକ ବିପଦ ରହିଥିବାରୁ ସେମାନଙ୍କୁ ପ୍ରଥମେ ଭାକ୍‌ସିନ ମିଳିବ। ସ୍ୱାମୀନାଥନ୍‌ଙ୍କ ଅନୁସାରେ ଅନେକ ଭାକ୍‌ସିନ ଟ୍ରାଏଲ୍ କରାଯାଉଥିଲେ ହେଁ ଭୂତାଣୁକୁ ସମୂଳେ ନାଶ କରିବା ସେତେଟା ସହଜ ନୁହେଁ। ୨୦୨୧ ସୁଦ୍ଧା ଅନ୍ୟୂନ ଗୋଟିଏ ପ୍ରଭାବଶାଳୀ ଟିକା ଆସିଯିବ। ତେବେ ତାହା ସୀମିତ ପରିମାଣରେ ଉପଲବ୍ଧ ହେବ।

# ଶତ୍ରୁଘ୍ନ ସିହ୍ନାଙ୍କ ପୁଅ, ଶରଦ ଯାଦବଙ୍କ ଝିଅଙ୍କୁ କଂଗ୍ରେସ ଟିକେଟ



ଲବ ସିହ୍ନା



ସୁଭାଷିନୀ ରାଜ ରାଓ

**ପାଟନା,୧୫।୧୦**

ବିହାର ନିର୍ବାଚନ ପାଇଁ କଂଗ୍ରେସ ବଲିଉଡ୍ ଭେଟେରାନ୍ ଶତ୍ରୁଘ୍ନ ସିହ୍ନାଙ୍କ ପୁଅ ଲବ ସିହ୍ନା ଓ ଲୋକତାନ୍ତ୍ରିକ ଜନତା ଦଳ ଅଧ୍ୟକ୍ଷ ଶରଦ ଯାଦବଙ୍କ ଝିଅ ସୁଭାଷିନୀ ରାଜ ରାଓଙ୍କୁ ଟିକେଟ ଦେଇଛି। ଅଭିନେତା ଲବଙ୍କୁ ବାଙ୍କିପୋର ଆସନରୁ ଟିକେଟ ମିଳିଛି। ଏହି ନିର୍ବାଚନମଣ୍ଡଳୀ ପାଟନା ସାହିବ ଲୋକ ସଭା ଆସନ ଅନ୍ତର୍ଗତ, ଯେଉଁଠୁ ତାଙ୍କ ବାପା ଶତ୍ରୁଘ୍ନ ସିହ୍ନା ପୂର୍ବରୁ ଭାଜପା ଟିକେଟରେ ଦୁଇଥର ପ୍ରତିନିଧିତ୍ୱ କରିଥିଲେ। ଭାଜପାର ଗଡ଼ ଭାବେ ପରିଚିତ ଏହି ଆସନରୁ ୩ ଥର ବିଧାୟକ ହୋଇଥିବା ନୀତିନ ନବୀନ ତାଙ୍କ ବିପକ୍ଷରେ ଲଢ଼ୁଛନ୍ତି। ସେହିପରି ବିହାରୀଗଞ୍ଜ ବିଧାନସଭା ଆସନରୁ ଶରଦଙ୍କ ଝିଅ ସୁଭାଷିନୀଙ୍କୁ ପ୍ରତିଦ୍ୱନ୍ଦ୍ୱିତା ପାଇଁ କଂଗ୍ରେସ ଟିକେଟ ମିଳିଛି। ଦିନକ ପୂର୍ବରୁ କଂଗ୍ରେସରେ ସାମିଲ ହୋଇଥିବା ସୁଭାଷିନୀ ମହାମେଣ୍ଟ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ।

# ତିବ୍ବତ ଲାଗି ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ କଲା ଆମେରିକା

**ୱାଶିଂଟନ/ବେଜିଂ, ୧୫।୧୦**

ଏଲ୍‌ଏସିକୁ ନେଇ ଭାରତ-ଚାଇନା ମୁହାଁମୁହିଁ ସ୍ଥିତିରେ ରହିବା ଓ ପିଏଲ୍‌ଏକୁ ଯୁଦ୍ଧ ଲାଗି ପ୍ରସ୍ତୁତ ହେବାକୁ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ନିର୍ଦ୍ଦେଶ ଦେବା ପରେ ଆମେରିକା ପକ୍ଷରୁ ଗୁରୁବାର ତିବ୍ବତ ଲାଗି ସ୍ୱତନ୍ତ୍ର ଅଧିକାରୀ ରବର୍ଟ ଡେଷ୍ଟ୍ରୋଙ୍କୁ ନିଯୁକ୍ତି ଦିଆଯାଇଛି। ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ଏନେଇ ଘୋଷଣା କରିବା ପରେ ଚାଇନାର ଚିନ୍ତା ବଢ଼ିଯାଇଛି। ତିବ୍ବତର ସ୍ୱାର୍ଥରକ୍ଷା ଓ ମାନବାଧିକାର ସୁରକ୍ଷା ଲାଗି ଡେଷ୍ଟ୍ରୋ ଚାଇନା ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ୧୯୫୦ରୁ ଚାଇନା ତିବ୍ବତକୁ ବେଆଇନ ଭାବେ ନିଜ ଅଧୀନରେ ରଖିଛି। ତାଇୱାନ, ହଂକଂ ସମସ୍ୟା ମଧ୍ୟ ଚାଇନା ଯୋଗୁ ବଢୁଛି। ବେଜିଂର ବିସ୍ତାରବାଦୀ ଚିନ୍ତାଧାରା ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଦକ୍ଷିଣ ଚାଇନା ସାଗର, ବାଣିଜ୍ୟିକ ଓ ଭିଜା କଟକଣାକୁ ନେଇ ଚାଇନା ବିରୋଧରେ ଆମେରିକା କଠୋର ହୋଇଛି। ଆମେରିକାର ଏଭଳି ଆଭିମୁଖ୍ୟ ତିବ୍ବତରେ ଅସ୍ଥିରତା ସୃଷ୍ଟିକରିବା ଲାଗି ଉଦ୍ଦିଷ୍ଟ ବୋଲି ଚାଇନା କହିଛି। ଚାଇନାର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଝାଓ ଲିଜିଆନ୍ କହିଛନ୍ତି, ଚାଇନାର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବା ଲାଗି ଆମେରିକାର ଏହା ଚାଲ୍। ଚାଇନା ଏହାକୁ ଦୃଢ଼ ବିରୋଧ କରୁଛି ବୋଲି ସେ କହିଛନ୍ତି।



ରବର୍ଟ ଡେଷ୍ଟ୍ରୋ

# ପିଏମ୍ କେୟାର୍ସକୁ ୧୫୭ କୋଟି

**ନୂଆଦିଲ୍ଲୀ, ୧୫।୧୦**

**୫୦ କେନ୍ଦ୍ରୀୟ ବିଭାଗ କର୍ମଚାରୀଙ୍କ ଦରମାରୁ ଦିଆଯାଇଛି**

ଗତ ମାର୍ଚ୍ଚ ୨୭ରେ ଗଠିତ ପିଏମ୍ କେୟାର୍ସ ଫଣ୍ଡକୁ କେନ୍ଦ୍ର ସରକାରଙ୍କ ୫୦ଟି ବିଭାଗର କର୍ମଚାରୀ ନିଜ ଦରମାରୁ ୧୫୭.୨୩ କୋଟି ଟଙ୍କା ଦାନ କରିଛନ୍ତି। ରେଲ୍‌ୱେ ସର୍ବାଧିକ ୧୪୬.୭୨ କୋଟି ଟଙ୍କା ଦାନ କରିଥିବାବେଳେ ଅନ୍ତରୀକ୍ଷ ବିଭାଗ ୫.୧୮ କୋଟି ଟଙ୍କା ଦାନ କରିଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି। ଏଥିସହ ୩୮ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ପକ୍ଷରୁ ୨,୧୦୫ କୋଟି ଟଙ୍କା ସିଏସ୍‌ଆର୍ ଫଣ୍ଡ ମାଧ୍ୟମରେ ଦେଇଛନ୍ତି। ଏମାନଙ୍କ ମଧ୍ୟରୁ ୭ ପବ୍ଲିକ ସେକ୍ଟର ବ୍ୟାଙ୍କ ଓ ଅନ୍ୟ ଅର୍ଥନୈତିକ ଅନୁଷ୍ଠାନର ୨୦୪.୭୫ କୋଟି, ୭ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନର ୨୧.୮୧ କୋଟି ରହିଛି। କର୍ମଚାରୀଙ୍କ ଦରମାରୁ ଏସବୁ ପିଏମ୍ କେୟାର୍ସ ଫଣ୍ଡକୁ ଦାନ କରାଯାଇଥିବା ଜଣାପଡ଼ିଛି। ମହାମାରୀ କରୋନାର ଆବିର୍ଭାବ ଓ ଆତଙ୍କକୁ ଦେଖି ଜରୁରିକାଳୀନ ସ୍ଥିତିରେ ସହାୟତା ଯୋଗାଇ ଦେବାକୁ ପିଏମ୍ କେୟାର୍ସ ଫଣ୍ଡ ଗଠନ କରାଯାଇଥିଲା। ହେଲେ ଅଦ୍ୟାବଧି ମିଳିଥିବା ଟଙ୍କା କିଭଳି ଖର୍ଚ୍ଚ ହେଉଛି, ସେନେଇ ଆର୍‌ଟିଆଇ ବଳରେ ପିଏମ୍‌ଓକୁ ତଥ୍ୟ ମଗାଯାଇଥିଲେ ହେଁ ଏନେଇ କୌଣସି ସୂଚନା ଦିଆଯାଉ ନାହିଁ। ପିଏମ୍ କେୟାର୍ସ ଫଣ୍ଡ ସାର୍ବଜନୀନ ପ୍ରାଧିକରଣ ନୁହେଁ ବୋଲି ଦର୍ଶାଯାଇଥିଲା।

ମାର୍ଚ୍ଚ ୩୧ ସୁଦ୍ଧା ଫଣ୍ଡର କର୍ପସ ୩,୦୭୬.୬୨ କୋଟି ଟଙ୍କା ଥିଲା। ସ୍ୱେଚ୍ଛାକୃତ ଭାବେ ୩,୦୭୫.୮୫ କୋଟି ଟଙ୍କା ଦାନ କରାଯାଇଥିଲା ବୋଲି ୱେବ୍‌ସାଇଟ୍ ତଥାରୁ ଜଣାପଡ଼ିଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର କର୍ମଚାରୀଙ୍କ ଦରମାରୁ ୧.୧୪ କୋଟି, ବହିର୍ବ୍ୟାପାର ମନ୍ତ୍ରଣାଳୟ କର୍ମଚାରୀଙ୍କଠାରୁ ୪୩.୨୬ ଲକ୍ଷ, ପ୍ରତିରକ୍ଷା ମନ୍ତ୍ରଣାଳୟ କର୍ମଚାରୀଙ୍କଠାରୁ ୨୬.୨୦ ଲକ୍ଷ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରୁ ୧୮.୫୧ ଲକ୍ଷ, କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ ମନ୍ତ୍ରଣାଳୟରୁ ୧୬.୯୧ ଲକ୍ଷ, ରାଷ୍ଟ୍ରପତିଙ୍କ ସେକ୍ରେଟାରିଏଟ୍ କର୍ମଚାରୀଙ୍କଠାରୁ ୧୨.୦୫ ଲକ୍ଷ ଟଙ୍କା, ଲୋକ ସଭା ସେକ୍ରେଟାରିଏଟ୍ କର୍ମଚାରୀଙ୍କ ୫୨.୫୪ ଲକ୍ଷ ଓ ରାଜ୍ୟ ସଭା ସେକ୍ରେଟାରିଏଟ୍ କର୍ମଚାରୀଙ୍କ ଦରମାରୁ ୩୬.୩୯ ଲକ୍ଷ ଟଙ୍କା ପିଏମ୍ କେୟାର୍ସ ଫଣ୍ଡକୁ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।





Sand artists Interested to participate may see details and apply on to **odishatourism.gov.in**

Odisha BY ROAD
Discover secrets at every corner
ODISHA
INDIA'S BEST KEPT SECRET.

OIPR-37001/13/0014/2021

# ଧରିତ୍ରୀ
DHARITRI

ବାଲେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୬/୨୦୨୦ | Balasore, Friday, October 16/2020 | ପୃଷ୍ଠା-୧


**ଆଜିର ସମ୍ପାଦକୀୟ**

ନୀତି କାର୍ଯ୍ୟକାରୀ ହେଉ

**ଆଜିର ମନ୍ତବ୍ୟ**

“ଲଦାଖ ଓ ଅରୁଣାଚଳ ଭାରତର ଆଭ୍ୟନ୍ତରୀଣ ଅଞ୍ଚଳ, ଏ ବିଷୟରେ ଚାଇନାର କିଛି କହିବାର ଅଧିକାର ନାହିଁ।

**-ଅନୁରାଗ ଶ୍ରୀବାସ୍ତବ, ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର**

# ଜନ୍ମଦିନ ପାଳିବେନି ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୫।୧୦(ବ୍ୟୁରୋ)**



ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଶୁକ୍ରବାର ଜନ୍ମଦିନ। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ସେ ତାଙ୍କ ଜନ୍ମଦିନ ପାଳନ କରିବେ ନାହିଁ ବୋଲି କହିଛନ୍ତି। ଓଡ଼ିଶାବାସୀଙ୍କ ଭଲ ପାଇବା ଓ ଶୁଭେଚ୍ଛା ନିମନ୍ତେ ସେ ସବୁବେଳେ ଋଣୀ। ଗତ ୮ ମାସ ହେଲା କୋଭିଡ୍ ଯୋଗୁ ସମସ୍ତେ କଠିନ ସମୟ ଦେଇ ଗତି କରୁଛନ୍ତି। ତେଣୁ ନବୀନ ନିବାସ ନ ଆସି ଗରିବ ଲୋକଙ୍କୁ ସାହାଯ୍ୟ, ରକ୍ତଦାନ ଏବଂ ପ୍ଲାଜ୍ମା ଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ୯୦ ବର୍ଷ ପରେ ବଡ଼ ମାନ୍ଦାବସ୍ଥା

- ସତର୍କ କରାଇଲା ବିଶ୍ୱ ବ୍ୟାଙ୍କ
- ୧୯୩୦ ଦଶକରେ ଆସିଥିଲା 'ଗ୍ରେଟ୍ ଡିପ୍ରେଶନ'
- ବିଶ୍ୱ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଛି କୋଭିଡ୍-୧୯

**ୱାଶିଂଟନ,୧୫।୧୦**

ଗତ ବର୍ଷ ଶେଷ ଆଡ଼କୁ ଆସିଥିବା କରୋନା ଭୂତାଣୁ ମହାମାରୀ ରୂପ ନେଇ ସାରା ବିଶ୍ୱ ପାଇଁ ବିପର୍ଯ୍ୟୟ ସୃଷ୍ଟି କରିଛି। ଏହି ଭାଇରସ୍ କେବଳ ଲୋକଙ୍କ ଜୀବନ ନେଇନାହିଁ, ଜୀବିକା ମଧ୍ୟ ଉଜାଡ଼ିଛି। କରୋନା ଲକ୍‌ଡାଉନ ୨୦୦ରୁ ଊର୍ଦ୍ଧ୍ୱ ଦେଶର ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି। ଏହାର ପ୍ରଭାବରେ ଶକ୍ତିଶାଳୀ ଆମେରିକା ସମେତ ଜାପାନ, ରୁଷିଆ, ଚାଇନା ଓ ଭାରତ ଭଳି ବୃହତ୍ ଅର୍ଥ ବ୍ୟବସ୍ଥା ଅଚଳାବସ୍ଥାକୁ ସାମ୍ନା କରୁଛି। ବଡ଼ ବଡ଼ ଶିଳ୍ପ ଓ କର୍ପୋରେଟ ହାଉସର ମେରୁଦଣ୍ଡ ଭାଙ୍ଗିଯିବା ପରେ ଦାରିଦ୍ର୍ୟ ତଥା ବେକାରି ସମସ୍ୟା ବୃଦ୍ଧି ପାଇ ଅନୁନ୍ନତ, ବିକାଶଶୀଳ ଏବଂ ବିକଶିତ ରାଷ୍ଟ୍ରଗୁଡ଼ିକ ପାଇଁ ଅଭୁତପୂର୍ବ ଆହ୍ୱାନ ସୃଷ୍ଟି କରିଛି। ୧୯୩୦ ଦଶକର 'ଗ୍ରେଟ୍ ଡିପ୍ରେଶନ'ରେ ଏଭଳି ସ୍ଥିତି ଦେଖିବାକୁ ମିଳି ନ ଥିଲା ବୋଲି ବିଶ୍ୱବ୍ୟାଙ୍କ କହିଛି।

୧୯୩୦ରେ ସାରା ବିଶ୍ୱରେ ଗ୍ରେଟ୍ ଡିପ୍ରେସନ ଦେଖାଦେଇଥିଲା। ଏହି ସମୟରେ ସାରା ବିଶ୍ୱ ଘୋର ମାନ୍ଦାବସ୍ଥା ☞ପୃଷ୍ଠା-୨

# ୧୯ରେ ପୁଣି ଲଘୁଚାପ

**ଭୁବନେଶ୍ୱର,୧୫।୧୦(ବ୍ୟୁରୋ)**

**୨୧ରୁ ଉପକୂଳ ଓଡ଼ିଶାରେ ବର୍ଷିବ**

ଆସନ୍ତା ୧୯ ତାରିଖରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୨୧ରୁ ଉପକୂଳ ଓଡ଼ିଶାରେ ବର୍ଷା ହେବ। ବିଶେଷ କରି ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କୋରାପୁଟ, ଖୋର୍ଦ୍ଧା, କଟକ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଆଦି ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଲଘୁଚାପଜନିତ ବର୍ଷା ୨୫ ତାରିଖ ଯାଏ ଲାଗିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର, ଆନ୍ଧ୍ର ଉପକୂଳ, ତେଲଙ୍ଗାନା ଉପରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, କଳାହାଣ୍ଡି ଏବଂ କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା ଏବଂ କନ୍ଧମାଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ☞ପୃଷ୍ଠା-୨

# ବିଷାକ୍ତ ଖାଦ୍ୟ ଖାଇ ୩ ଭଉଣୀ-ଭାଇ ମୃତ

**ମାଲକାନଗିରି,୧୫।୧୦(ଡି.ଏନ୍.ଏ.)**

- ଜଙ୍ଗଲୀ ସରଗେଇ କନ୍ଦା, ତେନ୍ତୁଳି ତରକାରି ଖାଇଥିଲେ
- ପ୍ରଥମେ ପରିବାର ଲୋକେ ଗୁଣିଆ ପାଖକୁ ଯାଇଥିଲେ

ମାଲକାନଗିରି ଜିଲାରେ ଏକ ଅଭାବନୀୟ ଘଟଣା ଘଟିଛି। ସଦର ବ୍ଲକ ପଦ୍ମଗିରି ଅଞ୍ଚଳର କାଚେଲି ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେର ପାଣ୍ଡୁ ମାଡ଼ିଙ୍କ ଝିଅ ସୁକାନ୍ତି(୧୨), ଅଳି(୫) ଓ ପୁଅ ସୀତାରାମ(୭)। ବିଷାକ୍ତ ଖାଦ୍ୟ ଖାଇ ସେମାନଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପରିବାରର ଅନ୍ୟ ୨ ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି।

ଖବରରୁ ଜଣାପଡ଼ିଛି, ଗ୍ରାମର ପାଣ୍ଡୁଙ୍କ ପରିବାର ବୁଧବାର ଜଙ୍ଗଲର ସରଗେଇ କନ୍ଦା, ବେଣ୍ଡାଶାଗ ଓ ତେନ୍ତୁଳି ତରକାରି ଖାଇଥିଲେ। ପରେ ରାତିରେ ପରିବାରର ୫ ସଦସ୍ୟଙ୍କର ଝାଡ଼ାବାନ୍ତି ସହ ଦେହ ଖରାପ ହୋଇଥିଲା। ସେମାନେ ସଙ୍ଗେ ସଙ୍ଗେ ଡାକ୍ତରଖାନା ନ ଯାଇ ଗ୍ରାମର ଜଣେ ଗୁଣିଆଙ୍କ ଦ୍ୱାରା ଚିକିତ୍ସିତ ହୋଇଥିଲେ। ମଧ୍ୟରାତ୍ରିରେ ପାଣ୍ଡୁଙ୍କ ଝିଅ ☞ପୃଷ୍ଠା-୨










**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୮୯,୪୭,୬୫୩ | ୧୦,୯୯,୬୪୧ | ୨,୯୨,୩୯,୧୨୯ |
| ଭାରତ | ୭୩,୪୯,୨୯୦ | ୧,୧୧,୭୨୬ | ୬୪,୨୫,୭୧୬ |
| ଓଡ଼ିଶା | ୨,୬୨,୦୧୧ | ୧୦୮୯(+୫୩) | ୨,୩୮,୫୩୫ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ହିମାଂଶୁ
ପରିବାରବର୍ଗ


ଶୁଭ୍ରାଂସୁ
ପରିବାରବର୍ଗ


ଲକ୍ଷ୍ମୀକାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୭ ବିଭାଗ ଫେରାଇଛନ୍ତି ୧୩୦୪.୧୭ କୋଟି

**ବେପରୁଆ ଅର୍ଥ ପରିଚାଳନା**

**ଟଙ୍କା ଥାଇ ଋଣ କରୁଛନ୍ତି ସରକାର**

ଭୁବନେଶ୍ୱର,୧୫।୧୦(ବ୍ୟୁରୋ)

ରାଜ୍ୟର ବିତ୍ତୀୟ ପରିଚାଳନା ଠିକ୍ ଢଙ୍ଗରେ ହେଉ ନାହିଁ। ପୂର୍ଣ୍ଣାଙ୍ଗ ଏବଂ ଅତିରିକ୍ତ ବଜେଟ ପ୍ରସ୍ତୁତି ବେଳେ ଖର୍ଚ୍ଚ ଉପରେ ଧ୍ୟାନ ଦିଆଯାଉ ନାହିଁ। ବିଭାଗଗୁଡ଼ିକୁ ଯୋଗାଇ ଦିଆଯାଉଥିବା ଅର୍ଥ ମଧ୍ୟ ଖର୍ଚ୍ଚ ହେଉ ନାହିଁ। ଶେଷ ୩ ମାସରେ ୧୦୦ ପ୍ରତିଶତ ଖର୍ଚ୍ଚ କରାଯାଉଥିବା ବେଳେ ଅନ୍ୟ ସମୟରେ ଖର୍ଚ୍ଚ ଅତ୍ୟନ୍ତ ଧିମା ରହୁଛି। ବିଭାଗଗୁଡ଼ିକ ଖର୍ଚ୍ଚର ହିସାବ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦେଉ ନାହାନ୍ତି। ଏପରି ସ୍ଥଳେ ଅତିରିକ୍ତ ବଜେଟରେ ସେହି ବିଭାଗଗୁଡ଼ିକୁ କୋଟି କୋଟି ଟଙ୍କା ଦିଆଯାଉଛି। ସେହି ଅର୍ଥ ଦୀର୍ଘଦିନ ଧରି ଖର୍ଚ୍ଚ ନ ହୋଇ ପଡ଼ିରହୁଛି। ବିଭାଗ ନିକଟରେ ଟଙ୍କା ପଡ଼ିରହୁଥିବା ବେଳେ ବିଭିନ୍ନ ଯୋଜନା ଖର୍ଚ୍ଚ ତୁଲାଇବାକୁ ସରକାରଙ୍କୁ ଖୋଲା ବଜାରରୁ ଋଣ କରିବାକୁ ପଡୁଛି। ନୂଆ ବଜେଟ ପ୍ରସ୍ତୁତି ପୂର୍ବରୁ ବିଭାଗଗୁଡ଼ିକ ସେହି ଅର୍ଥ ଫେରାଉଛନ୍ତି। ରାଜ୍ୟ ସରକାରଙ୍କ ବଜେଟ ପ୍ରସ୍ତୁତି ଓ ପରିଚାଳନାକୁ ନେଇ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀମାନଙ୍କ ଖାମଖିଆଲ ମନୋଭାବ ଯୋଗୁ ସରକାରଙ୍କୁ ଅଯଥା ଆର୍ଥିକ ବୋଝ ବୋହିବାକୁ ପଡୁଥିବା ରିପୋର୍ଟରେ କହିଛନ୍ତି।

ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ବିଭାଗଗୁଡ଼ିକ ପକ୍ଷରୁ ବଜେଟରେ ଅଯାଚିତ ଭାବେ ବ୍ୟୟ ବରାଦ କରାଯାଉଥିବାରୁ ତାହା ଖର୍ଚ୍ଚ ନ ହୋଇ ଦୀର୍ଘବର୍ଷ ପଡ଼ିରହୁଛି। ଏପରି କି ବିଭାଗଗୁଡ଼ିକ କେଉଁ ବାବଦରେ କେତେ ଅର୍ଥ ଖର୍ଚ୍ଚ କରୁଛନ୍ତି ତାହା ମଧ୍ୟ ଜଣାଉ ନାହାନ୍ତି। ୧୯ଟି ବିଭାଗ ୨୦୧୯ ମାର୍ଚ୍ଚ ୩୧ ଯାଏ ଗତ ୧୦ ବର୍ଷ ଧରି ୧୨୩୪.୪୬ କୋଟି ଟଙ୍କାର ବିନିଯୋଗ ପ୍ରମାଣ ପତ୍ର (ୟୁସି) ଦେଇନାହାନ୍ତି। ସମବାୟ ବିଭାଗ ୨୦୦୭ରୁ ୟୁସି ଦେଇ ନ ଥିବା ବେଳେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ୨୦୦୩ରୁ ୨୦୦୯, ସାଧାରଣ ପ୍ରଶାସନ ୨୦୦୩ରୁ ୨୦୦୯ , ପର୍ଯ୍ୟଟନ ୨୦୦୩ରୁ ୨୦୦୯, ଜଳ ସମ୍ପଦ ୨୦୦୩ରୁ ୨୦୦୯, ବିଜ୍ଞାନ ଓ କାରିଗରି ୨୦୦୩ରୁ ୨୦୦୭, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ୨୦୦୫ରୁ ୨୦୦୯, ପଞ୍ଚାୟତିରାଜ ୨୦୦୩ରୁ ୨୦୦୯, ଆଇନ ୨୦୦୩ରୁ ୨୦୦୯, ଯୋଜନା ଓ ସଂଯୋଜନା ୨୦୦୩ରୁ ୨୦୦୯, ରାଜସ୍ୱ ବିଭାଗ ୨୦୦୩ରୁ ୨୦୦୯, ସ୍କୁଲ ଓ ଗଣଶିକ୍ଷା ୨୦୦୩ରୁ ୨୦୦୯, ଉଚ୍ଚଶିକ୍ଷା ୨୦୦୩ରୁ ୨୦୦୯, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ୨୦୦୩ରୁ ୨୦୦୭, ଅନୁସୂଚିତ ଜାତି ଓ ଜନଜାତି ବିକାଶ ୨୦୦୬ରୁ ୨୦୦୯, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ୨୦୦୩ରୁ ୨୦୦୯, ଗୃହ ଓ ନଗର ଉନ୍ନୟନ ବିଭାଗ ୨୦୦୩ରୁ ୨୦୦୯ ଯାଏ ୟୁସି ଦେଇନାହାନ୍ତି। କେବଳ ସେତିକି ନୁହେଁ ୩୭ଟି ବିଭାଗ ମଧ୍ୟ ୟୁସି ଦେବାରେ ବହୁ ବିଳମ୍ବ କରୁଛନ୍ତି। ସମସ୍ତ ବିଭାଗ ୪୫,୩୪୦.୮୯ କୋଟି ଟଙ୍କାର ୨୯,୧୩୮ ୟୁସି ଦେଇନାହାନ୍ତି। ସେହିପରି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କ୍ୟାଶ ବୁକ୍ ଏବଂ ବ୍ୟାଙ୍କ ପାସ୍ ବୁକ୍ ମଧ୍ୟରେ ତାଳମେଳ ନାହିଁ। ସରକାରଙ୍କ ୧୭ଟି ବିଭିନ୍ନ ବିଭାଗରେ ବ୍ୟାଙ୍କ ପାସ୍ ବୁକ୍‌ରେ ୨୩୭.୩୦ କୋଟି ଟଙ୍କା ଥିବା ବେଳେ କ୍ୟାଶ ବୁକ୍‌ରେ ୨୧୫.୯୮କୋଟି ରହିଛି। ୨୧.୩୨ କୋଟି ଟଙ୍କାର କୌଣସି ହିସାବ ମିଳୁନାହିଁ। ଖାଲି ସେତିକି ନୁହେଁ ୨୭ଟି ବିଭାଗ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହିସାବରେ ୨୦୧୯-୨୦ ଆର୍ଥିକ ବର୍ଷ ବଜେଟ ପୂର୍ବରୁ ୧,୩୦୪.୧୭ କୋଟି ଫେରାଇ ଦେଇଥିବା ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଆହୁରି ମଧ୍ୟ ଆବଶ୍ୟକ ନ ଥିବା ୧୮ଟି ବିଭାଗକୁ ୨୦୧୮-୧୯ ଅତିରିକ୍ତ ବଜେଟରେ ୧ କୋଟିରୁ ଊର୍ଦ୍ଧ୍ୱ ହିସାବରେ ୧,୫୯୮.୬୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟର ବଜେଟ ପରିଚାଳନା ଓ ପ୍ରସ୍ତୁତିକୁ ନେଇ ସିଏଜି ପ୍ରଶ୍ନ ଉଠାଇଛନ୍ତି।

## କରୋନାରେ ଖବରଦାତାଙ୍କ ପରଲୋକ

ବାରିପଦା ଅଫିସ,୧୫।୧୦



ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ କୋଷ୍ଠା ଅଞ୍ଚଳର ଧରିତ୍ରୀ ଖବରଦାତା ପରମାନନ୍ଦ ଦାସ(୬୫)ଙ୍କ ଗୁରୁବାର କରୋନାରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି ଥଣ୍ଡା ଜ୍ୱରରେ ପୀଡ଼ିତ ହୋଇ ବାରିପଦାର ବାଙ୍କିଶୋଳ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ବହୁ ଖବରଦାତାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କର ୩ ଝିଅ ଓ ସ୍ତ୍ରୀ ଅଛନ୍ତି। ପ୍ରଶାସନ ପକ୍ଷରୁ ବାରିପଦାଠାରେ ତାଙ୍କ ମୃତଦେହ ସତ୍କାର କରାଯାଇଛି।

## ଆର୍‌ଏସ୍‌ପି ପରାମର୍ଶଦାତା କମିଟି ବୈଠକ

**ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇ ସହ ସମନ୍ୱୟ ରଖିବ**

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)

ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଆବଶ୍ୟକତା ଓ ଚାହିଦା ପ୍ରକାରେ ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସପି) ସମନ୍ୱୟ ଓ ସହଯୋଗର ହାତ ବଢ଼ାଇବ। ଏମ୍‌ଏସ୍‌ଏମ୍‌ଇ ବିଭାଗ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଆର୍‌ଏସ୍‌ପି ପରାମର୍ଶଦାତା କମିଟିର ଭର୍ଚୁଆଲ୍ ବୈଠକରେ ଏନେଇ ଆଲୋଚନା ହୋଇଛି। ବୈଠକରେ ଆଗାମୀ ଦିନରେ ରାଉରକେଲା ଇସ୍ପାତ କାରଖାନା କିପରି ଅଧିକ ସମନ୍ୱୟ ରକ୍ଷା କରି ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ସହଯୋଗ କରିପାରିବ ତା'ର ଅନୁଶୀଳନ କରାଯାଇଛି। ଉଦ୍ୟୋଗ ଗୁଡ଼ିକର ସମସ୍ୟା କିପରି ଆର୍‌ଏସ୍‌ପିର ଆନ୍ତରିକତା ରହିଲେ ସମାଧାନ ହୋଇପାରିବ ସେନେଇ ଆଲୋଚନା କରାଯାଇଛି। ସରକାରୀ ଇ-ମାର୍କେଟିଂ ଖରିଦ ବେଳେ ଆର୍‌ଏସ୍‌ପି ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇକୁ ରିହାତି ଦେବାକୁ ଅନୁରୋଧ କରାଯାଇଛି। ଯେଉଁସବୁ ବର୍ଜ୍ୟବସ୍ତୁ ଡମ୍ପିଂୟାର୍ଡରେ ଫୋପଡ଼ାଯାଉଛି ସେଗୁଡ଼ିକୁ ଆବଶ୍ୟକ କରୁଥିବା ଏମ୍‌ଏସ୍‌ଏମ୍‌ଇକୁ କ୍ରୟ କରିବାର ସୁଯୋଗ ସୃଷ୍ଟି କରାଗଲେ ଛୋଟ ଶିଳ୍ପ ଉପକୃତ ହୋଇପାରନ୍ତେ ବୋଲି ବୈଠକରେ ମତ ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ୨୦୦ କୋଟି ଟଙ୍କା ବ୍ୟୟରେ ସ୍ଥାପନ ହେବାକୁ ଥିବା ବୈଷୟିକ କେନ୍ଦ୍ରକୁ ରାଉରକେଲା ଇସ୍ପାତ କାରଖାନା ନିକଟରେ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି।

## ୯୦ ବର୍ଷ ପରେ...

ପ୍ରଥମ ପୃଷ୍ଠାରୁ...

ଦେଇ ଗତି କରିଥିଲା। ବର୍ତ୍ତମାନ କରୋନା ମହାମାରୀ ସାରା ପୃଥିବୀକୁ କବଳିତ କରି ରଖିଛି। ଏହା ସାରା ବିଶ୍ୱକୁ ବଡ଼ ଝଟକା ଦେଇଛି। ଗ୍ରେଟ୍ ଡିପ୍ରେସନ ପରଠାରୁ ବର୍ତ୍ତମାନ ସାରା ବିଶ୍ୱ ଭୟଙ୍କର ମାନ୍ଦାବସ୍ଥା ଦେଇ ଗତି କରୁଥିବା ୱାର୍ଲଡ ବ୍ୟାଙ୍କର ସଭାପତି ଡେଭିଡ୍ ମାଲ୍‌ପାସ୍ ଗୁରୁବାର କହିଛନ୍ତି। ଏହି ମହାମାରୀ ବିଶ୍ୱର ଅଭିବୃଦ୍ଧିଶୀଳ ଏବଂ ଅନୁନ୍ନତ ଦେଶଗୁଡ଼ିକ ଲାଗି ଅଧିକ ସଙ୍କଟ ସୃଷ୍ଟି କରିଥିବା ସେ ମତ ରଖିଛନ୍ତି। ବର୍ତ୍ତମାନ ବିଭିନ୍ନ ଦେଶର ଅଭିବୃଦ୍ଧି ଲଗାତର ଖସୁଛି। ସେହିଭଳି ଋଣ ସଙ୍କଟ ଦେଶଗୁଡ଼ିକ ସାମ୍ନାରେ ନୂଆ ଆହ୍ୱାନ ଭାବେ ଉଭା ହୋଇଛି। ଗରିବ ଏବଂ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ଲାଗି କରୋନା ବିନାଶକାରୀ ଭାବେ ଉଭା ହୋଇଥିବାରୁ ମାଲ୍‌ପାସ୍ ଆଶଙ୍କା ପ୍ରକଟ କରିଛନ୍ତି।

ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଏବଂ ୱାର୍ଲଡ ବ୍ୟାଙ୍କର ବାର୍ଷିକ ବୈଠକ ପରିପ୍ରେକ୍ଷୀରେ ବିଶ୍ୱ ବଜାର ସାମ୍ନା କରୁଥିବା ବିଭିନ୍ନ ଆର୍ଥିକ ଚ୍ୟାଲେଞ୍ଜ ଉପରେ ସେ ମତ ରଖିଛନ୍ତି। ଦେଶଗୁଡ଼ିକର ଦାରିଦ୍ର୍ୟ ହାର ବଢ଼ିବା ନେଇ ମଧ୍ୟ ୱାର୍ଲଡ ବ୍ୟାଙ୍କ ପୂର୍ବରୁ ରିପୋର୍ଟରେ କହି ସାରିଛି। ମାଲ୍‌ପାସ୍ କହିଛନ୍ତି, ଚଳିତ ଆର୍ଥିକ ବର୍ଷରେ ଦେଶଗୁଡ଼ିକ ଅନେକ ଚ୍ୟାଲେଞ୍ଜ ଦେଇ ଗତି କରୁଥିବାରୁ ଏହାକୁ ବିଚାରକରି ଏକ ଉନ୍ନତ ଅଭିବୃଦ୍ଧି କାର୍ଯ୍ୟକ୍ରମ ଆଣିବା ଲାଗି ଯୋଜନା ରଖାଯାଇଛି। ନିକଟରେ ୱାର୍ଲଡ ବ୍ୟାଙ୍କ ବ୍ୟୁରୋ ହେଲ୍‌ଥ ଏମର୍ଜେନ୍ସି କାର୍ଯ୍ୟକ୍ରମରେ ପାଣ୍ଠିକୁ ୧୨ ବିଲିୟନ ଡଲାରକୁ ବଢାଇବା ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ଅନୁନ୍ନତ ଦେଶଗୁଡ଼ିକୁ ଟିକା ଏବଂ ସ୍ୱାସ୍ଥ୍ୟ କିଟ୍ ଯୋଗାଣ ଦିଗରେ ଏହି ପାଣ୍ଠି କାର୍ଯ୍ୟ କରିବ ବୋଲି ଜଣାଯାଇଛି।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ବିଶ୍ୱ ବର୍ତ୍ତମାନ 'କେ' ଆକୃତିରେ ଟ୍ରାକ୍‌କୁ ଫେରୁଛି। ଏହାର ଅର୍ଥ ହେଲା ବିକଶିତ ଦେଶଗୁଡ଼ିକରେ ଉନ୍ନତ ସମ୍ବଳ ରହିବା ଯୋଗୁ ଏହାର ଆର୍ଥିକ ସ୍ଥିତି ଅପେକ୍ଷାକୃତ ଉନ୍ନତ ରହିଛି। ଏହି ଦେଶଗୁଡ଼ିକରେ ଲୋକମାନେ 'ୱାର୍କ ଫ୍ରମ୍ ହୋମ୍' କରୁଛନ୍ତି। ସେହିଭଳି ଅନୁନ୍ନତ ଦେଶଗୁଡ଼ିକରେ ଲୋକମାନେ ଅନେକ ସଂଖ୍ୟାରେ ଚାକିରି ହରାଉଥିବା ଦେଖାଯାଉଛି। ଏହି ଦେଶର ବ୍ୟକ୍ତିବିଶେଷ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ଉପରେ ନିର୍ଭର କରୁଥିବା ନଜରକୁ ଆସିଛି। ଏହାବାଦ୍ ଅଭିବୃଦ୍ଧିଶୀଳ ଦେଶଗୁଡ଼ିକରେ ନିଯୁକ୍ତି ହ୍ରାସ, ଆୟରେ ଅସମାନତା ଏବଂ ବିଦେଶରେ କାମ କରୁଥିବା କର୍ମଚାରୀଙ୍କୁ ଅର୍ଥ ପ୍ରେରଣରେ ହ୍ରାସ ଦେଖାଯାଇଛି। ମାଲ୍‌ପାସ୍ କହିଛନ୍ତି, ସମସ୍ୟାକୁ ବିଚାରକରି ଗରିବ ଦେଶଗୁଡ଼ିକରେ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଚଳାଇବାକୁ ଯୋଜନା ରହିଛି। ଏହାକୁ ଛାଡ଼ିଦେଲେ, କୃଷିକ୍ଷେତ୍ରରେ ରହିଥିବା ସମସ୍ୟାକୁ ମଧ୍ୟ ଧ୍ୟାନରେ ରଖାଯାଇଛି। ରପ୍ତାନିକୁ ପ୍ରୋତ୍ସାହନ ଦେଉଥିବା ଦେଶ ଏବଂ ଲୋକଙ୍କ ଲାଗି ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ସବ୍‌ସିଡି ଖାଦ୍ୟଶସ୍ୟ ଉପଲବ୍ଧ କରାଉଥିବା ଦେଶଗୁଡ଼ିକୁ ମାଲ୍‌ପାସ୍ ଧନ୍ୟବାଦ ଦେଇଛନ୍ତି। ଲୋକଙ୍କ ଜୀବନ, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ବର୍ତ୍ତମାନର ପ୍ରାଥମିକତା ହେବା ଆବଶ୍ୟକ। ସାମାଜିକ ଦୂରତ୍ୱ ବଜାୟ ରଖିବା ସହ କୋଭିଡ୍‌କୁ ପ୍ରତିହତ କରିବା ଲାଗି ନିୟମ ମାନିବା ସହ ଧୀରେ ଧୀରେ ଅର୍ଥ ବ୍ୟବସ୍ଥାଗୁଡ଼ିକୁ ମୁକ୍ତ କରିବା ନେଇ ସେ ମତ ରଖିଛନ୍ତି। ଏହାଦ୍ୱାରା ଲୋକମାନେ ପୁଣି ଥରେ ନିଯୁକ୍ତି ପାଇବା ସୁବିଧା ହେବ।

## ବିଷାକ୍ତ ଖାଦ୍ୟ ଖାଇ...


ଡାକ୍ତର ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ସୁକାନ୍ତି ଓ ପୁଅ ସୀତାରାମଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଅବସ୍ଥାରେ ସ୍ତ୍ରୀ ଭୀମେ ମାଡ଼ି(୪୦), ଝିଅ ଅଳି ଓ ମାଳତି(୩)ଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଅଳିଙ୍କ ମୃତ୍ୟୁ ଘଟିଥିଲା। ସୁସ୍ଥ ହେବା ପରେ ଗୁରୁବାର ଭୀମେଙ୍କୁ ଘରକୁ ଛଡ଼ାଯାଇଛି । ଝିଅ ମାଳତି ଚିକିତ୍ସାଧୀନ ଅଛନ୍ତି। ଖବର ପାଇ ଗ୍ରାମରେ ଏକ ଡାକ୍ତରୀ ଦଳ ପହଞ୍ଚି ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ମାଲକାନଗିରି ଆଦର୍ଶ ଥାନା ଭାରପ୍ରାପ୍ତ ନିରୀକ୍ଷକ ରାମପ୍ରସାଦ ନାଗଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ୧୯ରେ ପୁଣି...

ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ସକ୍ରିୟ ରହିଛି। ଏଥିଯୋଗୁ ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାୟଗଡ଼ାରେ ୧୫ ସେଣ୍ଟିମିଟର ବର୍ଷା ହୋଇଥିବା ବେଳେ ଛତ୍ରପୁର ୯, ଦିଗପହଣ୍ଡି ୭, ବ୍ରହ୍ମପୁର ୬, ମାହାଙ୍ଗା ୬, ବଲାଙ୍ଗୀର ୬, ଦଶପଲ୍ଲା ୫, ପିପିଲି ୫, ବିଞ୍ଝାରପୁର ୫, ଗୋପାଳପୁର ୫, ଭଞ୍ଜନଗର ୪, ଚାନ୍ଦବାଲି ୪, ବରୀ ୪, ସାଲେପୁର ୪, ନିଶ୍ଚିନ୍ତକୋଇଲି ୪ ଓ ମାର୍ଶାଘାଇରେ ୪ ସେଣ୍ଟିମିଟର ବର୍ଷା ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଷଷ୍ଠସ୍ଥାନରେ ରବି ଓ ଚନ୍ଦ୍ର ରହିଥିବାରୁ ଆପଣଙ୍କୁ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରଖିବ ନାହିଁ। ଋଣ ପରିଶୋଧ, ରୋଗ ପାଇଁ ଔଷଧ କିଣା, ଶତ୍ରୁକୃତ ସମସ୍ୟା ସମାଧାନ ସକାଶେ ଖର୍ଚ୍ଚାନ୍ତ କରାଇବ। ଘର କଥା ହେଉ କିମ୍ବା କର୍ମକ୍ଷେତ୍ର କଥା ହେଉ ସବୁ କାମ ବିଳମ୍ବିତ ସମୟରେ ସମ୍ପନ୍ନ ହେବ।

**ବୃଷ** ଶୁକ୍ରଙ୍କ ପ୍ରଭାବରୁ ସ୍ଥଗିତ କାମକୁ ପୁରା ଦମରେ ସମ୍ପନ୍ନ କରିବାର ମଉକା ଜୁଟିବ। ରବିଙ୍କ ଦୁର୍ବଳତା କାରଣରୁ ପାରିବାରିକ କଳହକୁ ନେଇ ଅଶାନ୍ତି ଲାଗିରହିପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପ୍ରକାଶନ, ପ୍ରଶାସନ, ଆଇନ ଅଦାଲତ, କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ର ମନ୍ଦ ହେବନି।

**ମିଥୁନ** ଚନ୍ଦ୍ରଙ୍କ ପ୍ରତି ରାହୁଙ୍କ ଦୃଷ୍ଟିରୁ ଅଲଗା ସ୍ଥାନରେ ରଖିଦେଇଥିବା ଟଙ୍କା ପଇସା ନ ପାଇ ବ୍ୟସ୍ତ ହୋଇପାରନ୍ତି। ଅଫିସ୍ କାମରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପରିବହନ, ସଭାସମିତି, ଜମିଜମା କ୍ଷେତ୍ରରେ ଉନ୍ନତ ମାନର ଫଳ ପାଇବେ।

**କର୍କଟ** ଭାଗ୍ୟସ୍ଥ କର୍ମାଧିପ କାରଣରୁ ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା, ଅଧସ୍ତନମାନଙ୍କ ସୌହାର୍ଦ୍ଦ୍ୟଜନିତ ମାନସିକ ସ୍ଥିତି ପ୍ରୀତିପ୍ରଦ ରହିବ। କେତେକ ନୂତନ କର୍ମାରମ୍ଭ ସକାଶେ ପରିବାର ଲୋକମାନଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଈର୍ଷାପରାୟଣ ମନୋବୃତ୍ତି ହେତୁ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ।

**ସିଂହ** ଚତୁର୍ଥସ୍ଥ କେତୁଙ୍କ କୁପ୍ରଭାବରୁ ଆଜିର ପରିସ୍ଥିତି ଓ ରହୁଥିବା ପରିବେଶ ପ୍ରୀତିପ୍ରଦ ନ ହୋଇପାରେ। ପରିବହନ, ପ୍ଲଟିଂ କାରବାର, ନିର୍ମାଣାଧୀନ କାମକ୍ଷେତ୍ରରେ ବାଧା ଉପୁଜିବ। ରାଜନୈତିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ଦୂରଯାତ୍ରା ପାଇଁ ଦିନଟି ବହୁତ ଭଲ।

**କନ୍ୟା** ଆପଣଙ୍କ ଯୁକ୍ତିଯୁକ୍ତ କଥାରେ ପ୍ରତିବାଦୀ ହାର ମାନିବେ ଓ ଆପଣଙ୍କ ଉଦ୍ଦେଶ୍ୟ ପୂରଣ ହୋଇଯିବ। ଆବଶ୍ୟକତା ପୂରଣ କରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପାରିବାରିକ ସ୍ଥିତି ସ୍ୱାଭାବିକ ହୋଇଯିବାରୁ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ତୁଳା** ସ୍ୱଗୃହାଭିମୁଖୀ ଏକାଦଶସ୍ଥ ଶୁକ୍ରଙ୍କ ହେତୁ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସହ ଆପଣଙ୍କ ଅର୍ଥନୈତିକ ଅଭିବୃଦ୍ଧି ଅବଶ୍ୟ ଘଟିବ। ଅର୍ଥବଳର ସାହାଯ୍ୟ ନେଇ ନିଜର ଗୁରୁତ୍ୱପୂର୍ଣ୍ଣ କାମଟିକୁ ପୂରା ନ କରିବା ଯାଏଁ ଛାଡ଼ିବେ ନାହିଁ। ଆଜିର ଯାତ୍ରା ଶୁଭପ୍ରଦ ହେବ ଏବଂ ବ୍ୟବସାୟିକ ସ୍ଥିତି ଗତାନୁଗତିକ ରୀତିରେ ଗଡି ଚାଲିବ।

**ବିଛା** ଅମାବାସ୍ୟାର ଗ୍ରହସ୍ଥିତି ପ୍ରଭାବରେ ଚେଷ୍ଟା କରୁଥିବା କାମରେ ସଫଳତା ପାଇବାରୁ ଆନନ୍ଦ ଅନୁଭବ କରିବେ। ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରି ଆପଣ ବିଜୟୀ ହେବାର ସୂଚନା ରହିଛି। କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ କିନ୍ତୁ ରଚନାତ୍ମକ କାର୍ଯ୍ୟ ଧିମେଇ ଯାଇପାରେ।

**ଧନୁ** ମଙ୍ଗଳ ଚତୁର୍ଥସ୍ଥ ହୋଇ ଶନି ଦୃଷ୍ଟିରେ ଥିବାରୁ ଆଜି ଭଲ କାମ କଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଓଲଟା ଫଳ ପାଇବେ। ନିଜ ଲୋକ ବୋଲି ଅନ୍ୟକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବାର ସୂଚନା ରହିଛି। ପାରିବାରିକ, ଛୋଟ ଦୋକାନ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର** ରାହୁଙ୍କ ସ୍ଥିତିଜନିତ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ପରିବାର ସକାଶେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। କୌଣସି ସମ୍ଭାବ୍ୟ ଅସୁବିଧାର କଳ୍ପନା କରି ଆକସ୍ମିକ ଯାତ୍ରା ସ୍ଥଗିତ ରହିପାରେ। କୃତିତ୍ୱ ସକାଶେ ପଡୋଶୀମାନେ ପ୍ରଶଂସା କରିପାରନ୍ତି।

**କୁମ୍ଭ** ଆଜି ସୁଖଭାବସ୍ଥ ମଙ୍ଗଳ ହେତୁ ରୁକ୍ଷ ବ୍ୟବହାର କଳହକୁ ଆମନ୍ତ୍ରଣ କରିବ। ଫଳରେ ଆପଣଙ୍କର ମାନସିକ ଅସୁସ୍ଥତା ହିଁ ଶାରୀରିକ ସୁସ୍ଥତାକୁ ପ୍ରତିହତ କରିବ। ନିଜର ଲୋକମାନଙ୍କ କାର୍ଯ୍ୟକଳାପ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ।

**ମୀନ** ଧନାଧିପତିଙ୍କ ସ୍ଥିତିରୁ ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଭଲ ନ ଥିଲେ ମଧ୍ୟ ବିଶେଷ ମନ୍ଦ ହେବନାହିଁ। କିନ୍ତୁ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ଦାୟିତ୍ୱ ନେଇଥିବା କାମଟିକୁ ଅବହେଳା କରି ଅନୁତାପ କରିପାରନ୍ତି।

ଆଜି ଆଶ୍ୱିନ ମଳ ଅମାବାସ୍ୟା ଶୁକ୍ରବାର, ଅମାବାସ୍ୟାର ନିଶାପାଳନ, ମଳମାସ ଶେଷ, ମାସାନ୍ତ, ଅକ୍ଟୋବର ୧୬, ବିଶ୍ୱ ଖାଦ୍ୟ ଦିବସ, ରାଶିନକ୍ଷତ୍ର-ଦିବା ଘ.୦୨.୫୭ମି. ପର୍ଯ୍ୟନ୍ତ ହସ୍ତା/କନ୍ୟା, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୪୫.ଗତେ, ଘ.୦୬.୩୧ମି.ମଧ୍ୟେ, ଘ.୦୬.୧୭ମି.ଗତେ ଘ.୦୯.୩୬ ମି.ମଧ୍ୟେ, ଘ.୧୧.୫୫ମି. ଗତେ ଘ.୦୩.୦୦ମି. ମଧ୍ୟେ, ଘ.୦୩.୪୬ମି.ଗତେ ଘ.୦୫.୧୮ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦.୦୫ମି. ଗତେ ଘ.୧୧.୩୨ମି.ମଧ୍ୟେ ରାହୁକାଳ।


**classifieds Everyday**
0674-2580101, 2549302




**SALE**

Bhubaneswar ସୁନ୍ଦରପଦାରେ 1200sqft. plot 11,40,000/- କିଣି ଘର କରନ୍ତୁ। 9938016295. D-69183

ଭୁବନେଶ୍ୱର NH-16 ର ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ମିଳୁଛି। 9348444368. D-69180

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69179

Well developed 30'road, ଘରବାରୀ, boundary, ଇଲେକ୍ଟ୍ରିସିଟି ଥାଇ ୪ଟି ପ୍ଲଟ ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ sqft.650/- ବିକ୍ରିହେବ। Land owner- 9437033320. D-69181

ଭୁବନେଶ୍ୱର ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK Simplex/ Duplex ଅଛି। 8327785834, 9658122456. D-69182

Gharabari plot near Nakhara East College ପାଖରେ 1050/- Imfosys-IIରେ 700/- Arugul 250/- 7978124465 D-69564




Godown space available near Puri bypass area 18000/-, open space 15000/-. 9938125254 D-18598

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69778

Newly open SPA centre smart therapist full body massage: 7846814019. D-59967

Newly open SPA centre smart therapist full body massage: 7205187702. D-59966

Newly open SPA centre smart therapist full body massage: 8114970372. D-59968

Newly open full body massage SPA in Bhubaneswar. Contact: 7205058838. D-69779

Rejuvenate and Ayurvedic full body massage by smart therapist. 9348123330. D-69780

Swarna Spa gives Durga Puja offer @899 all time massages Ashok Nagar, 9556978408 D-69789

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69788

Herbal full body massage by smart / expert therapist. Contact: 8338067247. D-69787

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଏଏଆଇ ରଖିଲା ସ୍ପଷ୍ଟୀକରଣ

**ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ ଖବର ପ୍ରସଙ୍ଗ**

**ଭୁବନେଶ୍ୱର,୧୫।୧୦(ବ୍ୟୁରୋ):** ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ ସମ୍ପର୍କରେ ଏକ ଘରୋଇ ଟିଭି ଚ୍ୟାନେଲରେ ପ୍ରସାରିତ ଖବରକୁ ନେଇ ଗୁରୁବାର ସ୍ପଷ୍ଟୀକରଣ ଦେଇଛି ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ)। ୨୦୨୦ ଅଗଷ୍ଟ ୩୧ରେ ଭୁବନେଶ୍ୱର ବିମାନବନ୍ଦରରୁ କୌଣସି ଭିଭିଆଇପି ମୁଭ୍‌ମେଣ୍ଟ ହୋଇ ନ ଥିବା ନେଇ ଉକ୍ତ ଚ୍ୟାନେଲ ଆର୍‌ଟିଆଇ ତଥ୍ୟ ଆଧାରିତ ଖବର ପ୍ରସାରଣ କରିଥିଲା। ତେବେ ଏନେଇ ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ ଭି.ଭି. ରାଓ ସ୍ପଷ୍ଟୀକରଣ ଦେଇ କହିଛନ୍ତି, ଏଏଆଇ ନିୟମାନୁସାରେ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉଡାଣ ଭିଭିଆଇପି ବର୍ଗରେ ପରିଗଣିତ ହୋଇ ନ ଥାଏ। ତେଣୁ ହେଲିକପ୍ଟରରେ ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ଗସ୍ତ 'ଭିଭିଆଇପି ମୁଭ୍‌ମେଣ୍ଟ'ରେ ସ୍ଥାନିତ ହୋଇ ନାହିଁ। ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ମୋଟ ଗସ୍ତ ସମୟ ୧୯ ମିନିଟ ବୋଲି ଖବରରେ ଦର୍ଶାଯାଇଥିବାବେଳେ ବାସ୍ତବରେ ଏହା ୩୦ ମିନିଟ୍‌ର ଥିଲା। ହେଲିକପ୍ଟରର କେବଳ ଏୟାର/ଫ୍ଲାଇଙ୍ଗ୍ ଟାଇମ୍ ଅପରାହ୍ନ ୩ ଟା ୪୨ରୁ ଅପରାହ୍ନ ୪ ଟା ୧ ପର୍ଯ୍ୟନ୍ତ ଅର୍ଥାତ୍ ୧୯ ମିନିଟ୍ ଥିଲା। କିନ୍ତୁ ୱାର୍ମଅପ୍ ଓ ଷ୍ଟାର୍ଟଅପ୍ ଟାଇମ୍ ତଥା ଉଡାଣ ଓ ଅବତରଣ ସମୟ ୧୧ ମିନିଟ୍ ରହିଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି।

## ସାରୁଅ ମହିଳା ବିକାଶ ସମିତି ପାଚେରି ଭାଙ୍ଗିଲା ପ୍ରଶାସନ

**ଖୋର୍ଦ୍ଧା ଅଫିସ,୧୫।୧୦:** ଖୋର୍ଦ୍ଧା ସାରୁଅ ଗ୍ରାମରେ ଓଟିଭି କର୍ତ୍ତୃପକ୍ଷଙ୍କ ବିରୋଧରେ ଆସିଥିବା ଚାଷଜମି ହଡ଼ପ ଅଭିଯୋଗ ଘଟଣାରେ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ସାରୁଅ ମହିଳା ବିକାଶ ସମିତି ପାଚେରିକୁ ଭଙ୍ଗାଯାଇଛି। ସକାଳ ପ୍ରାୟ ୬ଟାରୁ ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୦ଘଣ୍ଟା ଧରି ଏହା ଚାଲିଥିଲା। ପାଚେରି ଭଙ୍ଗା ସମୟରେ ଉପଜିଲାପାଳ ଅଶୋକ ବେହୁରିଆ, ବେଗୁନିଆ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, ସଦର ଏସ୍‌ଡିପିଓ ସୁଶିଲ ମିଶ୍ର, ବାଘମାରୀ ଥାନା ଅଧିକାରୀ ପ୍ରଣୀତା ପଟ୍ଟନାୟକଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି, ପୋଖରୀକୁ ଯିବା ରାସ୍ତା ଏବଂ ଜଳ ଅବରୋଧ ମୁକ୍ତ ଲାଗି ପାଚେରିକୁ ଭଙ୍ଗାଯାଇଛି। ଲଘୁଚାପ ବର୍ଷା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ପାଚେରିକୁ ଭଙ୍ଗାଯାଇଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ବିନା ନୋଟିସରେ ଜିଲା ପ୍ରଶାସନ ପାଚେରି ଭାଙ୍ଗିବା ବେଆଇନ ବୋଲି ଓଟିଭି କର୍ତ୍ତୃପକ୍ଷ କହିଛନ୍ତି। ସୂଚନାଥାଉ କି, ସେପ୍ଟେମ୍ବର ୨୬ରେ ସାରୁଅ, ଜୟମଙ୍ଗଳ ଓ ଗୌଡ଼ପୁଟ ଗ୍ରାମର ଶତାଧିକ ଲୋକେ ସାରୁଅରେ ଓଟିଭି କର୍ତ୍ତୃପକ୍ଷ ଜମି ହଡ଼ପ କରିଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

ଲଘୁଚାପ ପରେ ଲଘୁଚାପ! କ୍ଷତି ସହୁଛନ୍ତି ଚାଷୀ।



# ଭୋଟବେଳେ କୋଭିଡ୍ ନିୟମ ପାଳନ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)**

କରୋନା ସମୟରେ ନିରାପଦ ଭାବେ ନିର୍ବାଚନ ପରିଚାଳନା କରିବା ଲାଗି ଭାରତ ନିର୍ବାଚନ ଆୟୋଗ ନିୟମାବଳୀ ଜାରି କରିଛନ୍ତି। ନିର୍ବାଚନରେ ନିୟୋଜିତ କର୍ମଚାରୀ ଏବଂ ଭୋଟରଙ୍କ ସୁରକ୍ଷା ନେଇ ଏଥିରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତି ମାସ୍କ ପରିଧାନ, ଭୋଟ କାର୍ଯ୍ୟରେ ବ୍ୟବହୃତ ପ୍ରକୋଷ୍ଠକୁ ସାନିଟାଇଜ, ପର୍ଯ୍ୟାପ୍ତ ସାବୁନ ମହଜୁଦ ରଖିବା, ନିୟମିତ ବିଶୋଧନ, ସାମାଜିକ ଦୂରତ୍ୱ ନିୟମ ମାନିବାକୁ ନିର୍ବାଚନ ଆୟୋଗ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କୋଭିଡ୍ ମୁକ୍ତ ନିର୍ବାଚନ ପରିଚାଳନା ପ୍ରସ୍ତୁତି ସମ୍ପର୍କରେ ଭିଡିଓ କନଫରେନ୍ସରେ ବାଲେଶ୍ୱର ଓ ଜଗତ୍‌ସିଂହପୁର ଜିଲାପାଳଙ୍କ ସହ ସମୀକ୍ଷା କରିଛନ୍ତି। ମତଦାନ ପାଇଁ ବୁଥ୍ ସଂଖ୍ୟା ବୃଦ୍ଧି କାରଣରୁ ପୋଲିଂ ଅଧିକାରୀ ସଂଖ୍ୟା ବୃଦ୍ଧି କରାଯାଇଛି। ବାଲେଶ୍ୱରରେ ୨୭୬୮ ଏବଂ ତିର୍ତ୍ତୋଲରେ ୨୯୮୪ ପୋଲିଂ ଅଧିକାରୀ ନିଯୁକ୍ତ ହୋଇଛନ୍ତି। ଅତିରିକ୍ତ ଭାବେ ୨ଜଣ ବ୍ୟକ୍ତି ଏବଂ ଜଣେ ଆଶାକର୍ମୀ ବୁଥ୍ ବାହାରେ ରହି ଥର୍ମାଲ ସ୍କ୍ରିନିଂ କରିବେ। ସାନିଟାଇଜ ବ୍ୟବସ୍ଥା ତଦାରଖ ସହ ଗ୍ଲୋଭ୍ସ ବାଣ୍ଟିବେ। ଆଉ ଜଣେ ଭୋଟରଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରିବେ। ମତଦାନ ପୂର୍ବରୁ ଭୋଟ ଗ୍ରହଣ କେନ୍ଦ୍ର ବିଶୋଧନ କରିବା ସହିତ ଅନ୍ୟ ନିୟମ ପାଳନ ଲାଗି ଜିଲାପାଳଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି।






# ଦୁଇ ଓଡ଼ିଆ ସାମାଜିକ କର୍ମୀଙ୍କୁ ମିଳିଲା 'ଜୀବରକ୍ଷା' ସମ୍ମାନ



ମିଲନ କୁମାର ସାହୁ



ସୁଶାନ୍ତ କୁମାର ପଟ୍ଟନାୟକ

**କଟକ ଅଫିସ,୧୫।୧୦**

ମାନବ ସେବା ହିଁ ମାଧବ ସେବା। ଏହି ଉକ୍ତିକୁ ଅନୁସରଣ କରି ସମାଜରେ ଅନେକ ଲୋକ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ଏଭଳି ଦୁଇ ଓଡ଼ିଆ ସାମାଜିକ କର୍ମୀ ଅନ୍ୟର ସେବା ଲାଗି ନିଜ ଜୀବନକୁ ଉତ୍ସର୍ଗୀକୃତ କରିଛନ୍ତି। ସେମାନଙ୍କର ଏହି ସେବା ଓ ପରୋପକାର ଯୋଗୁ ସେମାନଙ୍କୁ ସମ୍ମାନଜନକ ଜୀବରକ୍ଷା ସମ୍ମାନରେ ସମ୍ମାନିତ କରାଯାଇଛି। ଦିଲ୍ଲୀଠାରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ସେଣ୍ଟ ଜୋନ୍ ଆମ୍ବୁଲାନ୍ସ ଇଣ୍ଡିଆ ଅନ୍‌ଲାଇନ ବାର୍ଷିକ ମିଟ୍ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତର ବିଭିନ୍ନ ରାଜ୍ୟରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଥିବା ୨ ଓଡ଼ିଆ ସାମାଜିକ କର୍ମୀ କଟକ ଥୋରିଆସାହି ତଥା ଜିଲା ସେଣ୍ଟ ଜନ୍ ଆମ୍ବୁଲାନ୍ସର ଆଜୀବନ ସଦସ୍ୟ ଓ ଯୁଗ୍ମ ସମ୍ପାଦକ ମିଲନ କୁମାର ସାହୁ ଏବଂ ଭୁବନେଶ୍ୱର ସେଣ୍ଟ ଜୋନ ଆମ୍ବୁଲାନ୍ସର ଆସିଷ୍ଟାଣ୍ଟ କମିଶନର ସୁଶାନ୍ତ କୁମାର ପଟ୍ଟନାୟକଙ୍କୁ ଜୀବରକ୍ଷା ସମ୍ମାନରେ ସମ୍ମାନିତ କରାଯାଇଛି। ୨୦୧୬-୧୭ ବର୍ଷ ପାଇଁ ସୁଶାନ୍ତ ଓ ୨୦୧୮-୧୯ ବର୍ଷ ପାଇଁ ମିଲନଙ୍କୁ ମେଡାଲ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ରାଜ୍ୟପାଳଙ୍କ ସହିତ ଭାରତ ପ୍ରଶାସନିକ କ୍ଷେତ୍ରରେ ଥିବା ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।









# ନୀତି କାର୍ଯ୍ୟକାରୀ ହେଉ

ଏବକାର ମାନ୍ଦା ଅର୍ଥ ବ୍ୟବସ୍ଥାରେ ରିୟଲ ଇଷ୍ଟେଟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାସହ ଏହି ସେକ୍ଟର ପ୍ରଚୁର ରୋଜଗାର ସୃଷ୍ଟି କରିଥାଏ। ରିୟଲ ଇଷ୍ଟେଟର ଅନ୍ୟ ସେକ୍ଟର ଓ ଶିଳ୍ପ ସହ ଆନ୍ତଃ ଯୋଗାଯୋଗ ରହିଛି। ଏହି କାରଣରୁ ରିୟଲ ଇଷ୍ଟେଟକୁ ଦେଶରେ ପୁଣି ଚାଲୁକରିବା ଦ୍ୱାରା ଏହା ଅନ୍ୟ ସେକ୍ଟରଗୁଡ଼ିକରେ ନିଯୁକ୍ତି ସୁଯୋଗ ସୃଷ୍ଟି କରି ତାହାକୁ ମଧ୍ୟ ଚାଲୁକରିବାରେ ସାହାଯ୍ୟ କରିବ। କୋଭିଡ୍-୧୯ ମହାମାରୀ ଯୋଗୁ ଦେଶରେ ଲକ୍‌ଡାଉନ ଲାଗୁ ହେବା ଦ୍ୱାରା ହାଉସିଂ ସେକ୍ଟରକୁ କ୍ଷତି ପହଞ୍ଚିଛି। ଏହାଯୋଗୁ ଲକ୍ଷ ଲକ୍ଷ ଲୋକ ଚାକିରି ହରାଇଛନ୍ତି। ଲକ୍‌ଡାଉନ ପରେ ଘରକୁ ଫେରି ଆସିଥିବା ସଂଖ୍ୟାଧିକ ପ୍ରବାସୀ ଶ୍ରମିକ ମୁଖ୍ୟତଃ ମେଟ୍ରୋସହର କିମ୍ବା ଦ୍ୱିତୀୟ ଶ୍ରେଣୀର ସହରଗୁଡ଼ିକରେ ରିୟଲ ଇଷ୍ଟେଟରେ କାମ କରୁଥିଲେ। ଚଳିତ ବର୍ଷ ଏପ୍ରିଲରୁ ଜୁଲାଇ ମଧ୍ୟରେ ଫେରି ଆସିଥିବା ପ୍ରବାସୀ ଶ୍ରମିକମାନଙ୍କ ମଧ୍ୟରେ ଏମାନେ ଏକ ସିଂହଭାଗ ଥିଲେ। ଏହି ପରିପ୍ରେକ୍ଷୀରେ ରିଜର୍ଭବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ମାର୍ଚ୍ଚ ୩୧,୨୦୨୨ ପର୍ଯ୍ୟନ୍ତ ମଞ୍ଜୁର ହେବାକୁ ଥିବା ନୂଆ ଋଣର ରିସ୍କ ୱେଟ୍ ଏବଂ ଲୋନ-ଟୁ-ଭାଲ୍ୟୁ( ଏଲ୍‌ଟିଭି) ଅନୁପାତର ପୁନର୍ଗଠନ କରି ଏକ ଉତ୍ତମ ପଦକ୍ଷେପ ନେଇଛନ୍ତି। ଏହାଦ୍ୱାରା ଗ୍ରାହକମାନଙ୍କୁ ଅଧିକ ଟଙ୍କା ଦେବାରେ କୌଣସି ବାଧା ରହିବନି। ଦେଶରେ ରିୟଲ ଇଷ୍ଟେଟ ସେକ୍ଟରକୁ ଆଗକୁ ନେବା ଲାଗି ଆବଶ୍ୟକ ରହିଥିବା ଜରୁରୀ ପାଣ୍ଠି ଯୋଗାଡ କରିବାରେ ଏହି ପଦକ୍ଷେପ ସାହାଯ୍ୟ କରିବ। ଗ୍ରାହକଙ୍କ ପାଇଁ ଗୃହଋଣ ଶସ୍ତାହେବ ଓ ସହଜରେ ବି ମିଳିପାରିବ। ପୂର୍ବରୁ ଋଣ ପରିମାଣ ସ୍ଥିର କରି ତାହାକୁ ଗ୍ରାହକଙ୍କୁ ଦେବା ପୂର୍ବରୁ ବ୍ୟାଙ୍କଗୁଡ଼ିକ ବିଭିନ୍ନ

## ଆଜିର ଅର୍ଥନୀତି

ଦିଗକୁ ଭଲଭାବେ ଦେଖୁଥିଲେ। ସେମାନେ ଗ୍ରାହକଙ୍କ କ୍ରେଡିଟ ପ୍ରୋଫାଇଲକୁ ଏହା ସହ ସାମିଲ କରୁଥିଲେ। ବିଭିନ୍ନ ନୀତିନିୟମ ଦୃଷ୍ଟିରୁ ଋଣଦାତା ଋଣ ଦେବା ଲାଗି ଅସମର୍ଥ ହେଉଥିଲେ। ଉଦାହରଣ ସ୍ୱରୂପ ; ଯଦି ଗୋଟିଏ ବ୍ୟାଙ୍କ ଗ୍ରାହକଙ୍କୁ ୭୫ ଲକ୍ଷ ଟଙ୍କାର ଋଣ ଦିଏ ସେ କ୍ଷେତ୍ରରେ ଗ୍ରାହକକୁ ୧୫ ଲକ୍ଷ ଟଙ୍କା ଯୋଗାଡ କରିବାକୁ କୁହାଯାଉଥିଲା ଓ ପରେ ଋଣଦାତା ୬୦ ଲକ୍ଷ ଦେଉଥିଲା। ଏ କ୍ଷେତ୍ରରେ ୬୦ ଲକ୍ଷ( ଲୋନ୍ ଭାଲ୍ୟୁ)ଟଙ୍କାକୁ ୭୫ ଲକ୍ଷ ଟଙ୍କା( କିଣିଥିବା ଗୃହର ମୂଲ୍ୟ)ରେ ଭାଗ କଲେ ଯାହା ହେବ ତାହା ହିଁ ଏଲ୍‌ଟିଭି। ଏଲ୍‌ଟିଭି ୦.୮ ପ୍ରତିଶତ ହେବ। ଯଦି ଏଲ୍‌ଟିଭି ବୃଦ୍ଧିପାଏ ତେବେ ଆଡଭାନ୍ସ ପାଇଁ ବ୍ୟାଙ୍କର ରିସ୍କୱେଟ୍ ବଢିଯିବ। ଏଲ୍‌ଟିଭି ବୃଦ୍ଧିପାଇବା ଦ୍ୱାରା ଲୋନର ରିସ୍କ୍‌ୱେଟ କମିବ। ଏହାଦ୍ୱାରା ଆଗକୁ ଗ୍ରାହକଙ୍କୁ ବ୍ୟାଙ୍କଗୁଡ଼ିକ ସହଜରେ ଋଣ ଦେଇପାରିବେ।

ବ୍ୟାଙ୍କଗୁଡିକ ଖୁବ୍ ଶୀଘ୍ର ସେମାନଙ୍କ ଋଣ ରାଶି ଗୃହକ୍ରେତାଙ୍କ ପାଇଁ ଖୋଲିଦେବେ କହିବା ଖୁବ ସହଜ ହୋଇପାରେ। ନୀତି ଗୋଟିଏ ସ୍ତରରେ ଥାଏ,କିନ୍ତୁ ଯେତେବେଳେ ଏହା କାର୍ଯ୍ୟକାରୀ ହୁଏ ସେତେବେଳେ ବ୍ୟାଙ୍କଗୁଡ଼ିକ ସ୍ୱାଧୀନ ଭାବେ ନିଷ୍ପତ୍ତି ନିଅନ୍ତି। ନିକଟରେ ମହାମାରୀ ଭଳି ଦୁର୍ଦ୍ଦିନରେ ଲୋକମାନଙ୍କ ଆର୍ଥିକ କଷ୍ଟ ଦୂର କରିବା ଲାଗି ସେଣ୍ଟ୍ରାଲ ବ୍ୟାଙ୍କ୍ ଗୋଲ୍ଡ ଲୋନ ବା ସୁନା ଋଣ ପାଇଁ ଏଲ୍‌ଟିଭି ଅନୁପାତକୁ ପୂର୍ବ ୭୫ ପ୍ରତିଶତରୁ ୯୦ ପ୍ରତିଶତକୁ ବୃଦ୍ଧି କରିଥିଲା। ପ୍ରାୟ ବ୍ୟାଙ୍କ ଏହି ନିୟମ ପାଳନ କଲେନାହିଁ। ଗୃହଋଣ ସମ୍ପର୍କରେ ଆର୍‌ବିଆଇର ଏବକାର ନିର୍ଦ୍ଦେଶ ସମଦଶା ଭୋଗ କରିପାରେ। ଏବକାର ଋଣଗ୍ରହୀତାଙ୍କୁ ନୂଆ ଯୋଜନା ବାହାରେ ରଖିବାକୁ ମଧ୍ୟ ସହଜରେ ଗ୍ରହଣ ହେଉନାହିଁ। ଋଣନେଇଥିବା ଗ୍ରାହକ ସେମାନଙ୍କ ସମ୍ପତ୍ତି ବନ୍ଧକ ରଖି ଅଧିକ ଟଙ୍କା ଚାହିଁପାରନ୍ତି, ଯାହାକୁ କମ୍ ଏଲ୍‌ଟିଭି କାରଣରୁ କୌଣସି କ୍ଷେତ୍ରରେ ଅବମୂଲ୍ୟାୟନ କରାଯାଇପାରେ। ଋଣଦାତାମାନେ ଋଣ ନେଇଥିବା ଏବକାର ଗ୍ରାହକଙ୍କୁ ଏଥିରେ ସାମିଲ କରିବା ସହ ସେମାନଙ୍କୁ ଅଧିକ ଏଲ୍‌ଟିଭି ଆଧାରରେ ଲାଭ ଦେବା ଉଚିତ। ଏମିତି ସଂଖ୍ୟାଧିକ ଋଣ ଗ୍ରହୀତାଙ୍କୁ ଅଧିକ ଏଲ୍‌ଟିଭିର ଲାଭରୁ ବଞ୍ଚିତ କରି ରଖିଲେ ଆର୍‌ବିଆଇର ଏହି ପଦକ୍ଷେପର ଅସଲ ଉଦ୍ଦେଶ୍ୟ ପୂରଣ ହୋଇପାରିବନି। ଗୃହଋଣର ଏଲ୍‌ଟିଭି ବୃଦ୍ଧିକରିବା ଦ୍ୱାରା ବ୍ୟାଙ୍କଗୁଡ଼ିକର ରିସ୍କୱେଟ ନିଶ୍ଚିତ କମିବା ସହ ଏହାକୁ ବିଭିନ୍ନ ନୀତିନିୟମରୁ ମୁକ୍ତ କରିବ। ହେଲେ ଏହା ବ୍ୟାଙ୍କଗୁଡ଼ିକର ଇଚ୍ଛା ଉପରେ ନିର୍ଭର କରେ। ସେମାନେ ଯାହା ଚାହିଁବେ ସେଥିପାଇଁ ସ୍ୱାଧୀନ ଭାବେ ନିଷ୍ପତ୍ତି ନେଇପାରିବେ। ଗ୍ରହଣ କରିବାକୁ ହେବ ଯେ, ବ୍ୟାଙ୍କଗୁଡ଼ିକ ସୁଧହାର କମାଇ ଆଗକୁ ଘର କିଣିବାକୁ ଚାହୁଁଥିବା ଗ୍ରାହକଙ୍କୁ ଲୋନ ନେବା ଲାଗି ଉତ୍ସାହିତ କରିବ। କିନ୍ତୁ ଗୋଲ୍ଡ ଲୋନର ଏଲ୍‌ଟିଭି ବୃଦ୍ଧି କ୍ଷେତ୍ରରେ ଯାହା ଘଟିଲା ଗୃହଋଣ କ୍ଷେତ୍ରରେ ଏଲ୍‌ଟିଭି ବୃଦ୍ଧିକରିବା ଦ୍ୱାରା ସମାନ ପରିସ୍ଥିତି ଉପୁଜିବାର ସମ୍ଭାବନା ରହିଛି। କାଗଜ କଲମରେ କୌଣସି ନୀତି ଲାଗୁ ହୋଇଗଲେ ଯେ ତାହା ହିତାଧିକାରୀମାନଙ୍କ ପାଇଁ ଲାଭ ପହଞ୍ଚିବ ତାହା ଭାବିବା ଭୁଲ। ବ୍ୟାଙ୍କଗୁଡ଼ିକ କ୍ଷେତ୍ରରେ ନୀତି ଓ ତା କାର୍ଯ୍ୟକାରିତା ମଧ୍ୟରେ ବିରାଟ ପାଚେରି ରହିଛି।

# ଅନାହାର, ଖାଦ୍ୟ ଅପଚୟ ଓ ଆମ ଯୋଜନା



ଇପ୍ସିତା ମହାନ୍ତି

ଭାରତରେ ପ୍ରତିଦିନ ୧୯କୋଟି ଲୋକ ଅନାହାର ରହୁଛନ୍ତି। ସାରାଦୁନିଆରେ ଏହି ସଂଖ୍ୟା ୮୨କୋଟି ଡେଇଁଯିବ। ଗତ ୨୦୧୯ର ବିଶ୍ୱ ଖାଦ୍ୟ ଦିବସ ଅବସରରେ ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ତରଫରୁ ଏକ ପରିସଂଖ୍ୟାନ ଜାରି ହୋଇଥିଲା। ସାରାଦୁନିଆର ୧୧୭ଟି ଦେଶକୁ ନେଇ ହୋଇଥିବା ଏହି ସର୍ବେକ୍ଷଣର ପରିସଂଖ୍ୟାନରେ ଆମ ଦେଶ ଭାରତ ୧୦୨ତମ ସ୍ଥାନରେ ରହିଛି। ବଡକଥା ହେଉଛି ପଡୋଶୀ ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ନେପାଳ ସହ ଉତ୍ତରକୋରିଆ ଆମଠାରୁ ଖୁବ୍ ଭଲ ସ୍ଥିତିରେ ରହିଛନ୍ତି। ଏହି ତଥ୍ୟ ଅନୁସାରେ ସାରା ଦୁନିଆରେ କୁପୋଷଣ ମାମଲାରେ ଭାରତ ୧ମ ସ୍ଥାନରେ ରହିଛି। ୨୦୧୮ର ପରିସଂଖ୍ୟାନ ଅନୁଯାୟୀ ବିଶ୍ୱର ୭୭ଟି ଦେଶ ମଧ୍ୟରେ ଭାରତ ୫୫ତମ ସ୍ଥାନରେ ଥିଲା। ତା'ମାନେ ଏହି ମାମଲାରେ ଭାରତର ସ୍ଥିତି ସୁଧୁରିବାର ନାଁ ଧରୁନାହିଁ।

ଖାଦ୍ୟଦ୍ରବ୍ୟ ଉତ୍ପାଦନରେ ସାରାଦୁନିଆରେ ଚାଇନା ପରେ ଭାରତର ସ୍ଥାନ ୨ୟ। ଅର୍ଥାତ୍ ଆମ ଦେଶରେ ଖାଦ୍ୟରେ ଅଭାବ ହିଁ ନାହିଁ। ଏଥିସତ୍ତ୍ୱେ ଭାରତରେ ୫ବର୍ଷରୁ କମ୍ ବୟସର ଦୈନିକ ୪ହଜାର ୫ଶହ ଶିଶୁ ଅନାହାର ଓ କୁପୋଷଣ କାରଣରୁ ଜୀବନ ହରାଉଛନ୍ତି। ଜାତିସଂଘର ବିଶ୍ୱ ଖାଦ୍ୟ ସଂଗଠନର ତଥ୍ୟ ଅନୁସାରେ ଭାରତରେ ଜନ୍ମିତ କିଛି ପିଢି ଜନ୍ମ ହେବା ମାତ୍ରେ କୁପୋଷଣ ଓ ଅନାହାରର ଶିକାର ହୋଇଯାଉଛନ୍ତି। ଏଠାରେ କୁପୋଷଣରେ ପୀଡିତା ମା'ମାନେ ହିଁ କୁପୋଷଣଯୁକ୍ତ ସନ୍ତାନକୁ ଜନ୍ମ ଦେଉଛନ୍ତି। ଏହି ପ୍ରକ୍ରିୟା କ୍ରମାଗତ ଭାବେ ଚାଲୁ ରହିଛି। ଦେଶର ଜିଡିପିରେ ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଓ ଗୁଜରାଟ ରାଜ୍ୟ ସର୍ବାଧିକ ଯୋଗଦାନ ଦେଇଥାନ୍ତି। ତଥାପି ଏହି ରାଜ୍ୟମାନେ ଅନାହାର ତଥା କୁପୋଷଣ କବଳରୁ ମୁକୁଳି ପାରିନାହାନ୍ତି। ତେଣୁ ଭାରତର ସୁପରପାୱାର ପଥରେ ଏହା ଅନ୍ତରାୟ ସୃଷ୍ଟି କରୁଛି କହିଲେ ଭୁଲ୍ ହେବ ନାହିଁ।

ଖାଦ୍ୟଦ୍ରବ୍ୟ ନଷ୍ଟ କରିବାରେ ସାରାଦୁନିଆରେ ଭାରତୀୟମାନେ ବେଶ୍ ଆଗରେ ରହିଛନ୍ତି। ଖାଦ୍ୟ ପୋଷଣୀୟ ସୂଚକ ୨୦୧୭ର ତଥ୍ୟ ଅନୁଯାୟୀ ମୁଣ୍ଡପିଛା ଭୋଜନ ଅପଚୟ ମାମଲାରେ ସାରାଦୁନିଆରେ ଅଷ୍ଟ୍ରେଲିଆ ୧ମ ସ୍ଥାନରେ ରହିଛି। ଏଠାକାର ପ୍ରତିବ୍ୟକ୍ତି ବାର୍ଷିକ ୩ଶହ ୬୧କିଲୋ ଖାଦ୍ୟ ଫୋପାଡିଥାନ୍ତି । ୨ୟରେ ଥିବା ଆମେରିକାରେ ଏହାର ପରିମାଣ ୨ଶହ ୭୮କିଲୋ ଏବଂ ୩ୟରେ ଥିବା କାନାଡ଼ାରେ ଏହାର ପରିମାଣ ୧ଶହ ୨୩କିଲୋ ହୋଇଥାଏ। ଆଉ ଭାରତରେ ପ୍ରତି ବ୍ୟକ୍ତି ବାର୍ଷିକ ହାରାହାରି ୫୧କିଲୋ ଖାଦ୍ୟ ନଷ୍ଟ କରିଥାନ୍ତି। ୨୦୧୮ର ଏକ ତଥ୍ୟ ଅନୁସାରେ ଭାରତରେ ପ୍ରସ୍ତୁତ ହେଉଥିବା ୪୦ପ୍ରତିଶତ ଖାଦ୍ୟ ନଷ୍ଟ ହୋଇଥାଏ। ଏହି ପରିମାଣର ଖାଦ୍ୟରେ ସାରା ବ୍ରିଟେନବାସୀଙ୍କ ପେଟ ଭରାଯାଇ ପାରିବ। ଅନ୍ନକୁ ଦେବୀ ତୁଲ୍ୟ ବିଚାର କରୁଥିବା ଆମଦେଶରେ ଅନ୍ନର ହତାଦର ତଥା ଅପମାନ ଯେତିକି ପରିତାପର ବିଷୟ, ୧୯କୋଟି ଭୋକିଲାଙ୍କ କଥା କେହି ବି ଚିନ୍ତା ନ କରିବା ସେତିକି ଯନ୍ତ୍ରଣାଦାୟକ।

ସାରାଦୁନିଆର ଅର୍ଥ ବ୍ୟବସ୍ଥାରେ ଭାରତର ସ୍ଥାନ ୬ଷ୍ଠ ତମ। ଆମ ପାଖରେ ରହିଛି ଦୁନିଆର ୪ର୍ଥ ଶକ୍ତିଶାଳୀ ସେନା। ପୁଣି ଆରବପତିଙ୍କ ତାଲିକାରେ ଆମଦେଶ ଦୁନିଆରେ ୮ମ ସ୍ଥାନରେ। ତା'ମାନେ ଅର୍ଥରେ, ଖାଦ୍ୟରେ, ଶକ୍ତିରେ ଭାରତ ଆଜି ପଛରେ ନାହିଁ। ତଥାପି ପରିସଂଖ୍ୟାନକୁ ଦେଖିଲେ ଲାଗୁଛି ଅନାହାର ସହ ଚାଲିଥିବା ଲଢେଇରେ ଭାରତ ହାରି ଯାଇଛି । ଅନ୍ୟ ଏକ ତଥ୍ୟରୁ ଜଣାପଡିଛି ନଷ୍ଟ ହେଉଥିବା ଖାଦ୍ୟର ୨୫ପ୍ରତିଶତକୁ ରୋକିଦେଲେ ସେଥିରେ ଦୁନିଆର ୮୨କୋଟି ଭୋକିଲାଙ୍କ ପେଟ ଭରି ହେବ।

## ବିଶ୍ୱ ଖାଦ୍ୟ ଦିବସ ଉପଲକ୍ଷେ

ଜାତିସଂଘର ତଥ୍ୟ ଅନୁସାରେ ସାରା ଦୁନିଆରେ ନଷ୍ଟ ହେଉଥିବା ଖାଦ୍ୟର ଓଜନ ୧ଶହ ୩୦କୋଟି ଟନରୁ ଅଧିକ ହେବ। ବିକଶିତ ଦେଶଗୁଡ଼ିକ ପ୍ରାୟ ୪୭ଲକ୍ଷ କୋଟି ମୂଲ୍ୟର ଖାଦ୍ୟ ନଷ୍ଟ କରୁଥିବା ବେଳେ ବିକାଶଶୀଳ ଦେଶରେ ଏହାର ମୂଲ୍ୟ ୨୨ଲକ୍ଷ କୋଟି। ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନର ତଥ୍ୟ ଅନୁସାରେ ନଷ୍ଟ ହେଉଥିବା ଏସବୁ ଖାଦ୍ୟରୁ ମିଥେନ ନାମକ କ୍ଷତିକାରକ ଗ୍ୟାସ ଉତ୍ପନ୍ନ ହୋଇଥାଏ। ଯାହା ଅଙ୍ଗାରକାମ୍ଳ ତୁଳନାରେ ୨୮ଗୁଣ କ୍ଷତିକାରକ। ଏହି ସଂଗଠନର ତଥ୍ୟ ଅନୁସାରେ ନଷ୍ଟ ହେଉଥିବା ଭୋଜନର ଯଦି ସ୍ୱୟଂ ଏକ ଦେଶ ଥାଆନ୍ତା, ତେବେ ତାହା ଅଙ୍ଗାରକାମ୍ଳ ନିର୍ଗତରେ ଦୁନିଆର ୩ୟ ସ୍ଥାନରେ ରହିଥାନ୍ତା। ଯେଉଁସବୁ ଖାଦ୍ୟକୁ ଆମେ ଆବର୍ଜନା କୁଣ୍ଡରେ ଫୋପାଡି ନିଜ ଦାୟିତ୍ୱ ସାରିଦେଉ ତାହା ଯେ ବିଶ୍ୱତାପନ ବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ ସେ ବିଷୟରେ ଆମେ ସମ୍ପୂର୍ଣ୍ଣ ଅଜ୍ଞ।

ଆଜକୁ ୩ଶହ ବର୍ଷ ପୂର୍ବେ ଆମେରିକାର ଅନ୍ୟତମ ସଂସ୍ଥାପକ ବେଞ୍ଜାମିନ ଫ୍ରାଙ୍କଲିନ ଥରେ କହିଥିଲେ ; ମୁଁ ଯେତିକି ଲୋକଙ୍କୁ ଅନାହାରରେ ମରୁଥିବା ଦେଖୁଛି ତା' ଠାରୁ ଅଧିକ ଲୋକଙ୍କୁ ଅତ୍ୟଧିକ ଭୋଜନ କରିବା କାରଣରୁ ମରୁଥିବା ଦେଖୁଛି। ସେହିଭଳି ଦ ନ୍ୟୁ ଇଂଲଣ୍ଡ ଜର୍ନାଲ ଅଫ୍ ମେଡିସିନର ତଥ୍ୟ ଅନୁସାରେ ସାରା ଦୁନିଆର ୩୦ପ୍ରତିଶତ ଅର୍ଥାତ୍ ୨ଶହ କୋଟି ଲୋକ ଆଜି ମେଦବହୁଳତାର ବଳୟ ମଧ୍ୟରେ। ତା'ମାନେ ଦୁନିଆର ୨ଶହ କୋଟି ଲୋକ ନିଜ ଆବଶ୍ୟକତା ଠାରୁ ଅଧିକ ଖାଆନ୍ତି କିନ୍ତୁ ୮୨କୋଟି ଲୋକଙ୍କୁ ଆଦୌ ଖାଇବାକୁ ମିଳେନାହିଁ। ଯେଉଁଥିପାଇଁ ଆମ ଦେଶର ଚାଷୀକୁଳ ଆଜି ଉପଯୁକ୍ତ ପାରିଶ୍ରମିକ ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଏଠାରେ ଚାଷୀଙ୍କ ଅବସ୍ଥା ଅତି ଦୟନୀୟ। ଭାରତରେ କେବଳ ସାଧାରଣ ଲୋକଙ୍କ ଦ୍ୱାରା ଖାଦ୍ୟ ନଷ୍ଟ ହୋଇ ନ ଥାଏ। ସରକାରୀ ସ୍ତରରେ ବି ଖାଦ୍ୟଶସ୍ୟର ଅପଚୟକୁ ରୋକାଯାଇ ପାରୁନାହିଁ। ଏଠାରେ ଆବଶ୍ୟକ ସଂଖ୍ୟକ ଶୀତଳଭଣ୍ଡାରର ଅଭାବରୁ ପ୍ରତିବର୍ଷ ୯୯ହଜାର କୋଟି ଟଙ୍କାର ଖାଦ୍ୟଶସ୍ୟ ନଷ୍ଟ ହେଉଥିବା ଜଣାଯାଇଛି। ତେଣୁ ଶୀତଳଭଣ୍ଡାରର ନିର୍ମାଣ ସହ ଏହାର ରକ୍ଷଣାବେକ୍ଷଣ ଦିଗରେ ସରକାର ଉଚିତ ପଦକ୍ଷେପ ନେବା ଆବଶ୍ୟକ।

ବଡକଥା ହେଉଛି ଯେଉଁମାନେ ଅନାୟାସରେ ଖାଇବାକୁ ପାଉଛନ୍ତି ସେମାନଙ୍କ ପାଖରେ ଅନାହାର ବିଷୟରେ ଚିନ୍ତା କରିବାକୁ ନା ସମୟ ଅଛି ନା ଖାଦ୍ୟକୁ ନଷ୍ଟ ନ କରିବା ଭଳି ଅଛି ଦୃଢ ଇଚ୍ଛାଶକ୍ତି। ତେଣୁ ଏଭଳି ସମସ୍ୟା ପ୍ରତି ଏମାନେ ଆଦୌ ଯତ୍ନଶୀଳ ନୁହନ୍ତି । ଅବଶ୍ୟ ସଚେତନତା ଦ୍ୱାରା ନିଜ ପାଖଆଖର ଲୋକଙ୍କୁ ଆମେ ଅନାହାର ଓ କୁପୋଷଣରୁ ମୁକ୍ତ କରିପାରିବା। ଏଥିପାଇଁ ଆମକୁ କେବଳ ଅତି ଛୋଟଛୋଟ ପ୍ରୟାସ କରିବାକୁ ହେବ। ପ୍ରଥମତଃ ଛୋଟ ଥାଳି ଅବା ପାତ୍ରରେ ଭୋଜନ ଗ୍ରହଣ କଲେ ଭୋକ ଅନୁଯାୟୀ ଆମେ ଖାଦ୍ୟ ଖାଇବାକୁ ଚାହିଁବା। ରାଶନ ସାମଗ୍ରୀ ଓ ପନିପରିବା କିଣିଲା ବେଳେ ଘରେ ମହଜୁଦ ଥିବା ଜିନିଷ କିଣିବା ନାହିଁ। ପୁଣି ଖାଲି ପେଟରେ ଏସବୁ ଜିନିଷ କିଣିବା ଅନୁଚିତ। କାରଣ ମନୋବୈଜ୍ଞାନିକ ଦୃଷ୍ଟି କୋଣରୁ ଭୋକିଲା ପେଟରେ ରାଶନ କିଣିବାକୁ ଗଲେ ବହୁ ସମୟରେ ନିହାତି ଅନାବଶ୍ୟକ ଜିନିଷ କିଣିବା ପାଇଁ ଇଚ୍ଛା ହୋଇଥାଏ। ଅଧିକ ଜିନିଷ କିଣି ଆଣିଲେ, ଏଗୁଡିକ ଠିକ୍ ସମୟରେ ବ୍ୟବହାର ହୋଇ ନ ପାରି ପଡିରହି ନଷ୍ଟ ହୁଏ। ଇଂଲିଶରେ ଏକ ପ୍ରବାଦ ଅଛି – Charity begins at home. ଅର୍ଥାତ୍ ପରୋପକାରର ଅୟମାରମ୍ଭ ନିଜ ଘରୁ ହୋଇଥାଏ। ତେଣୁ ନିଜ ବଳକା ଖାଦ୍ୟକୁ ଭୋକିଲାଙ୍କୁ ଦେଇ ଅନାହାରକୁ ଦୂରେଇବା ପାଇଁ ପ୍ରୟାସ କରିବା ଉଚିତ।

ଏବେ ଆମ ଦେଶର କେତେକ ସହରରେ ଗୋଷ୍ଠୀ ଶୀତଳୀକରଣ ଯନ୍ତ୍ର ବା ଫ୍ରିଜର ବ୍ୟବସ୍ଥା ହୋଇଛି। ନିଜ ଘରର ବଳକା ଖାଦ୍ୟକୁ ଲୋକେ ଆବଶ୍ୟକ ହେଉଥିବା ଲୋକଙ୍କ ପାଇଁ ଏଠାରେ ରଖିଥାନ୍ତି। ପୁଣି କେତେକ ସ୍ଥାନରେ ସାମାଜିକ ଗଣମାଧ୍ୟମରେ ଲୋକେ ପରସ୍ପର ସହ ସମ୍ପର୍କ ରକ୍ଷାକରି ନିଜ ଘରର ବଳକା ଖାଦ୍ୟକୁ ଭୋକିଲାଙ୍କ ପାଖରେ ପହଞ୍ଚାଉଛନ୍ତି। କେବଳ ଭାରତରେ ନୁହେଁ ସମଗ୍ର ଦୁନିଆ ପାଇଁ ଅନାହାର ଏକ ପ୍ରମୁଖ ସମସ୍ୟା। ଫିଲିପାଇନ୍ସର ରାଜଧାନୀ ମାନିଲାରେ ଆବର୍ଜନା କୁଣ୍ଡରେ ଫୋପଡ଼ା ହୋଇଥିବା ଖାଦ୍ୟକୁ ପୁନଃଚକ୍ରଣ କରି ଲୋକେ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି; ଯାହାକୁ ପକ୍ ପକ୍ ଫୁଡ କହନ୍ତି। ଦୁନିଆର ବିତ୍ତଶାଳୀ ରାଷ୍ଟ୍ର ଆମେରିକାରେ ଆବଶ୍ୟକତାର ୨ଗୁଣ ଖାଦ୍ୟ ପ୍ରସ୍ତୁତ ହୋଇଥାଏ। ତେଣୁ ଏଠାରେ ରେକର୍ଡ ପରିମାଣର ଖାଦ୍ୟ ନଷ୍ଟ ହୁଏ। ଏଠାରେ ମଧ୍ୟ କିଛି ସାମାଜିକ ସଂଗଠନର କର୍ମକର୍ତ୍ତା ଆବର୍ଜନା କୁଣ୍ଡରେ ଫିଙ୍ଗା ହୋଇଥିବା ଖାଦ୍ୟକୁ ଖୁବ୍ ଯତ୍ନର ସହକାରେ ସଂଗ୍ରହ କରି ଭୋକିଲାଙ୍କ ପାଖରେ ପହଞ୍ଚାଉଛନ୍ତି। ଏଭଳି କାର୍ଯ୍ୟକୁ ଡମ୍ପୟାର୍ଡ ଡାଇଭିଂ କୁହାଯାଉଛି।

ଆମଦେଶର ସ୍ୱାଧୀନତାଠାରୁ ଏଯାଏ ଗରିବ ହଟାଓ ନାରାଟି ପ୍ରତ୍ୟେକ ରାଜନୈତିକ ଦଳ ଓ ନେତାଙ୍କର ସବୁଠାରୁ ପସନ୍ଦ ରହିଆସିଛି। ସମାଜଶାସ୍ତ୍ରୀ ଓ ଅର୍ଥନୀତି ବିଶାରଦ ଅନାହାର ଏବଂ କୁପୋଷଣରେ ଜର୍ଜରିତ ଭାରତର ଛବିକୁ ବଦଳାଇବା ପାଇଁ ଅଜସ୍ର ପରାମର୍ଶ ଦେଇ ଆସିଛନ୍ତି କିନ୍ତୁ ଏସବୁ ବଡବଡ ସିଦ୍ଧାନ୍ତ ତୁଳନାରେ ଲୋକଙ୍କ ଛୋଟଛୋଟ ପ୍ରୟାସ ସମର୍ଥ ହେଉଛି। କିନ୍ତୁ ଭୋକିଲାଙ୍କ ନିକଟରେ ନଷ୍ଟ ହେଉଥିବା ଖାଦ୍ୟ ପହଞ୍ଚାଇବା ପାଇଁ ସରକାରୀ ସ୍ତରରେ ନା କୌଣସି ପ୍ରୟାସ ହେଉଛି ନା କିଛି ଉପାୟ ବାହାର କରାଯାଉଛି। ଅବଶ୍ୟ ଗତ ୨୦୧୯ ବିଶ୍ୱ ଖାଦ୍ୟ ଦିବସ ଅବସରରେ ଭାରତ ସରକାର ଖାଦ୍ୟସୁରକ୍ଷା ମିତ୍ର ଯୋଜନା ଆରମ୍ଭ କରିଥିଲେ। ଏହି ଖାଦ୍ୟସୁରକ୍ଷା ମିତ୍ରଙ୍କୁ କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଓ ମାନ ନିର୍ଦ୍ଧାରଣ ସଂସ୍ଥା ଆବଶ୍ୟକ ପ୍ରଶିକ୍ଷଣ ଯୋଗାଇ ଦେଉଛନ୍ତି। ସ୍ୱେଚ୍ଛାକୃତ ଭାବେ ଯେକୌଣସି ବ୍ୟକ୍ତି ଏଥିରେ ସାମିଲ ହୋଇ ସମାଜସେବାରେ ନିଜକୁ ନିୟୋଜିତ କରାଇପାରିବେ। ଏମାନେ ଲୋକଙ୍କୁ ଭୋଜନ ନଷ୍ଟ ନ କରିବା ପାଇଁ ସଚେତନ କରାଇବା ସହ ଭୋକିଲାଙ୍କ ନିକଟରେ ବଳକା ଖାଦ୍ୟ ପହଞ୍ଚାଇପାରିବେ।

ବୈପାରୀଗୁଡ଼ା,କୋରାପୁଟ
ମୋ: ୬୩୭୦୬୭୯୪୦୫
lmohanty.1991@gmail.com

# ଜଟିଳ ବିରୋଧାଭାସ



ଡ. ପ୍ରସନ୍ନ କୁମାର ମହାନ୍ତି

ଏ ପ୍ରବନ୍ଧରେ ପ୍ରତିଫଳିତ ମୋର ଦ୍ୱନ୍ଦ୍ୱ ଓ ଜିଜ୍ଞାସା ପାରମ୍ପରିକ ବିଚାର ଓ ମତ ସମ୍ବନ୍ଧିତ ପରସ୍ପର ବିରୋଧୀ ତତ୍ତ୍ୱର ସଂଘାତରୁ ଜାତ। ଏହି ପ୍ରଶ୍ନଳିତା କାହା ଉପରେ ଲଦି ଦେବାର ମୋର ଉଦ୍ଦେଶ୍ୟ ନୁହେଁ। ମୋ ବିଚାରଧାରାକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଦେଇ ନିଜସ୍ୱ ଅବବୋଧକୁ ମହତ୍ତ୍ୱପୂର୍ଣ୍ଣ ମଣିବାରେ କୌଣସି ବାଧା ନାହିଁ।

ଆମର ପୁରାଣକାର, ମୁନି, ଋଷି, ବୁଦ୍ଧିଜୀବୀ ଶହ ଶହ ବର୍ଷ ଧରି ବିଭିନ୍ନ ପରିପ୍ରେକ୍ଷୀରେ ବିଭିନ୍ନ ଧାର୍ମିକ, ଆଧ୍ୟାତ୍ମିକ, ସାମାଜିକ, ସାଂସାରିକ ଅଥବା ସଂକ୍ଷେପରେ କହିଲେ ନାନା ଐହିକ ଓ ପାରତ୍ରିକ ପ୍ରସଙ୍ଗକୁ ନେଇ ଆପଣାର ମତ ପ୍ରତିଫଳିତ କରି ଆସିଛନ୍ତି ଏବଂ ସମାଜର ଜନଗଣ ସେସବୁକୁ କାଳକ୍ରମେ ନିର୍ବିବାଦରେ ଆପ୍ତବଚନ ଭାବେ ସଭକ୍ତି ଗ୍ରହଣ କରି ନେଇଛନ୍ତି। କିନ୍ତୁ ଏସବୁ ପ୍ରାଚୀନ ଓ ପାରମ୍ପରିକ ଅବଧାରଣାକୁ ଅନୁସରଣ କରୁ କରୁ ବେଳେ ବେଳେ ଆମେ ଉତ୍କଟ ବିରୋଧାଭାସ ମଧ୍ୟରେ ନିଜକୁ ଆବିଷ୍କାର କରୁ ଏବଂ ଅଗତ୍ୟା କିଛିଟା ଅନନ୍ୟୋପାୟ ଓ ଅସହାୟ ଦିଶିବାକୁ ବାଧ ହେଉ। ଅବଶ୍ୟ ଏକଥାକୁ ଅସ୍ୱୀକାର କରି ହେବ ନାହିଁ ଯେ, ପାରମ୍ପରିକ ବିଚାର ଓ ଆଚାର ଦୃଷ୍ଟିରୁ ବିଶ୍ଳେଷଣ କଲେ ଦେଖିବା ନାନା ବିରୋଧାଭାସ ମଧ୍ୟରେ ସାମାଜିକ ଜୀବନ ଜିଇବାରେ ଆମେ ବହୁକାଳୁ ଅଭ୍ୟସ୍ତ।

ତେବେ ଏଠି ଗୋଟିଏ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ଲକ୍ଷ୍ୟ କରାଯାଉ। ତା' ହେଉଛି ମାନବ-ଜନ୍ମ ଓ ମୋକ୍ଷ ପ୍ରାପ୍ତି। ଆମେ ପଢ଼ିଆସିଛୁ ଓ ଶୁଣି ଆସିଛୁ ଯେ, ସୃଷ୍ଟିର ସମସ୍ତ ପ୍ରାଣୀଙ୍କ ମଧ୍ୟରେ ମାନବ ହେଉଛି ସର୍ବଶ୍ରେଷ୍ଠ ପ୍ରାଣୀ ଓ ମାନବ ଜନ୍ମ ସର୍ବଶ୍ରେଷ୍ଠ! କେତେ ଲକ୍ଷ ବା କେତେ ନିୟୁତ ଇତର ଯୋନିରେ ଜନ୍ମ ହେବା ପରେ ପ୍ରାଣୀ ଦୁର୍ଲଭ ଓ ସର୍ବଶ୍ରେଷ୍ଠ ମାନବ ଜନ୍ମ ପାଏ। ହୁଏତ ହୋଇଥିବ। ମହାନ୍ ମନୀଷୀମାନେ ହୁଏତ ଧ୍ୟାନବଳରେ ଏହି ମହା 'ସତ୍ୟ' ଜାଣିପାରିଥିବେ! ଆମେ ବଡ଼ ଆତ୍ମ ଗୌରବର ସହ ଏହାକୁ ଯଥାର୍ଥ ବୋଲି ଗ୍ରହଣ କରିନେଉ। ମଣିଷ ସବୁଠୁ ଯେ ବୁଦ୍ଧିମାନ୍ ପ୍ରାଣୀ, ଏକଥା ଆମେ ଦେଖୁଛୁ, କେତେ ଲକ୍ଷ ଜନ୍ମ ପରେ ମଣିଷ ଜନ୍ମ ମିଳିଲା, ତାକୁ ନେଇ ତର୍କ କରିବାରେ ଲାଭ କ'ଣ ?

ଏ ବିଚାରର ଠିକ୍ ସାମ୍ନାରେ ନିମ୍ନ ବିଚାରଟିକୁ ଅବସ୍ଥାପିତ କରାଯାଉ। ତା' ହେଉଛି ଜୀବନର ସର୍ବାଧିକ କାମ୍ୟ ଲକ୍ଷ୍ୟ ଓ ସେ ସମ୍ପର୍କିତ ବିଚାରଧାରା। କୁହାଯାଇଛି ଯେ, ମଣିଷ ଜୀବନର ସବୁଠୁ ବଡ଼ ଲକ୍ଷ୍ୟ ବା କାମ୍ୟ ହେଉଛି ମୁକ୍ତି, ମୋକ୍ଷ ବା ନିର୍ବାଣପ୍ରାପ୍ତି। ମଣିଷ ଜୀବନ ଦୁଃଖ ହାହାକାରମୟ, ବିଷାଦ ଓ ବିପର୍ଯ୍ୟୟରେ ପରିପୂର୍ଣ୍ଣ। ମୃତ୍ୟୁ ପରେ ପୁନର୍ଜନ୍ମ ଲାଭ ନ କରି ଆତ୍ମାର ମୋକ୍ଷ ଲାଗି ପ୍ରଯତ୍ନ କରିବା ଓ ସେଥିରେ ସଫଳ ହେବା ହିଁ ମଣିଷ ଜୀବନର ସବୁଠୁ ବଡ଼ ପ୍ରାପ୍ତି ଓ ସାର୍ଥକତା। ଏହି ମୋକ୍ଷ ବା ମୁକ୍ତି ଲାଗି ସତ୍‌କର୍ମ ଓ ପୁଣ୍ୟାର୍ଜନର ବହୁ ମାର୍ଗ ମଧ୍ୟ ପ୍ରଦର୍ଶିତ ହୋଇଛି।

ଏ ବିରୋଧାଭାସ ଆମ ସମ୍ମୁଖରେ ପ୍ରଶ୍ନଟିଏ ଛିଡା କରାଏ। ଲକ୍ଷ ଲକ୍ଷ ଇତର ଜନ୍ମପରେ ଯେଉଁ ଦୁର୍ଲଭ ଓ ସର୍ବୋତ୍ତମ ମାନବଜନ୍ମ ମିଳିଲା, ତାକୁ ବାରମ୍ବାର ପାଇବାକୁ କାମନା ନ କରି ମଣିଷ-ଜନ୍ମରୁ ମୁକ୍ତି ପାଇଁ ଏଡ଼େ ବ୍ୟାକୁଳତା କାହିଁକି ?

ଆମେ ବିଶ୍ୱାସ କରୁ ଆତ୍ମା ଅବିନଶ୍ୱର, ଶାଶ୍ୱତ, ଚିରନ୍ତନ। ତା'ର ଜନ୍ମ ନାହିଁ କି ମୃତ୍ୟୁ ନାହିଁ। ମନୁଷ୍ୟର ମୃତ୍ୟୁରେ କେବଳ ପଞ୍ଚଭୂତରୁ ସୃଷ୍ଟ ସ୍ଥୂଳ ଶରୀରଟି ପୁଣି ପଞ୍ଚଭୂତରେ ବିଲୀନ ହୋଇଯାଏ। କିନ୍ତୁ ଆତ୍ମାର ବିନାଶ ନାହିଁ। ମନୁଷ୍ୟ ପୁରୁଣା ବସ୍ତ୍ର ପରିତ୍ୟାଗ କରି ନୂତନ ବସ୍ତ୍ର ପରିଧାନ କଲା ଭଳି ଜରାଜୀର୍ଣ୍ଣ ଅବସନ୍ନ ବୃଦ୍ଧ ଶରୀରକୁ ତ୍ୟାଗକରି ଆତ୍ମା ନୂତନ ସୁଠାମ କଳେବର ପରିଗ୍ରହଣ କରେ। 'ବାସାଂସି ଜୀର୍ଣାନି ଯଥା ବିହାୟ, ନବାନି ଗୃହଣାତି ନରୋ...ପରାଣି....' ଇତ୍ୟାଦି। ସେହି ଗୀତାରେ ଭଗବାନ୍ ପୁଣି କହିଲେ-'ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ...'- ଆତ୍ମାକୁ ଶସ୍ତ୍ର ଛେଦନ କରିପାରେନା, ଅଗ୍ନି ଦହନ କରିପାରେନା, ଜଳ ଆର୍ଦ୍ର କରିପାରେନା କି ବାୟୁ ଶୋଷି ନେଇପାରେନା!

ଆତ୍ମା ଯଦି ଏଭଳି ଶାଶ୍ୱତ, ମୃତ୍ୟୁହୀନ ଓ ଅବିନାଶୀ, ତା' ହେଲେ ସେ ପୁଣି ମୋକ୍ଷ ବା ମୁକ୍ତିପ୍ରାପ୍ତିର ପ୍ରକ୍ରିୟାରେ ପରମାତ୍ମାଙ୍କଠାରେ ବିଲୀନ ହୋଇ ନିଶ୍ଚିହ୍ନ ହୋଇଯାଏ କିପରି ? ଆମ୍ଭର ଅଜ୍ଞତା, କ୍ଷୁଦ୍ର ବୁଦ୍ଧି ଓ ସାମାନ୍ୟ ମସ୍ତିଷ୍କ ଏସବୁ ଗଭୀର ତତ୍ତ୍ୱକୁ ସମ୍ମାନର ସହ ପ୍ରଣାମ ଜଣାଇ ନିଜର ଅବିଦ୍ୟା ଓ ଅସହାୟତାକୁ ବିନମ୍ର ସ୍ୱୀକାର କରେ ଓ ଏସବୁ ମହାତତ୍ତ୍ୱ ସମ୍ମୁଖରୁ ଆପେ ନିଶବ୍ଦରେ ଆଡ଼ ହୋଇଯାଏ ଏବଂ ଯଥାସମ୍ଭବ ଏକ ଶୁଦ୍ଧ, ସମ୍ବେଦନଶୀଳ ଓ ପରିଚ୍ଛନ୍ନ ଜୀବନ ଜିଇବାକୁ ନିଷ୍ଠାପୂର୍ଣ୍ଣ ଭାବେ ପ୍ରଯତ୍ନ କରିବାର କ୍ଷୁଦ୍ର ପ୍ରୟାସ ହିଁ ସବୁଠୁ ମହତ୍ତ୍ୱପୂର୍ଣ୍ଣ ବୋଲି ବିଚାର କରେ।

୩, ମହାଲକ୍ଷ୍ମୀ ନଗର,
ଗ୍ୟାରେଜ୍ ଛକ, ଭୁବନେଶ୍ୱର,
ମୋ-୯୪୩୭୩୫୭୦୫୦

## ଏଇ ଭାରତରେ

ବାଘ ନାଁ ଶୁଣିଲେ ଭୟ ଲାଗେ, କିନ୍ତୁ ଲଦାଖର ଖେନରାବ ଫୁନ୍‌ଷ୍ଟୋଗଙ୍କ ବରଫ ଚିତାବାଘ ଉଦ୍ଧାର କରିବାରେ ଲାଗିଛନ୍ତି। ଖାଲି ହାତରେ ଅର୍ଥାତ ଆତ୍ମ ରକ୍ଷା ପାଇଁ ସାଙ୍ଗରେ କୌଣସି ସରଞ୍ଜାମ ନ ନେଇ ସେ ବରଫ ଚିତାଙ୍କୁ ଉଦ୍ଧାର କରୁଛନ୍ତି। ଏବେ ସୁଦ୍ଧା ସେ ୪୭ଟି ବାଘ ଉଦ୍ଧାର କରିସାରିଲେଣି। ତାଙ୍କୁ ବର୍ତ୍ତମାନ ବୟସ ୪୨। ରହନ୍ତି ହେମିସ ନ୍ୟାଶ୍‌ନାଲ ପାର୍କ ମଧ୍ୟରେ ଥିବା ଗାଁ ଛିଲିଙ୍ଗରେ। ୨୨ ବର୍ଷ ବୟସରେ ସେ ହେମିସ ନ୍ୟାଶ୍‌ନାଲ ପାର୍କର ୱାଇଲ୍ଡ ଲାଇଫ୍ ଗାର୍ଡ ଭାବେ ଯୋଗ ଦେବା ପରେ ଏତେ ସଂଖ୍ୟକ ଚିତାଙ୍କୁ ଉଦ୍ଧାର କରି ପୁରସ୍କୃତ ବି ହୋଇଛନ୍ତି। ତାଙ୍କୁ 'ସେଭ୍ ଦି ସ୍ପେସିଶ ଆୱାର୍ଡ' ମିଳିଛି। ବାସ୍ତବରେ ସେ ଲାଇଫ ହିରୋ। ଚାକିରିରେ ଯୋଗ ନ ଦେବା ପୂର୍ବରୁ ପ୍ରଥମେ ୧୯୯୫ରେ ଚିତାବାଘ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଯେଉଁ ଗାଁରେ ଚିତା ପଶନ୍ତି ସେଠାକୁ ଯାଇ ସେ ବିନା ସରଞ୍ଜାମରେ ସେମାନଙ୍କୁ ଧରିଥାନ୍ତି। କେବଳ ଅଖା, ବାଡି ଓ ଦଉଡି ବ୍ୟବହାର କରନ୍ତି। ଯେଉଁଠି ଚିତାଙ୍କୁ ଉଦ୍ଧାର କରିବାରେ ଟ୍ରାଙ୍କୁଲାଇଜର ବ୍ୟବହାର କରାଯାଏ ସେଠାରେ ସେ ଖାଲି ହାତରେ ଧରୁଛନ୍ତି। ଉଦ୍ଧାର କରିବା ପରେ ପୁଣି ସେମାନଙ୍କୁ ଜଙ୍ଗଲରେ ଛାଡି ଦିଆଯାଉଛି। ଝୁଲନ୍ତା ଶିଳାଖଣ୍ଡ,ପାହାଡ ମଧ୍ୟରେ ଥିବା ଗଭୀର, ତୀକ୍ଷ ପାହାଡ ଆଦି ଅତି ଦୁର୍ଗମ ସ୍ଥାନମାନଙ୍କରେ ସେ ଚିତାଗଣନା ଓ ସୁରକ୍ଷା ଲାଗି କ୍ୟାମେରା ମଧ୍ୟ ଲଗାଉଛନ୍ତି। ଚିତାବାଘଙ୍କ ପାଦ ଚିହ୍ନ, ନଖରେ ବରଫଙ୍କୁ ଆଞ୍ଚୁଡିବା, ମଳ ଏବଂ ଶିକାର କରିଥିବା ଜୀବଙ୍କ ଅବଶେଷକୁ ଲକ୍ଷ୍ୟ କରି ଚିତାର ଉପସ୍ଥିତି ଜାଣିବାରେ ସେ ଧୁରନ୍ଧର।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଅକ୍ଟୋବର ୧୯୯୫

- ତାମିଲନାଡୁର କାମରାଜ ଜିଲାରେ ବିଷାକ୍ତ ମଦ ପିଇ ୩୦ ଲୋକ ପ୍ରାଣ ହରାଇଛନ୍ତି।
- ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ହାସ୍ୟ ଅଭିନେତା ନରେନ୍ଦ୍ର କୁମାର ବେହେରା ଓରଫ ନରିଙ୍କ ୫୨ ବର୍ଷ ବୟସରେ ପରଲୋକ।
- ନେପାଳରେ ବସ୍ ଦୁର୍ଘଟଣା ଘଟି ମହିଳା ଓ ଶିଶୁଙ୍କ ସମେତ ୩୩ ଜଣଙ୍କ ପ୍ରାଣହାନି।

## ଚିରନ୍ତନୀ

ପବନ ଆଣେ ତା' ଭାଷା
ବିରହ କାତର ଆଶା
ସିନ୍ଧୁ ଊର୍ମି ସେହି କଥା
କୂଳେ ଯାଏ ଗାଇ
ସେ କି ଅଧୀରା ମୋ ପାଇଁ ? -(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 3 | | | D | 5 | | | 6 | | | 0 | | |
| | | | | | 9 | | | C | | A | 2 | 3 | | |
| | | | | | | | | 8 | | | | | | E |
| | B | | | | | 3 | | | | | E | | 2 | 7 |
| | 5 | | | | | | 4 | E | 8 | C | 3 | | | |
| 3 | 0 | | 5 | 2 | A | | | | | 9 | | | 4 | 6 |
| 1 | | 7 | | 9 | | | | 2 | A | | C | | 3 | |
| 4 | | C | 8 | | | | D | | | 3 | | 7 | | |
| | | | | C | 6 | | | | | | | 9 | | 2 |
| 8 | | | D | | | 4 | | | | E | | | | 1 |
| 7 | | | 9 | | E | A | 5 | | 1 | | B | | | 3 |
| 9 | 2 | A | 1 | 8 | | | | | | | 6 | | | 4 |
| | 1 | | | 0 | | | | | C | 2 | | | | |
| | D | | A | | | | 0 | 7 | | 8 | | | | 5 |
| | | | | | | 6 | E | | | 5 | | | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 7 | 8 | 4 | 5 | 1 | D | 6 | B | 3 | 2 | E | C | 0 | A |
| 1 | B | C | E | 9 | 2 | 3 | 8 | 5 | A | 7 | 0 | 6 | 4 | D |
| E | 6 | D | 8 | 3 | 0 | A | C | 7 | 1 | 4 | 5 | 2 | B | 9 |
| A | 4 | 0 | 6 | D | 7 | E | 2 | 1 | 9 | B | C | 5 | 3 | 8 |
| 3 | 5 | 2 | C | A | B | 0 | 4 | 9 | 8 | D | 6 | E | 1 | 7 |
| B | 3 | 6 | D | 0 | A | 7 | E | 2 | 5 | 9 | 1 | 8 | C | 4 |
| 8 | 9 | 5 | 2 | B | 3 | C | 1 | A | 6 | E | 4 | 7 | D | 0 |
| 4 | 1 | E | 7 | 8 | C | 6 | 9 | D | 0 | A | B | 3 | 2 | 5 |
| 0 | 2 | A | 5 | 1 | E | 4 | 3 | 8 | D | C | 7 | 9 | 6 | B |
| C | D | 7 | 9 | 4 | 6 | 5 | B | 0 | 2 | 8 | 3 | A | E | 1 |
| 2 | C | 4 | B | E | 9 | 1 | 5 | 3 | 7 | 0 | 8 | D | A | 6 |
| D | 0 | 1 | A | C | 4 | 8 | 7 | 6 | E | 5 | 2 | B | 9 | 3 |
| 6 | E | B | 1 | 7 | 5 | 9 | D | 4 | C | 3 | A | 0 | 8 | 2 |
| 7 | A | 9 | 3 | 6 | 8 | 2 | 0 | C | B | 1 | D | 4 | 5 | E |
| 5 | 8 | 3 | 0 | 2 | D | B | A | E | 4 | 6 | 9 | 1 | 7 | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦାଦନଙ୍କ ଅବସ୍ଥା କେବେ ସୁଧୁରିବ

ମହାଶୟ,

ଆମ ରାଜ୍ୟର ବା ଦେଶର ଲୋକମାନେ ଆଜି ଅନ୍ୟ ରାଜ୍ୟକୁ ବା ଦେଶକୁ ଯାଉଛନ୍ତି ଦାଦନ ଖଟିବାକୁ। କି ବ୍ୟବସ୍ଥା ସତରେ! କେତେଦିନ ଆଉ ଲୋକମାନେ ଯାଉଥିବେ ଦାଦନ ଖଟିବାକୁ। ଏ ମହାମାରୀ କରୋନା ସମସ୍ତଙ୍କୁ ସଚେତନ କଲା ପରେ ବି କାହାର ଟିକେ ନିଘା ନାହିଁ। ନେତାମାନେ ନିଜ ନିଜ ପାଣ୍ଠି ଭରିବାରେ ବ୍ୟସ୍ତ। ଲୋକମାନେ ମରନ୍ତୁ କି ବଞ୍ଚନ୍ତୁ ସେଥିପ୍ରତି ଟିକେ ଦୃଷ୍ଟି ନାହିଁ। ଆଜିର ମଧ୍ୟବିତ୍ତ, ଗରିବ ଲୋକମାନେ କିପରି ଜୀବନ ନିର୍ବାହ କରିବେ । କେବେ ହେବ ଆମ ରାଜ୍ୟରେ/ଦେଶରେ ଲୋକମାନଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା। କେତେ ଦିନ ଯାଉଥିବେ ବାହାରକୁ ଦାଦନ ଖଟିବାକୁ। ଏଥିପ୍ରତି ସରକାର ଦୃଷ୍ଟି ଦେବା ଉଚିତ। ଆଜି ଦାଦନଙ୍କ ପରିବାରର ଦୁଃଖ କହିଲେ ନ ସରେ। କରୋନା ମହାମାରୀ କାହାର ପିତା, ପୁତ୍ର, ମାଆ, ଭାଇ, ଭଉଣୀର ଜୀବନ ନେଇଛି କିନ୍ତୁ ଶେଷ ସମୟରେ ତାଙ୍କୁ ଟିକେ ଦେଖି ଯିବା ପାଇଁ ସେହିଭଳି ଅର୍ଥ ନାହିଁ କି ବ୍ୟବସ୍ଥା ନାହିଁ। ଯଦି ଦେଶ ଭିତରେ ବା ରାଜ୍ୟରେ ଥାଆନ୍ତେ ତା' ହେଲେ ସେମାନଙ୍କୁ ଟିକେ ଶେଷ ସମୟରେ ଦେଖିବାର ସୁଯୋଗ ମିଳିଥାନ୍ତା। ବିଦେଶରେ ବହୁ ଲୋକ ଏଭଳି ଅସୁବିଧାରେ ଅଛନ୍ତି। ଯଦି ରାଜ୍ୟ ସରକାର ବା କେନ୍ଦ୍ର ସରକାର ଉପଯୁକ୍ତ ଶିଳ୍ପାନୁଷ୍ଠାନ, ନିଯୁକ୍ତି ବା ଅନ୍ୟ ପ୍ରକାର ରୋଜଗାର କରିବାର ପନ୍ଥା ବାହାର କରନ୍ତେ ତେବେ ଲୋକମାନେ ଏତେ ଅସୁବିଧାରେ ପଡନ୍ତେ ନାହିଁ କି ଦାଦନ ଖଟିବାକୁ ଯାଆନ୍ତେ ନାହିଁ।

ଅକ୍ଷୟ କୁମାର ପାତ୍ର, କୁଏତ୍

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଏନ୍‌ଜିଟିରେ ଆବର୍ଜନା ପରିଚାଳନା କେନ୍ଦ୍ର ପ୍ରତିଷ୍ଠା ମାମଲା

**କେନ୍ଦୁଝର, ୧୫।୧୦ (ସ୍ୱ.ପ୍ର.):** କେନ୍ଦୁଝର ପୌରାଞ୍ଚଳରେ ମଇଳା ଆବର୍ଜନା ପରିଚାଳନା ପାଇଁ ପ୍ରକଳ୍ପ ନ ଥିବାରୁ ଏଣେ ତେଣେ ପକାଯାଉଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏନେଇ ଜିଲା ପ୍ରଶାସନ କିମ୍ବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କୌଣସି ଦୃଢ ପଦକ୍ଷେପ ଗ୍ରହଣ କରୁନଥିବାରୁ କେନ୍ଦୁଝର ସହରର ପରିବେଶ ବିଷମୟ ହେବାକୁ ବସିଛି। ଅର୍ଥ ଓ ଜମିର ଅଭାବ ନାହିଁ ଏହା ସତ୍ତ୍ୱେ ଜମି ମିଳୁନଥିବା ଆଳରେ ଏଣେ ତେଣେ ମଇଳା ଆବର୍ଜନା ପରିଚାଳନା ପ୍ରକଳ୍ପ ନିର୍ମାଣ କରାଯାଉଥିବାରୁ ବିରୋଧ ଦେଖାଦେଉଛି। ଏନେଇ ସ୍ଥାନୀୟ ଲୋକ ବିରୋଧ କରିବା ସହ ଜିଲା ପ୍ରଶାସନ ନ ଶୁଣିବାରୁ ବାଧ ହୋଇ ସ୍ଥାନୀୟ ଆଦିତ୍ୟ ପ୍ରକାଶ ବେଜ ଓ ଅନ୍ୟମାନେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଛନ୍ତି।

### ଘର ଭାଙ୍ଗିଲେ ହାତୀପଲ

**ଚିତ୍ରଡ଼ା,୧୫।୧୦(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ବେତନଟୀ ରେଞ୍ଜ ଅଧୀନ ଜୁଆଳିଭଙ୍ଗା ପଞ୍ଚାୟତରେ ହାତୀ ଉପଦ୍ରବ ଦେଖାଦେଇଛି। ଏହି ପଞ୍ଚାୟତ ଅନ୍ତର୍ଗତ ଭୋଳଘାଟି ଗ୍ରାମର ଲକ୍ଷ୍ମୀଧର ମହାନ୍ତଙ୍କ ଘରକୁ ମଙ୍ଗଳବାର ବିଳମ୍ବିତ ରାତିରେ ୨୧ଟି ଝାଡ଼ଖଣ୍ଡି ହାତୀ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି। ହାତୀପଲ ପଶ୍ଚିମବଙ୍ଗର ଦଲମା ଜଙ୍ଗଲରୁ ଆସି ବାଲେଶ୍ୱର ଜିଲା ନୀଳଗିରି ଜଙ୍ଗଲ ଅଭିମୁଖେ ଅଗ୍ରସର ହେଉଥିବା ସମୟରେ ବିଭିନ୍ନ ସ୍ଥାନରେ ଫସଲ ନଷ୍ଟ କରିଥିବା ମଧ ଦେଖିବାକୁ ମିଳିଛି। ଏନେଇ ବେତନଟୀ ରେଞ୍ଜର ଘନଶ୍ୟାମ ସିଂଙ୍କୁ ପଚାରିବାରୁ ଯେଉଁମାନଙ୍କ ଘର କିମ୍ବା ଚାଷ ଜମି ହାତୀ ନଷ୍ଟ କରିଛନ୍ତି ସେମାନେ ୭ ଦିନ ମଧରେ ଦରଖାସ୍ତ ଦେଲେ ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି।

### ଅପହୃତା ନାବାଳିକା ଉଦ୍ଧାର: ଯୁବକ ଗିରଫ

**ସୋର, ୧୫।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିଶ୍ୱଜିତ ମାହାନା ଜଣେ ଯୁବକ ଅଗଷ୍ଟରେ ଅପହରଣ କରି କୋଲକାତା ହାୱଡ଼ାରେ ଲୁଚାଇ ରଖିଥିଲେ। ସୋର ପୋଲିସ ତଦନ୍ତ ଆରମ୍ଭ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ପରିବାରଙ୍କୁ ହସ୍ତାନ୍ତର କରିଛନ୍ତି।

### ପନିକିରେ ହାଣି ହତ୍ୟା ଉଦ୍ୟମ
### ଶ୍ୱଶୁରଘରୁ ଦ୍ୱାଇଁ ଗିରଫ

**ରୂପ୍‌ସା, ୧୫।୧୦(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଛାନୁଆ ହାଟରେ ଗୋପାଳ ମହାକୁଡ଼ ନାମକ ଯୁବକ ସେହି ଗ୍ରାମର ଇନ୍ଦ୍ରଜିତ ଜେନା ଓ କମଳାକାନ୍ତ ଜେନାଙ୍କୁ ପନିକିରେ ହାଣି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବସ୍ତା ଥାନାରେ ପୋଲିସ ୩୪୧, ୨୯୪, ୫୦୭, ୫୭୯ ଆଇପିସି ଦଫାରେ ଏକ ମାମଲା (ନଂ. ୨୩୫/୨୦) ରୁଜୁ କରିଛି। ଆଇଆଇସି ଅଶୋକ କୁମାର ନାୟକ ଗୁରୁବାର ବାଲିଆପାଳ ଥାନା ବାସୁଦେବପୁର ଅଞ୍ଚଳର ଶ୍ୱଶୁର ଘରେ ଚଢ଼ାଉ କରି ଅଭିଯୁକ୍ତ ଦ୍ୱାଇଁ ଗୋପାଳ ମହାକୁଡ଼ଙ୍କୁ ଗିରଫ କରିଛନ୍ତି। ପୂର୍ବ ରାଗକୁ କେନ୍ଦ୍ର କରି ବୁଧବାର ହାଟପଡ଼ିଆରେ ଅଭିଯୁକ୍ତ ଜଣକ ଇନ୍ଦ୍ରଜିତର ଆଖି ଓ କମଳାକାନ୍ତଙ୍କ ମୁଣ୍ଡକୁ ହାଣି ଦେଇ ଚମ୍ପଟ ମାରିଥିଲେ। ଆହତଦ୍ୱୟଙ୍କୁ ରକ୍ତାକ୍ତ ଅବସ୍ଥାରେ ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

# ବିନା ପଲ୍ଲିସଭାରେ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ

**ଯୋଡା,୧୫।୧୦(ଡି.ଏନ୍.ଏ.)**



ଜଳସେଚନ ପ୍ରକଳ୍ପରେ ଶ୍ରମିକମାନେ ଅସୁରକ୍ଷିତ ଭାବେ କାମ କରୁଛନ୍ତି।

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଚମକପୁର ପଞ୍ଚାୟତ ଅନ୍ତର୍ଗତ ବାସୁଦେବପୁରଠାରେ ଏକ ଜଳସେଚନ ପ୍ରକଳ୍ପ କାମ ଗତ ୬ମାସ ହେବ ଆରମ୍ଭ ହୋଇଛି। ସେଥିପାଇଁ ଜଙ୍ଗଲ ଜମି ଅଧିଗ୍ରହଣ ଚାଲିଛି। ଏହି ପ୍ରକଳ୍ପରେ ଶତାଧିକ ଶ୍ରମିକ କାମ କରୁଛନ୍ତି। ହେଲେ ଏଥିପାଇଁ ପଲ୍ଲୀସଭା ବସି ନାହିଁ କି ସ୍ଥାନୀୟ ସରପଞ୍ଚ ସବୁଜ ସଙ୍କେତ ଦେଇ ନାହାନ୍ତି। ତେବେ କେଉଁ ନିୟମକୁ ଭିତ୍ତି କରି ଏହି ପ୍ରକଳ୍ପ ପାଇଁ ଜଙ୍ଗଲ ଜମି ଅଧିଗ୍ରହଣ କରାଯାଉଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ମେଘା ଇଞ୍ଜିନିୟରିଂ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ନାମକ ଏକ ଠିକା ସଂସ୍ଥା ଏହି ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ପାଇଛି। ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୂର୍ବରୁ ନିୟମ ଅନୁଯାୟୀ ଜଙ୍ଗଲ ଜମିକୁ ବ୍ୟବହାର କରିବା ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କଠାରୁ ପଲ୍ଲୀସଭା ମାଧ୍ୟମରେ ଅନୁମୋଦନ ଲୋଡାଯାଏ। ମାତ୍ର ଏହି ପ୍ରକଳ୍ପ କାର୍ଯ୍ୟ ପାଇଁ କୌଣସି ପଲ୍ଲୀସଭା ବସି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ କଣ୍ଡରା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଭାକର ନାଏକ କୁହନ୍ତି, ଉକ୍ତ କମ୍ପାନୀ ଦ୍ୱାରା ନିର୍ମିତ ଏହି ଜଳସେଚନ ପ୍ରକଳ୍ପ ପାଇଁ ପ୍ରଶାସନ ପକ୍ଷରୁ ପଲ୍ଲୀସଭା ବସିନାହିଁ। ତଥାପି ଜଙ୍ଗଲ କାଟ ସହିତ ଜମି ଅଧିଗ୍ରହଣ କରାଯାଇଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଜଙ୍ଗଲ ଜମି ଉପରେ ନିର୍ଭର କରି ଯେଉଁ ଜୀବିକା ନିର୍ବାହ କରୁଥିଲେ ସେଥିରେ ସମସ୍ୟା ସୃଷ୍ଟି ହୋଇଛି। ଠିକା ସଂସ୍ଥା ଅନ୍ୟ ଅଞ୍ଚଳର ଶ୍ରମିକଙ୍କୁ ନିଯୁକ୍ତି ଦେଉଥିବା ବେଳେ ସ୍ଥାନୀୟ ଶ୍ରମିକଙ୍କୁ ଉପେକ୍ଷା କରୁଛି। ପ୍ରକଳ୍ପ କାମରେ ଏକାଧିକ ଭାରିଯାନ ଚଳାଚଳ କରୁଛି। ଫଳରେ ଧୂଳି ଓ ଧୂଆଁରେ ସେହି ଅଞ୍ଚଳ ପ୍ରଦୂଷିତ ହେଉଛି। ଏ ସଂକ୍ରାନ୍ତରେ ଅଞ୍ଚଳବାସୀ ସ୍ଥାନୀୟ ବାଲିବନ୍ଧ ଫରେଷ୍ଟରଙ୍କୁ ଅବଗତ କରିଥିବା କହିଛନ୍ତି। ଅନ୍ୟପକ୍ଷେ ଏହି କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ ଅତି ବିପଦପୂର୍ଣ୍ଣ ଭାବେ କାମ କରୁଛନ୍ତି। ପ୍ରାୟ ୫୦ ଫୁଟ୍ ଉଚ୍ଚତାରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ ସୁରକ୍ଷା ସରଞ୍ଜାମ ମଧ ଦିଆଯାଉନାହିଁ ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଗାଁରେ ଠିକାସଂସ୍ଥାର ଏକ ଷ୍ଟାଫ୍ କଲୋନୀ ରହିଛି। ସେଠାରୁ ମଇଳା ଆବର୍ଜନା ପାଣି ସିଧାସଳଖ ନଦୀରେ ମିଶୁଛି। ଫଳରେ ଦୂଷିତ ପାଣିକୁ ଗ୍ରାମବାସୀ ବ୍ୟବହାର କରି ବିଭିନ୍ନ ରୋଗର ଶିକାର ହେଉଛନ୍ତି।

ଏନେଇ ଚମକପୁର ସରପଞ୍ଚ ନରହରି ନାଏକ କହିଛନ୍ତି, ଉକ୍ତ ସଂସ୍ଥା ପକ୍ଷରୁ ପ୍ରଥମେ ଜମି ଅଧିଗ୍ରହଣ କରି ପ୍ରକଳ୍ପ କାର୍ଯ୍ୟ ଦୀର୍ଘ ୬ ମାସ ହେବ ଆରମ୍ଭ ହୋଇଛି। ଏନେଇ କୌଣସି ପଲ୍ଲୀସଭା ବସିନାହିଁ। ଠିକା ସଂସ୍ଥା ପକ୍ଷରୁ ତାଙ୍କ ନିକଟକୁ ଏକ ଚିଠି ଆସିଥିଲା। ଉକ୍ତ ଚିଠିରେ ପଲ୍ଲୀସଭା କରିବା ପାଇଁ ଅନୁରୋଧ କରାଯାଇଥିଲା। ହେଲେ ମୋ ବିନା ଏନ୍‌ଓସିରେ କିପରି ବନ ବିଭାଗ ପ୍ରକଳ୍ପ ପାଇଁ ଜଙ୍ଗଲ ଜମି ଅଧିଗ୍ରହଣ ନିମନ୍ତେ ଅନୁମୋଦନ ପ୍ରଦାନ କଲା ତାହା ଆଶ୍ଚର୍ଯ୍ୟ କରିଛି। ଏ ସମ୍ପର୍କରେ ମେଘା ଇଞ୍ଜିନିୟରିଂ କମ୍ପାନୀର ଡେପୁଟି ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀରାମ କୁହନ୍ତି, ନିର୍ମାଣାଧୀନ ଅଞ୍ଚଳଟି କାନପୁର ବୃହତ୍ ଜଳସେଚନ ପ୍ରକଳ୍ପର ଅଧୀନରେ ରହିଛି। ଏହା ଏକ ବୁଡ଼ି ଅଞ୍ଚଳ। ଏଠାରେ ସରକାରଙ୍କ ସମସ୍ତ ନିୟମ ପାଳନ କରାଯାଇ କାମ କରାଯାଉଛି। ଚମ୍ପୁଆ ରେଞ୍ଜ୍ ଅଧିକାରୀ ଘାସିନାଥ ପାତ୍ର କହିଛନ୍ତି, ଉକ୍ତ ପ୍ରକଳ୍ପ ପାଇଁ ଗ୍ରାମରେ ପଲ୍ଲୀସଭା ହୋଇଛି କି ନାହିଁ ସେ ଜାଣି ନାହାନ୍ତି। ହେଲେ ଜମି ଅଧିଗ୍ରହଣ ନିମନ୍ତେ ବନବିଭାଗ ପକ୍ଷରୁ ଅନୁମୋଦନ ଦିଆଯାଇଛି। ଜମି ଅଧିଗ୍ରହଣ ପାଇଁ ସ୍ଥାନୀୟ ସରପଞ୍ଚଙ୍କ ଏନଓସି ମିଳିନାହିଁ। ପଲ୍ଲୀସଭା ବି ବସିନାହିଁ। ଏହାସତ୍ତ୍ୱେ ବନବିଭାଗ କିପରି ଏହି ପ୍ରକଳ୍ପ ପାଇଁ ଅନୁମୋଦନ ପ୍ରଦାନ କରିଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ଏହାର ନିରପେକ୍ଷ ତଦନ୍ତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ସ୍ତ୍ରୀ, ପ୍ରସୂତି ୱାର୍ଡରେ ଅସଦାଚରଣ ଅଭିଯୋଗ

**ବସ୍ତା/ରୂପ୍‌ସା, ୧୫।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅନ୍ତର୍ଗତ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭାବନୀୟ ଘଟଣା ଘଟିଛି। ବୁଧବାର ରାତି ପ୍ରାୟ ୧୧ଟା ବେଳେ ୨ଜଣ ଯୁବକ ନିଜକୁ ଡାକ୍ତର ପରିଚୟ ଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ, ପ୍ରସୂତି ୱାର୍ଡ଼ରେ ପଶି ମହିଳାଙ୍କୁ ପରୀକ୍ଷା କରିବା ଆଳରେ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏହି ସମୟରେ ଡ୍ୟୁଟିରେ ଥିବା ଡାକ୍ତର ପହଞ୍ଚିବାରୁ ସେମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀଙ୍କ ସମ୍ପର୍କୀୟଙ୍କ ହାତରେ ଜଣେ ଧରାପଡ଼ିଥିଲେ। ଏହା ଦେଖି ଅନ୍ୟଜଣେ ବାଇକ୍ ନେଇ ଚମ୍ପଟ ମାରୁଥିବା ବେଳେ ବସ୍ତା ବଜାରରେ ଲୋକେ ତାଙ୍କୁ କାବୁ କରିଥିଲେ। ସପ୍ତାହକ ପୂର୍ବରୁ ଏହି ୨ ଯୁବକ ଲେବର ରୁମ୍‌ରେ ପଶି ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଉଭୟଙ୍କୁ ଉତ୍ତମମଧ୍ୟମ ଦେଇ ବସ୍ତା ପୋଲିସ ଜିମା ଦିଆଯାଇଥିଲା। ମାତ୍ର ମେଡ଼ିକାଲ କର୍ତ୍ତୃପକ୍ଷ ଏନେଇ ଲିଖିତ ଅଭିଯୋଗ ନ ଦେବାରୁ ପୋଲିସ ବାଧ ହୋଇ ପୋଲିସ ଗୁରୁବାର ଅଟକ ଯୁବକଦ୍ୱୟଙ୍କୁ ଛାଡ଼ି ଦେଇଛି। ହସ୍‌ପିଟାଲରେ ସିକ୍ୟୁରିଟି ଥିବା ସତ୍ତ୍ୱେ ଏଭଳି ଘଟଣା ଘଟିବା ନେଇ ବସ୍ତାରେ ଚାଞ୍ଚଲ୍ୟ ଖେଳିଯାଇଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

**ଭଦ୍ରକ ଅଫିସ,୧୫।୧୦**



ବିଏମ୍ଏସ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭଦ୍ରକ ଜିଲା ଧାମରା ବନ୍ଦର ଓ ଏଲ୍ଏନ୍‌ଜି ଟର୍ମିନାଲରେ କାର୍ଯ୍ୟରତ ଶ୍ରମିକଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଦାବି ପ୍ରଦାନ କରାଯିବା ନେଇ ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଧାମରା ବନ୍ଦର କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘର ସଭାପତି ତଥା ବିଏମ୍ଏସ୍‌ର ରାଜ୍ୟ ଉପସାଧାରଣ ସମ୍ପାଦକ ଶାନ୍ତନୁ ମହାପାତ୍ରଙ୍କ ନେତୃତ୍ୱରେ କୋଭିଡ୍ ନିୟମକୁମାନି ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଲ୍ଏନ୍‌ଜି ଟର୍ମିନାଲରେ କାର୍ଯ୍ୟରତ ଶ୍ରମିକ ଓ ଧାମରା ବନ୍ଦରର କାର୍ଯ୍ୟରତ ଶ୍ରମିକ, ବିଏମ୍ଏସ୍‌ର କାର୍ଯ୍ୟକର୍ତ୍ତା, ଧାମରା ବନ୍ଦର କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ବିଏମ୍ଏସ୍ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଯଦି କମ୍ପାନୀ କର୍ତ୍ତୃପକ୍ଷ ଆଗାମୀ ଅକ୍ଟୋବର ୨୭ ତାରିଖ ମଧରେ ଉକ୍ତ ଦାବି ପୂରଣ ନ କରନ୍ତି ତେବେ ସଂଘ ୨୮ ତାରିଖରେ ଧାମରା ବନ୍ଦର ଏବଂ ରେଲୱେରେ କାର୍ଯ୍ୟ ବନ୍ଦ କରିବେ ବୋଲି ପ୍ରଶାସନ ଓ ବନ୍ଦର କର୍ତ୍ତୃପକ୍ଷଙ୍କୁ ଚେତବାନୀ ଦେଇଥିଲେ।

## ବିଜେଡିର ସଚେତନତା ଅଭିଯାନ

**ପାଟଣା, ୧୫।୧୦(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ କାଳିଘାଇ ଗ୍ରାମରେ ଗୁରୁବାର ବିଜେଡି ତରଫରୁ ଲୋକଙ୍କୁ ସଚେତନ କରାଯିବା ସହ ସାବୁନ ଓ ୩ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାସ୍କ ବଣ୍ଟନ କରାଯାଇଛି। ଗାନ୍ଧୀ ଜୟନ୍ତୀଠାରୁ ବିଜେଡି ପକ୍ଷରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ଚାଲିବାକୁ ସ୍ଥିର ହୋଇଛି। କାର୍ଯ୍ୟକ୍ରମରେ ପାଟଣା ବ୍ଲକ ଅଧକ୍ଷ ବିଶ୍ୱନାଥ ନାଏକ, ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ବେହେରା, ବରିଷ୍ଠ ବିଜେଡି ନେତା ମିତ୍ରଭାନୁ ମହାନ୍ତି, ଡୁମୁରିଆ ସରପଞ୍ଚ ଦମୟନ୍ତୀ ନାଏକ, ସମିତିସଭ୍ୟ ରାଘବ ଦଳେଇ, ପଲାଶ ଘାଟି ସରପଞ୍ଚ ନେତ୍ରମଣି ନାଏକ, ବିଜେଡି ନେତା ଉମାକାନ୍ତ ମହାନ୍ତ, ଚିନ୍ତାମଣି ମହାନ୍ତ, ରତ୍ନାକର ସେଠୀ ଓ ମହିଳା ନେତ୍ରୀ ଗୀତାଞ୍ଜଳି ମହାନ୍ତ ପ୍ରମୁଖ ବରିଷ୍ଠ କର୍ମକର୍ତ୍ତା ସଚେତନତା ଅଭିଯାନରେ ଯୋଗଦାନ କରିଥିଲେ।

# ଅଧିକାରୀଙ୍କ ବିରୋଧରେ କୋର୍ଟ ଅବମାନନା

**ଖଇରା, ୧୫।୧୦(ଡି.ଏନ.ଏ.)**

**ମାଣିତ୍ରୀ ସମବାୟ ସମିତି**

**ସମ୍ପାଦକ ନିଯୁକ୍ତି ମାମଲା**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମାଣିତ୍ରୀ ସେବା ସମବାୟ ସମିତି ସମ୍ପାଦକ ନିଯୁକ୍ତି ଘଟଣାରେ ଉଚ୍ଚ ଅଦାଲତ ନିଯୁକ୍ତି ଦେଇଥିବା ଅଧିକାରୀଙ୍କ ବିରୋଧରେ କୋର୍ଟ ଅବମାନନା ଜାରି କରିଛନ୍ତି। ଉଚ୍ଚ ଅଦାଲତଙ୍କ ଆଦେଶକୁ ଅମାନ୍ୟ କରି ଚୟନକମିଟି ମନୋନୟନ କରିଥିବା ଆବେଦନକାରୀଙ୍କୁ ନିଯୁକ୍ତି ଦେବା ବଦଳରେ ଅନ୍ୟ ଜଣେ ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯାଇଥିବାରୁ କୋର୍ଟ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଅଦାଲତ ତାଙ୍କ ନିର୍ଦ୍ଦେଶରେ ବିରୋଧୀ ପକ୍ଷରେ ଥିବା ଅଧିକାରୀଙ୍କୁ କାହିଁକି ଦଣ୍ଡ ନ ମିଳିବ ସେଥିପାଇଁ ୧୨ତାରିଖରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହି ରାୟ ପରେ ନିଯୁକ୍ତିରୁ ବଞ୍ଚିତ ଥାଇ ବର୍ତ୍ତମାନ ସମିତି କାର୍ଯ୍ୟାଳୟ ସମ୍ମୁଖରେ ୧ମାସରୁ ଊର୍ଦ୍ଧ୍ୱ ସମୟ ଧରି ଅନଶନରେ ବସିଥିବା ହୃଷିକେଶ ସାହୁ ଆଶ୍ୱସ୍ଥ ହୋଇଛନ୍ତି।

୨୦୧୮ ଫେବୃୟାରୀ ୨୨ତାରିଖରେ ବିଜ୍ଞାପନ ଅନୁଯାୟୀ ସମ୍ପାଦକ ପଦବୀ ପାଇଁ ହୃଷିକେଶ ସାହୁଙ୍କ ସହିତ ଅନ୍ୟ ଆବେଦନକାରୀମାନେ ମନୋନୟନ କମିଟି ନିକଟରେ ଆବେଦନ କରିଥିଲେ। ଆବଶ୍ୟକ ସାର୍ଟିଫିକେଟ ନ ଥାଇ ଜଣେ ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯିବା ପ୍ରତିବାଦରେ ହୃଷିକେଶ ଉଚ୍ଚ ଅଦାଲତର ଆଶ୍ରୟ ନେଇଥିଲେ। ଉକ୍ତ ମାମଲାରେ ସମବାୟ ବିଭାଗ ସଚିବ, ଜିଲାପାଳ, ରାଜ୍ୟ ନିବନ୍ଧକ, ସହ ଓ ଉପନିବନ୍ଧକ, ପରିଚାଳନା ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଉଚ୍ଚ ଅଦାଲତ ଉକ୍ତ ମାମଲା(ଡବ୍ଲୁପି(ସି)ନଂ. ୧୬୦୪୧/୨୦୧୮) ଅନୁଯାୟୀ ନିଯୁକ୍ତି କମିଟିର ଚୟନକୁ ବିଚାରକୁ ନେଇ ନିଯୁକ୍ତି ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ରାଜ୍ୟ ନିଯୁକ୍ତି ଦାୟିତ୍ୱରେ ଥିବା ଅଧିକାରୀମାନେ ଅନ୍ୟ ଜଣେ ଆବେଦନକାରୀକୁ ନିଯୁକ୍ତି ଦେବା ପରେ ହୃଷିକେଶ ଅଦାଲତର ଆଶ୍ରୟ ନେବା ସହ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଉଚ୍ଚ ଅଦଲତ ଉକ୍ତ ମାମଲାରେ ପକ୍ଷଭୁକ୍ତ ଥିବା ଉପରୋକ୍ତ ଅଧିକାରୀଙ୍କ ବିରୋଧରେ ଅବମାନନା ମାମଲା(ନଂ. ୩୧୧୬/୨୦୨୦)ର ବିଚାର କରି ଅକ୍ଟୋବର ୯ତାରିଖରେ ଏହି ରାୟ ପ୍ରକାଶ କରିଛନ୍ତି। ଯଦି ଅଦାଲତଙ୍କ ପୂର୍ବନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରନ୍ତି ତେବେ ତାଙ୍କ ବିରୋଧରେ ଏହି ଅବମାନନା ଅନ୍ତରାୟ ହେବ ନାହିଁ ବୋଲି ଅଦାଲତ ଉଲ୍ଲେଖ କରିଛନ୍ତି। ୭ ଦିନ ମଧରେ ଏହି ପ୍ରକ୍ରିୟା ଶେଷ କରିବାକୁ କୁହାଯାଇଛି।

# ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନୋଟିସ

**ବଗଲା ଧର୍ମଶାଳା ଜମି ବିକ୍ରି ଅଭିଯୋଗ ମାମଲା**

- ନଭେମ୍ବର ୨ରେ ପରବର୍ତ୍ତୀ ଶୁଣାଣି

**କଟକ ଅଫିସ,୧୫।୧୦**

ପୁରୀ ବଗଲା ଧର୍ମଶାଳା ଜମି ବିକ୍ରି ଅଭିଯୋଗ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଥିଲା। ଏହି ମାମଲା ଉପରେ ରାଜ୍ୟ ସରକାର ଜବାବ ଦାଖଲ କରିବାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ୍ ଓ ବିଚାରପତି ଜଷ୍ଟିସ ବି.ଆର୍ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ନୋଟିସ ଜାରି କରିଛନ୍ତି। ଆସନ୍ତା ନଭେମ୍ବର ୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେହିପରି ଉକ୍ତ ପ୍ରସଙ୍ଗକୁ ନେଇ ଜଗନ୍ନାଥ ବସ୍ତିଆ ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ପରେ ବସ୍ତିଆଙ୍କ ପକ୍ଷରୁ ଏକ ମିସ୍‌କେସ୍ ମଧ କରାଯାଇଛି। ଏହି ଦୁଇଟି ମାମଲାର ଶୁଣାଣି ଏକ ସଙ୍ଗରେ ହେବ ବୋଲି ହାଇକୋର୍ଟଙ୍କ ପକ୍ଷରୁ କୁହାଯାଇଛି।

ବଗଲା ଧର୍ମଶାଳା ଜମି ବିକ୍ରିକୁ ନେଇ ଭାଜପା ନେତା ତଥା ରାଷ୍ଟ୍ରୀୟ ପ୍ରବକ୍ତା ଡ. ସମ୍ବିତ୍ ପାତ୍ର ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ସେ ତାଙ୍କ ପିଟିଶନରେ ଉଲ୍ଲେଖ କରିଥିଲେ, ଧର୍ମଶାଳାର ନବୀକରଣ ହେବ ବୋଲି ସ୍ଥିର ହୋଇଥିଲା। ପରବର୍ତ୍ତୀ ସମୟରେ ଶ୍ରୀଜଗନ୍ନାଥ ବିଶ୍ରାମସ୍ଥଳି କରାଯିବ ବୋଲି ଯୋଜନା ହେବା ସହିତ ଏହାର ଟେଣ୍ଡର ଆଇଟିଡିସିକୁ ପ୍ରଦାନ କରାଯାଇଥିଲା। ଏହି ସମୟରେ ସମସ୍ତ ବିଭାଗକୁ ଏନ୍‌ଓସି ମଗାଯାଇଥିଲା। ତେବେ ମନ୍ଦିର ପରିଚାଳନା କମିଟି ଏହା ଅମୃତମଣୋହି ସମ୍ପତ୍ତି ବୋଲି ଦର୍ଶାଇବା ସହିତ ସାବକ ରେକର୍ଡ ଅନୁଯାୟୀ ପ୍ଲଟ୍ ନଂ. ୯୦, ୯୧, ୯୨, ୯୩, ୯୪ ଓ ୯୭ରେ ୩ ଏକର ୧୯୦ ଡିସିମିଲ ଜମି ରହିଛି ବୋଲି କହିଥିଲା। ହେଲେ ହାଲ୍ ରେକର୍ଡରେ ଜମିର ପରିସୀମା ୨ ଏକର ୫୭୪ ଡିସିମିଲ ରହିଛି। ଇତି ମଧ୍ୟରେ ୬୧୬ ଡିସିମିଲ ଜମି ଗାଏବ ହୋଇସାରିଲାଣି। ପୁରୀ ଜିଲା ପ୍ରଶାସନ ପ୍ରାଥମିକ ପର୍ଯ୍ୟାୟରେ ଉକ୍ତ ଜମି ଲଜିଂ ଫଣ୍ଡ ହାଉସ କମିଟି ଅଧୀନରେ ରହିଛି ବୋଲି ଦର୍ଶାଇ ଏହାକୁ ବିକ୍ରି କରିବା ପାଇଁ ଚେଷ୍ଟା କରିଛି। ଏହାକୁ ପରବର୍ତ୍ତୀ ସମୟରେ ପୁରୀ ମ୍ୟୁନିସିପାଲିଟିକୁ ଦିଆଯାଇଥିଲା। ସେଠାରୁ ଅର୍ବାନ ଡେଭଲପମେଣ୍ଟ ଡିପାର୍ଟମେଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା। ପରେ ରେଭିନ୍ୟୁ ଡିପାର୍ଟମେଣ୍ଟକୁ ଦିଆଯିବା ସହିତ ରିଲିଫ ଆଣ୍ଡ ରିହାବିଲିଟେଶନ ଡିପାର୍ଟମେଣ୍ଟକୁ ଦିଆଯାଇ ୫ଟି ପ୍ଲଟ କରି ଏହାକୁ ବିକ୍ରି କରିଦିଆଯାଇଛି ବୋଲି ପୂର୍ବରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡ. ପାତ୍ର କହିଥିଲେ। ଡ. ପାତ୍ରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଏହି ମାମଲା ପରିଚାଳନା କରୁଛନ୍ତି।

# ପାଚିକା, ସହାୟିକା ସଂଘର ବିକ୍ଷୋଭ

**ବାରିପଦା ଅଫିସ,୧୫।୧୦**

ଓଡ଼ିଶା ମଧାହ୍ନଭୋଜନ ପାଚିକା ଓ ସହାୟିକା ସଂଘ ପକ୍ଷରୁ ମୟୂରଭଞ୍ଜ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ କରାଯାଇଥିଲା। ଅମଳା ଦେଙ୍କ ନେତୃତ୍ୱରେ ଏକ ଦାବିପତ୍ର ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି। ୧୨ମାସର ବକେୟା ପ୍ରାପ୍ୟ ସହିତ ନିୟମିତ ଦରମା ପ୍ରଦାନ ମୁଖ୍ୟ ଦାବି ରହିଥିଲା। ଜିଲା ଶିକ୍ଷାଧିକାରୀ ୨୮ମାସର ବକେୟା ଦରମାର ରିପୋର୍ଟ ପଠାଇ ଦେଇଛନ୍ତି, ରିପୋର୍ଟ ଆସିବା ମାତ୍ରେ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଜାଲ୍ ଦସ୍ତଖତରେ ଋଣ ଉଠାଣ

**ଭଦ୍ରକ ଅଫିସ,୧୫।୧୦**

- ମାମଲା ରୁଜୁ କରି ଚୁପ୍ ବସିଛି ପୋଲିସ
- କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପିଙ୍କୁ ଭେଟିଲେ ହିତାଧିକାରୀ



ଏସ୍‌ପି ଅଫିସ ସମ୍ମୁଖରେ ଜଗନ୍ନାଥ।

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଛୟାଳସିଂ ବଜାରରେ ଥିବା ଜନସେବା କେନ୍ଦ୍ର ମାଧ୍ୟମରେ ଏକ ଘରୋଇ ବ୍ୟାଙ୍କରୁ ଜାଲ୍ ଦସ୍ତଖତ କରି ୪ ଲକ୍ଷ ଟଙ୍କା ଋଣ ଉଠାଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚାଲିଥିବା କହୁଥିଲେ ମଧ ଅଭିଯୁକ୍ତମାନଙ୍କୁ ଧରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଠକେଇର ଶିକାର ହୋଇଥିବା ଯୁବକ ଜଣକ ଗୁରୁବାର ଏସ୍‌ପି ରାଜେଶ ପଣ୍ଡିତଙ୍କୁ ଭେଟି ନ୍ୟାୟ ଦାବି କରିଛନ୍ତି। ସେହି ଅଞ୍ଚଳର ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାଁରେ ଜାଲ୍ ଦସ୍ତଖତ କରାଯାଇ ଋଣ ଉଠାଣ ହୋଇଥିବା ମଧ ସୂଚନା ମିଳିଛି।

ଜଗନ୍ନାଥ ବେହେରାଙ୍କ ନାମରେ ୧୪।୬।୨୦୧୬ ରେ ସ୍ଥାନୀୟ ଏକ ବ୍ୟାଙ୍କରୁ ଜାଲ୍ ଦସ୍ତଖତ କରାଯାଇ ୪ ଲକ୍ଷ ଟଙ୍କା ଉଠାଣ ହୋଇଥିଲା। ହେଲେ ୨ ବର୍ଷ ପରେ ୪ ଲକ୍ଷ ୪୬ ହଜାର ଟଙ୍କା ବ୍ୟାଙ୍କରେ ଜମା କରିବା ପାଇଁ ତାଙ୍କ ଘରକୁ ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ସେ ଋଣ ଉଠାଣ କରି ନ ଥିବା କିମ୍ବା ସେ ସମ୍ପର୍କରେ ଜାଣି ନ ଥିବା କହି ୬।୮।୨୦୧୮ରେ ବ୍ୟାଙ୍କରେ ଲିଖିତ ଅଭିଯୋଗ କରିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିଲେ। ଏହି ଘଟଣାରେ ୩ ଜଣ ସମ୍ପୃକ୍ତ ଥିବା ଦର୍ଶାଇ ବନ୍ତ ଥାନାରେ ୭।୯।୨୦ରେ ସେ ଏତଲା ଦେଇଥିଲେ। ହେଲେ ବନ୍ତ ପୋଲିସ ପକ୍ଷରୁ ଚଳିତ ମାସ ୫ତାରିଖରେ ତତ୍କାଳୀନ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ୩ ଜଣଙ୍କ ନାମରେ ମାମଲା(ନଂ.୧୨୨/୨୦) ରୁଜୁ କରାଯାଇ ବ୍ୟାଙ୍କ ଓ ଜନ ସେବା କେନ୍ଦ୍ରରୁ କିଛି କାଗଜପତ୍ର ଜବତ କରାଯାଇଛି। ରାଜନୈତିକ ଚାପରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉ ନ ଥିବା ନେଇ ଜଗନ୍ନାଥ ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ତାଙ୍କ ପତ୍ନୀ ଜ୍ୟୋସ୍ନାରାଣୀ ଗିରିଙ୍କ ନାଁରେ ମଧ ଜାଲ୍ ଦସ୍ତଖତ କରାଯାଇ ଲକ୍ଷାଧିକ ଟଙ୍କା ଉଠାଣ ହୋଇଥିବା ଦର୍ଶାଯାଇଛି। ଏନେଇ ଏସ୍‌ପି ପଣ୍ଡିତ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# କୃଷି ଆଇନ ଦେଶକୁ ସମୃଦ୍ଧ କରିବ: କେନ୍ଦ୍ରମନ୍ତ୍ରୀ

**ଭୋଗରାଇ, ୧୫।୧୦(ଡି.ଏନ.ଏ.)**



କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଜନଜାଗରଣ ପାଇଁ ଆହ୍ୱାନ ଦେଉଛନ୍ତି।

କୃଷି ଓ କୃଷକର ଉନ୍ନତି ନିମନ୍ତେ କେନ୍ଦ୍ରରେ ଭାଜପା ସରକାର ପ୍ରତିଶ୍ରୁତିବଦ୍ଧ। ନିକଟରେ କୃଷି ବିଲ୍ ପାର୍ଲାମେଣ୍ଟରେ ସଂଖ୍ୟା ଗରିଷ୍ଠ ଭିତ୍ତିରେ ପାରିତ ହେଲା ପରେ କୃଷକମାନଙ୍କ ମଧରେ ଖୁସିର ଲହରି ଖେଳିଛି। କୃଷି ବିଲ୍ ଆଇନ୍‌ରେ ପରିଣତ ହେବା ପରେ ବିଗତ ୟୁପିଏ ସରକାରଙ୍କ ଅମଳରୁ ଚାଲି ଆସୁଥିବା ଦଲାଲି ବ୍ୟବସ୍ଥା ଉଚ୍ଛେଦ ହେବା ସହିତ, କୃଷକ ତାର ଉତ୍ପାଦିତ ଶସ୍ୟକୁ ଉଚିତ୍ ମୂଲ୍ୟରେ ଦେଶର ଯେକୌଣସି ସ୍ଥାନରେ ବିକ୍ରି କରିପାରିବ। ଏଥିପାଇଁ କେନ୍ଦ୍ରସରକାର ଐତିହାସିକ କୃଷି ଆଇନ ପ୍ରଣୟନ କରି କୃଷି ଓ କୃଷକଙ୍କ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେବାକୁ ଯାଉଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବୁଧବାର ସନ୍ଧ୍ୟାରେ ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀକୁ ଗସ୍ତ କରି ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଆୟୋଜିତ ପଦଯାତ୍ରାରେ ସାମିଲ ହୋଇ କହିଛନ୍ତି।

ଥାନା ଛକ କମ୍ୟୁନିଟି ସେଣ୍ଟରରେ କେନ୍ଦ୍ରମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟରେ କୃଷି ଆଇନ ଦେଶକୁ ଶକ୍ତିଶାଳୀ ଓ ସ୍ୱାବଲମ୍ବୀ କରିବା ସହିତ କୃଷକମାନଙ୍କୁ ସ୍ୱାଧୀନତା ମିଳିବ ବୋଲି କହିଥିଲେ। କେନ୍ଦ୍ରରେ ଭାଜପା ସରକାରଙ୍କ ଜନହିତକାରୀ କାର୍ଯ୍ୟକୁ ଓଡ଼ିଶା ସରକାର କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିବା ବେଳେ ବିରୋଧୀ କଂଗ୍ରେସ କୁମ୍ଭୀର କାନ୍ଦଣା କାନ୍ଦୁଛି ବୋଲି କହିଥିଲେ। କୃଷକମୋର୍ଚ୍ଚା ପକ୍ଷରୁ ଶତାଧିକ କର୍ମୀ ଭୋଗରାଇ ବ୍ଲକ ସମ୍ମୁଖରୁ ଏକ ପଦଯାତ୍ରାରେ ବାହାରି 'ଚାଷୀ ମୂଲିଆ ଏକହୁଅ ଦେଶକୁ ସୁଖୀ ଓ ସମୃଦ୍ଧି କର' ବୋଲି ସ୍ଲୋଗାନ ଦେଇ ଥାନା ଛକ କମ୍ୟୁନିଟି ସେଣ୍ଟରରେ ପହଞ୍ଚିଥିଲେ। ସେଠାରେ ଭୋଗରାଇ ଭାଜପାର ପ୍ରବୀଣ ନେତା ସୁନୀଲ କରଙ୍କ ପୌରୋହିତ୍ୟରେ ଅଂଶୁମାନ ମହାନ୍ତି, ନେତା ରାଜକୁମାର ଦାସ, ରବୀନ୍ଦ୍ର କୁମାର ଜେନା, ୩୪ ନଂ. ଜୋନ୍ ସଭାପତି ସୁନୀଲ କୁମାର କର, ନନୀ ଗୋପାଳ ଗିରି, ସମିତିସଦସ୍ୟ ଗୁଣାଧର ଗିରି, ଜିଲା କୃଷକ ମୋର୍ଚ୍ଚାର ସମ୍ପାଦକ ସତ୍ୟବ୍ରତ ଜେନା ପ୍ରମୁଖ କୃଷି ଆଇନ୍ ଦେଶର ଆର୍ଥିକ ଓ ସାମାଜିକ ସ୍ଥିତିର ବୈପ୍ଲବିକ ପରିବର୍ତ୍ତନ ହେବ ବୋଲି ମତ ରଖିଥିଲେ।

# ଦୂରଦର୍ଶୀ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପ୍ରତିଦ୍ୱନ୍ଦ୍ୱୀ ଓ ଅଦ୍ୱିତୀୟ। ସ୍ୱଚ୍ଛ ଭାବମୂର୍ତ୍ତି ତାଙ୍କୁ ଓଡ଼ିଶା ରାଜନୀତିରେ ଜଣେ ଜନପ୍ରିୟ ନେତା ଭାବେ ପରିଚିତ କରାଇଛି। ଦୁଇ ଦଶନ୍ଧି ଧରି କ୍ଷମତାରେ ରହିବା ପରେ ମଧ୍ୟ ତାଙ୍କ ବ୍ୟକ୍ତିତ୍ୱ ଅକ୍ଷୁଣ୍ଣ ରହିଛି। ସ୍ୱଚ୍ଛ ଶାସନ ଏବଂ ଉତ୍ସର୍ଗୀକୃତ ସେବା ଭାବ ଯୋଗୁ ସେ ଜନସାଧାରଣଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ପାରିଛନ୍ତି। ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଠାରୁ ଆରମ୍ଭ କରି ବିପର୍ଯ୍ୟୟ ମୁକାବିଲା ଦିଗରେ ତାଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ଓଡ଼ିଶା ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରି ପାରିଛି। ଓଡ଼ିଶା ଭୟଙ୍କର ଆର୍ଥିକ ପ୍ରତିକୂଳ ପରିସ୍ଥିତି ଦେଇ ଗତି କରୁଥିଲା ବେଳେ ନବୀନ ରାଜ୍ୟ ଶାସନର ମଙ୍ଗ ଧରିଥିଲେ। ବହୁ ଘାତ ପ୍ରତିଘାତ ସତ୍ତ୍ୱେ ସେ ରାଜ୍ୟର ବିକାଶ ଦିଗରେ ଅନବରତ ନିଜକୁ ସମର୍ପି ଚାଲିଛନ୍ତି। ଦୃଢ଼ ଇଚ୍ଛାଶକ୍ତି ଏବଂ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବହୁ ପଛରେ ପକାଇ ଲଗାତର ପଞ୍ଚମ ଥର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରି ଇତିହାସ ସୃଷ୍ଟି କରିଛନ୍ତି। ବିଜେଡିକୁ ଦୀର୍ଘବର୍ଷ କ୍ଷମତାସୀନ କରି ନବୀନ ନିଜକୁ ଜଣେ ପରିପକ୍ୱ ରାଜନେତା ଭାବେ ପ୍ରତିପାଦିତ କରି ପାରିଛନ୍ତି।

ଚଳିତ ବର୍ଷ କରୋନା ମହାମାରୀ ସମଗ୍ର ବିଶ୍ୱକୁ ଦୋହଲାଇ ଦେଇଛି। ଏହା ରାଜ୍ୟ ପାଇଁ ବଡ଼ ଚ୍ୟାଲେଞ୍ଜ ଆଣିଛି। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏହି ମହାମାରୀକୁ ମୁକାବିଲା କରିବାରେ ଓଡ଼ିଶା ଦେଶ ଓ ବିଶ୍ୱରେ ଉଦାହରଣ ସୃଷ୍ଟି କରିପାରିଛି। ନବୀନଙ୍କ ଆଗୁଆ ଏବଂ ଦୂରଦର୍ଶୀ ପଦକ୍ଷେପ ଯୋଗୁ ସଂକ୍ରମଣ ନିୟନ୍ତ୍ରଣରେ ରହିବା ସହ ମୃତ୍ୟୁ ହାରକୁ ବହୁ ମାତ୍ରାରେ ରୋକାଯାଇ ପାରିଛି। କେବଳ ସ୍ୱାସ୍ଥ୍ୟ ନୁହେଁ ଲୋକଙ୍କ ଜୀବନ ଜୀବିକା କିପରି ପୁନର୍ଜୀବିତ ହେବ ଓ ରାଜ୍ୟ ଅର୍ଥନୀତି ଚଳଚଞ୍ଚଳ ହେବ ସେ ନେଇ ଅନେକ ପଦକ୍ଷେପ ନେଇଛନ୍ତି। କରୋନା ସମୟରେ ଗରିବ ଲୋକେ ଯେପରି ଖାଦ୍ୟ ସମସ୍ୟାର ସମ୍ମୁଖୀନ ହେବେ ନାହିଁ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ଆଗୁଆ ରାଶନ ଏବଂ ଭତ୍ତା ପ୍ରଦାନ କରିଛନ୍ତି। ପ୍ରବାସୀଙ୍କୁ ରାଜ୍ୟକୁ ଫେରାଇ ଆଣିବା ସକାଶେ ପଞ୍ଜୀକରଣ ଓ ପ୍ରୋତ୍ସାହନ ରାଶି ଘୋଷଣା କରି ନବୀନ ରାଜ୍ୟ ତଥା ଦେଶ ବାହାରେ ରହିଥିବା ଓଡ଼ିଆଙ୍କ ହୃଦୟ ଜିଣିବାରେ ସଫଳ ହୋଇଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ନ ଥିବା ୫ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକମାନଙ୍କୁ ମଧ୍ୟ ମାଗଣାରେ ରାଶନ ଯୋଗାଇ ଦିଆଯାଇଛି। ଓଡ଼ିଶା ପ୍ରଥମ ରାଜ୍ୟ ଭାବେ କରୋନା ମୁକାବିଲା କରିବାରେ ଆଗଧାଡ଼ିରେ ଥିବା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପୋଲିସ, ସଫେଇ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଏବଂ ଶହୀଦ ମାନ୍ୟତା ଦେଇଛି। କରୋନା ଯୋଦ୍ଧାଙ୍କର ମୃତ୍ୟୁ ହେଲେ ସରକାର ତାଙ୍କୁ ଶହୀଦର ମାନ୍ୟତା ଦେବା ସହ ପରିବାରକୁ ୫୦ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ଦେବାକୁ ଘୋଷଣା କରିଛନ୍ତି । କରୋନା ସଂକ୍ରମିତଙ୍କ ମାଗଣା ଚିକିତ୍ସା ପାଇଁ ସାରା ରାଜ୍ୟରେ କୋଭିଡ୍ ହସ୍ପିଟାଲ ଖୋଲିବା ଏବଂ ୯ ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ ରାଜ୍ୟକୁ ଫେରାଇ ଆଣିବା ଭଳି ଅନେକ ପଦକ୍ଷେପ ପାଇଁ ନବୀନ ସମଗ୍ର ଦେଶରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କରୋନା ମୁକାବିଲାରେ ଗୋଷ୍ଠୀଗୁଡ଼ିକୁ ସାମିଲ କରିବା ଯୋଗୁ ଜାତିସଂଘ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ପ୍ରଶଂସା କରିଛି। କେବଳ ସେତିକି ନୁହେଁ, କରୋନା ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ଶିଳ୍ପକୁ ପୁନର୍ଜୀବିତ କରିବାକୁ ରାଜ୍ୟ ସରକାର ଉଦ୍ୟମ ଅବ୍ୟାହତ ରଖିଛନ୍ତି । କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ପୁନର୍ଜୀବିତ କରିବା ଲାଗି ନବୀନ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଘୋଷଣା କରିଛନ୍ତି। କରୋନା ସମୟରେ ଚାଲୁରହିଥିବା ସମସ୍ତ କାର୍ଯ୍ୟକୁ ଆଗେଇ ନେବାକୁ ପରାମର୍ଶ ଦେଇଛନ୍ତି ।

ଶାସନରୁ ଦୁର୍ନୀତି ହଟାଇବା ଠାରୁ ଆରମ୍ଭ କରି ରାଜ୍ୟର ବିକାଶକୁ ସେ ସର୍ବଦା ପ୍ରାଥମିକତା ଦେଇ ଆସିଛନ୍ତି। ପ୍ରଶାସନକୁ ଅଧିକ ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ଲାଗି ନବୀନଙ୍କ ଅଭିନବ ପ୍ରୟାସ ୫-ଟି ଓ ମୋ ସରକାର ଅନେକାଂଶରେ ସଫଳ ହୋଇଛି। ଗରିବ ଶ୍ରମିକ, ଦିନମଜୁରିଆ, କୃଷକ, ମହିଳା, ଆଦିବାସୀ ଲୋକମାନଙ୍କ ଜୀବନଧାରଣରେ ବିକାଶ ଆଣିବା ଲାଗି ଗତ ୨୦ ବର୍ଷ ହେବ ଅନେକ ଜନହିତକର ଯୋଜନା ହାତକୁ ନେଇଛନ୍ତି। ସମ୍ମାନର ସହ ବଞ୍ଚିବା ଲାଗି ୧୧୪ଟି ସହରାଞ୍ଚଳ ପରିମଳ କର୍ମଚାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୨୦୨୦ ସେପ୍ଟେମ୍ବର ୧୬ ତାରିଖରେ 'ଗରିମା' ଯୋଜନା ଆରମ୍ଭ କରିଛନ୍ତି । ଏଥିରେ ୨୦ ହଜାରରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀ ଉପକୃତ ହେବେ। ପରିମଳ କର୍ମଚାରୀ ଓ ସେମାନଙ୍କ ପରିବାରକୁ ସ୍ୱାସ୍ଥ୍ୟ ସେବା ମାଗଣାରେ ଯୋଗାଇ ଦିଆଯିବ। ଏଥିପାଇଁ ରାଜ୍ୟ ସରକାର ୫୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ସେହିପରି ସହରବାସୀଙ୍କୁ ପାଣି ଟ୍ୟାପ୍‌ରୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ 'ସୁଜଳ' ଯୋଜନା ଆରମ୍ଭ କରିଛନ୍ତି । ଲୋକମାନେ ପାଣି ଟ୍ୟାପ୍‌ରୁ ସିଧା ସଳଖ ବିଶୁଦ୍ଧ ପାନୀୟ ଜଳ ପିଇ ପାରିବେ। ରାଜ୍ୟର ସମସ୍ତ ସହରରେ ଏହି ଯୋଜନା ଲାଗୁ କରିବା ନେଇ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ଶ୍ରୀମନ୍ଦିର ଓ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ବିକାଶ କରି ରାଜ୍ୟକୁ ବିଶ୍ୱ ପର୍ଯ୍ୟଟନର ଦୃଷ୍ଟିଆକର୍ଷଣ କରିବା ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ପୁରାତନ ଐତିହ୍ୟ ଓ ପର୍ଯ୍ୟଟନ ସ୍ଥଳର ବିକାଶ ଦିଗରେ ପଦକ୍ଷେପ ନେଇ କଳା ଓ ସଂସ୍କୃତି ପ୍ରତି ନିଜର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛନ୍ତି। ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସଫଳ ମୁକାବିଲା କରି ନବୀନ ପ୍ରଶାସନିକ ଦକ୍ଷତାର ପ୍ରମାଣ ଦେଇଛନ୍ତି। ନବୀନ ସଫଳତାର ପାହାଚ ପରେ ପାହାଚ ଚଢ଼ି ଚାଲିଛନ୍ତି। ଦୁର୍ନୀତି ଓ ସରକାରୀ ଅର୍ଥ ବାଟମାରଣା ପ୍ରତି ନବୀନ ସର୍ବଦା ଶୂନ ସହନଶୀଳତା(ଜିରୋ ଟଲରାନ୍ସ) ନୀତି ଅବଲମ୍ବନ କରି ଆସିଛନ୍ତି। ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ଅନେକ ଥର ସରକାରଙ୍କୁ ଘେରିଥିଲେ ମଧ୍ୟ ନବୀନଙ୍କ ଅସାଧାରଣ ପ୍ରତିଭା ଆଗରେ ସବୁ କିଛି ହାର ମାନିଛି।




## ସଂକ୍ଷେପରେ

**ଜନ୍ମ:** ୧୬ ଅକ୍ଟୋବର ୧୯୪୬
**ପିତା:** ବିଜୁ ପଟ୍ଟନାୟକ
**ମାତା:** ଜ୍ଞାନ ପଟ୍ଟନାୟକ
**ଠିକଣା:** ନବୀନ ନିବାସ, ଭୁବନେଶ୍ୱର
**ସ୍କୁଲ ଶିକ୍ଷା:** ଡେରାଡୁନର ୱେଲହାମ ଓ ଡୁନ୍ ସ୍କୁଲ
**ଉଚ୍ଚଶିକ୍ଷା:** କିରୋରୀ ମଲ୍ କଲେଜ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟ
**ରାଜନୈତିକ ଦଳ:** ଜନତା ଦଳ(୧୯୯୭), ବିଜେଡି(୧୯୯୭ରୁ ଏଯାବତ୍)
**ସଭାପତି :** ବିଜୁ ଜନତା ଦଳ(ବିଜେଡି)

### ସମ୍ମାନ

ଜାତିସଂଘ ସମ୍ମାନ(୨୦୧୩)
ଭାରତରେ ଶ୍ରେଷ୍ଠ ପ୍ରଶାସକ (୨୦୧୭)
ଏସିଆଇସେକ୍ ପ୍ରେସିଡେଣ୍ଟସ୍ ଆୱାର୍ଡ (୨୦୧୮)
ଆଦର୍ଶ ମୁଖ୍ୟମନ୍ତ୍ରୀ(୨୦୧୮)

### ରଚିତ ପୁସ୍ତକ

ଏ ସେକେଣ୍ଡ ପାରାଡାଇଜ୍- ଇଣ୍ଡିଆନ୍ କଣ୍ଟ୍ରି ଲାଇଫ୍ ୧୫୯୦-୧୯୪୭
ଏ ଡେଜର୍ଟ କିଂଡମ୍ -ଦ ପିପୁଲ ଅଫ୍ ବିକାନେର
ଦ ଗାର୍ଡେନ ଅଫ୍ ଲାଇଫ୍- ଆନ୍ ଇଣ୍ଟ୍ରୋଡକ୍ସନ୍ ଟୁ ହିଲିଂ ପ୍ଲାଣ୍ଟସ୍ ଅଫ୍ ଇଣ୍ଡିଆ

### ପ୍ରଥମ ନିର୍ବାଚନ

ଆସ୍କା ଲୋକ ସଭା ଉପନିର୍ବାଚନ(୧୯୯୭), ଜନତାଦଳ
ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ
- କେନ୍ଦ୍ର କ୍ୟାବିନେଟ୍‌ରେ ଇସ୍ପାତ ଓ ଖଣି ମନ୍ତ୍ରୀ (ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ)
- ମୁଖ୍ୟମନ୍ତ୍ରୀ ଦାୟିତ୍ୱ: ୨୦୦୦, ୨୦୦୪, ୨୦୦୯, ୨୦୧୪, ୨୦୧୯

























# ସରଳ ସ୍ୱଭାବ, ଅସାଧାରଣ ବ୍ୟକ୍ତିତ୍ୱ

ନବୀନ ପଟ୍ଟନାୟକ ୧୯୪୬ ଅକ୍ଟୋବର ୧୬ରେ କଟକରେ ଜନ୍ମଗ୍ରହଣ କରିଥିଲେ। ପିଲାଟି ବେଳୁ ସେ ବାହାରେ ରହି ପଢ଼ିଥିଲେ। ପ୍ରଥମେ ଡେହରାଡୁନର ୱେଲହମ୍ ବାଳକ ବିଦ୍ୟାଳୟ ଏବଂ ପରେ ସମ୍ମାନଜନକ ଦି ଡୁନ ସ୍କୁଲରେ ଶିକ୍ଷା ଲାଭ କରିଥିଲେ। ପରେ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ନବୀନ ଜଣେ ବିଶିଷ୍ଟ ଲେଖକ ଥିଲେ। ସେ ୫୦ବର୍ଷ ପର୍ଯ୍ୟନ୍ତ ଉଭୟ ରାଜନୀତି ଏବଂ ଓଡ଼ିଶାଠାରୁ ଦୂରେଇ ରହିଥିଲେ। କିନ୍ତୁ ପିତା ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ସେ ୧୯୯୭ରେ ରାଜନୀତିରେ ପ୍ରବେଶ କରିଥିଲେ। ୧୯୯୮ରେ ସେ ସ୍ୱର୍ଗତ ପିତା ବିଜୁ ପଟ୍ଟନାୟକଙ୍କ ନାମରେ ବିଜୁ ଜନତା ଦଳ ପ୍ରତିଷ୍ଠା କରିଥିଲେ। ପୂର୍ବରୁ ରାଜନୈତିକ ଅଭିଜ୍ଞତା ନ ଥିଲେ ମଧ୍ୟ ସେ ବେଶ୍ ବିଜ୍ଞତାର ପରିଚୟ ଦେଇ ୨୦୦୦ରେ



ଭାଜପା ସହିତ ମିଶି ରାଜ୍ୟରେ ସରକାର ଗଠନ କରି ମୁଖ୍ୟମନ୍ତ୍ରୀ ଭାର ଗ୍ରହଣ କରିଥିଲେ। ସରଳ ସ୍ୱଭାବ ଓ ସହିଷ୍ଣୁତା ତାଙ୍କୁ ଜଣେ ଅସାଧାରଣ ଜନନେତା କରିପାରିଛି। ଯେଉଁଥିପାଇଁ ସେ ଲଗାତାର ୫ଥର ମୁଖ୍ୟମନ୍ତ୍ରୀ ଆସନରେ ଅଳଙ୍କୃତ ହୋଇପାରିଛନ୍ତି। ପିତାଙ୍କ ପରି ସେ ଅମଲାତନ୍ତ୍ରକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଛନ୍ତି। ଯାହାକି ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବାରେ ସହାୟକ ହୋଇପାରିଛି। ତାଙ୍କର ବ୍ୟକ୍ତିଗତ ସାଧାରଣ ଜୀବନଶୈଳୀ ରାଜ୍ୟବାସୀଙ୍କ ନିକଟରେ ଗ୍ରହଣୀୟ ହୋଇପାରିଛି। ସେ ବିପର୍ଯ୍ୟୟ ପରିଚାଳନା କରିବାରେ ବେଶ୍ ସଫଳତା ହାସଲ କରିଛନ୍ତି। ୧୯୯୯ ପରେ ରାଜ୍ୟ ଯେତେଗୁଡ଼ିକ ବାତ୍ୟାର ସମ୍ମୁଖୀନ ହୋଇଛି ତାକୁ ସଫଳତାର ସହ ମୁକାବିଲା କରିବାରେ ରଣକୌଶଳ ବେଶ ସହାୟକ ହୋଇଛି। ଯେଉଁଥିପାଇଁ ଜାତିସଂଘ ମଧ୍ୟ ତାଙ୍କୁ ପ୍ରଶଂସା କରିଛି। କଳାପ୍ରତି ତାଙ୍କ ଅନୁରାଗ ତାଙ୍କୁ ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟର ଜଣେ ପ୍ରତିଷ୍ଠାତା ସଦସ୍ୟ କରାଇ ପାରିଛି।

























# ଓଡ଼ିଶା ରେଡ୍‌କ୍ରସକୁ ୭ ପୁରସ୍କାର

**ଭୁବନେଶ୍ୱର,୧୫।୧୦(ବ୍ୟୁରୋ)**

ଭାରତୀୟ ରେଡକ୍ରସ୍ ସୋସାଇଟିର ବାର୍ଷିକ ସାଧାରଣ ବୈଠକ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ରାଜ୍ୟ ଶାଖା ଜାତୀୟସ୍ତରରେ ରେକର୍ଡ ସଂଖ୍ୟକ ୭ ପୁରସ୍କାର ଗ୍ରହଣ କରି ବିରଳ କୃତିତ୍ୱ ହାସଲ କରିଛି। ସର୍ବାଧିକ ରକ୍ତଦାନ ପାଇଁ ୨୦୧୬-୨୦୧୭ ଓ ୨୦୧୭-୨୦୧୮ ବର୍ଷ ନିମନ୍ତେ ପୁରସ୍କୃତ ହୋଇଛି। ସେହିଭଳି ସର୍ବାଧିକ ଅନୁଦାନ ସଂଗ୍ରହ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ଏବଂ ୨୦୧୮-୨୦୧୯ ବର୍ଷ ପାଇଁ ଶ୍ରେଷ୍ଠ ରାଜ୍ୟ ଶାଖା ଭାବରେ ଓଡ଼ିଶା ସମ୍ମାନିତ ହୋଇଛି। ଏତଦ୍‌ବ୍ୟତୀତ ବ୍ୟକ୍ତିଗତ ସଫଳତା ନିମନ୍ତେ ସ୍ୱେଚ୍ଛାସେବୀ ଗୀତାଞ୍ଜଳି ପଣ୍ଡା ଓ ମାଲକାନଗିରି ଯୁବ ରେଡକ୍ରସ ପରାମର୍ଶଦାତା ଡ. ରଞ୍ଜନ କୁମାର ସ୍ୱାଇଁଙ୍କୁ ଜାତୀୟ ରେଡକ୍ରସ ମେରିଟ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଶାଖା ତରଫରୁ ଅବୈତନିକ ସଚିବ ସୁଶ୍ରୀ ସିଟିଏମ୍. ସୁଗୁଣା, କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, କନିଷ୍ଠ ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ସମସ୍ତ ଜିଲାର ଜିଲାପାଳ ବା ସେମାନଙ୍କ ପ୍ରତିନିଧି, ରାଜ୍ୟ କାର୍ଯ୍ୟକାରିଣୀର ସଦସ୍ୟମାନେ ଯୋଗ ଦେଇଥିଲେ। ସିଟିଏମ. ସୁଗୁଣା ରାଜ୍ୟରେ କ୍ରିୟାଶୀଳ ସମସ୍ତ ଯୋଜନାର ସଫଳ ରୂପାୟନ ନିମନ୍ତେ ଭାରତୀୟ ରେଡକ୍ରସ ସୋସାଇଟିର ସହଯୋଗ ସଂକ୍ରାନ୍ତରେ କହିଥିଲେ। ଓଡ଼ିଶା ରେଡ୍‌କ୍ରସ୍‌ର ସଫଳତା ନିମନ୍ତେ ସମସ୍ତ ସ୍ୱେଚ୍ଛାସେବୀ ତଥା ଯୁବ ରେଡକ୍ରସ, କନିଷ୍ଠ ରେଡକ୍ରସର ସମସ୍ତ କର୍ମକର୍ତ୍ତା, କାର୍ଯ୍ୟାଳୟ କର୍ମଚାରୀଙ୍କୁ ସେ ଧନ୍ୟବାଦ ଜଣାଇଥିଲେ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଉଦ୍ଦେଶ୍ୟରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ମିସେସ ଇଣ୍ଡିଆ ଗ୍ଲୋବାଲ ଟାଇଟଲ ଜିତିଲେ ରୋଜା

ଭୁବନେଶ୍ୱର,୧୫।୧୦(ବ୍ୟୁରୋ)- ଅପେରା ମିଡିଆ ଆନୁକୂଲ୍ୟରେ ମିସ୍ ଏବଂ ମିସେସ୍ ଇଣ୍ଡିଆ ଗ୍ଲୋବାଲ ଆୟୋଜିତ ହୋଇଥିଲା। ତେବେ ଚଳିତବର୍ଷ ଓଡ଼ିଶା ଜନ୍ମିତ ରୋଜା ମିସେସ୍ ଇଣ୍ଡିଆ ଗ୍ଲୋବାଲ ୨୦୨୦ ଟାଇଟଲ ବିଜୟୀ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେ ଅଷ୍ଟ୍ରେଲିଆର ରଞ୍ଜିତା ନାୟରଙ୍କୁ ପଛରେ ପକାଇ ଏହି ଟାଇଟଲ ବିଜୟୀ ହୋଇଛନ୍ତି। ୟୁନିଅନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାମ କରୁଥିବା ରୋଜା ଏହି ପ୍ରତିଯୋଗିତାରେ 'ବିଉଟି ୱିଥ୍ ଏ ପର୍‌ପୋଜ୍' ଟାଇଟଲ ମଧ୍ୟ ଜିତିଛନ୍ତି।

# ୧୫ ସହରରେ ସ୍ୱୟଂକ୍ରିୟ ବାୟୁ ପ୍ରଦୂଷଣ ପରିଚାଳନା ଷ୍ଟେଶନ

**ଭୁବନେଶ୍ୱର,୧୫।୧୦(ବ୍ୟୁରୋ)**

ରାଜ୍ୟର ୧୫ଟି ବାୟୁ ପ୍ରଦୂଷଣ ସମ୍ବେଦନଶୀଳ ସହରରେ ପ୍ରଦୂଷଣ ମାପିବା ପାଇଁ ସ୍ୱୟଂକ୍ରିୟ ବାୟୁ ପ୍ରଦୂଷଣ ପରଚାଳନା ଷ୍ଟେଶନ ସ୍ଥାପନ ହେବ। କଟକ, ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ, ଅନୁଗୋଳ ଏବଂ ଖୋର୍ଦ୍ଧା ଜିଲାର ବିଭିନ୍ନ ସହରରେ ୧୫ଟି ଷ୍ଟେଶନ ସ୍ଥାପନ କରାଯିବ। ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଚାଳନା ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି କାର୍ଯ୍ୟ ସମାପ୍ତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସେହି ସବୁ ଷ୍ଟେଶନରୁ ବହୁ ପରିମାଣରେ ସାଙ୍କେତିକ ତଥ୍ୟ ମିଳି ପାରିବ। ସେ ସବୁର ବୈଜ୍ଞାନିକ ଅନୁଧ୍ୟାନ ଏବଂ ଅନୁଶୀଳନ କରି ଶିକ୍ଷାନୁଷ୍ଠାନ ଓ ନାଗରିକମାନଙ୍କ ଅବଗତି ଓ ସଚେତନତା ପାଇଁ ୱେବ୍‌ସାଇଟ୍‌ରେ ଅପଲୋଡ୍ କରାଯିବ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ବାୟୁ ଓ ଜଳର ସ୍ୱଚ୍ଛତା ସ୍ତର ବିଷୟରେ ସର୍ବସାଧାରଣଙ୍କ ସଚେତନତା ନିମନ୍ତେ ଏକ ୱେବ୍ ପୋର୍ଟାଲ ପ୍ରସ୍ତୁତି ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ବୋର୍ଡର ମେମ୍ବର ସେକ୍ରେଟାରି କେ. ମୁରୁଗେସେନ ଓ ଅନ୍ୟାନ୍ୟ ଅଧିକାରୀ ଯୋଗ ଦେଇଥିଲେ।


ଅଭିନନ୍ଦନ
ଓଡ଼ିଶା ବିକାଶର ସାରଥି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ୭୫ତମ ଜନ୍ମଦିନ ଅବସରରେ ମୁଁ ଦିଗପହଣ୍ଡି ଅଞ୍ଚଳର ସମସ୍ତ ଜନସାଧାରଣ, ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି। ଓଡ଼ିଶାବାସୀଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛି।
ଶ୍ରୀଯୁକ୍ତ ଏମ୍. ନିରଞ୍ଜନ ରେଡ୍ଡୀ
ଦିଗପହଣ୍ଡି ବ୍ଲକ ଉପାଧ୍ୟକ୍ଷ ପ୍ରତିନିଧି (ଗଞ୍ଜାମ)

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ (ମୁଖ୍ୟମନ୍ତ୍ରୀ, ଓଡ଼ିଶା)
ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ମନ୍ତ୍ରୀ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ର)
ଶ୍ରୀଯୁକ୍ତ ଆଦିତ୍ୟ ପ୍ରତାପ ସ୍ୱାଇଁ (ଯୁବ ନେତା, ଆଠଗଡ)
ଶ୍ରୀଯୁକ୍ତ ଆଦିତ୍ୟ ପ୍ରସାଦ ମହାନ୍ତି (ଯୁବ ସଂଗଠକ, ଟିଗିରିଆ) ମୋ- ୯୩୪୮୨୬୭୦୩୮

ଅଭିନନ୍ଦନ
ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ୭୫ତମ ଜନ୍ମ ଦିବସରେ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇବା ସହ ଦୀର୍ଘାୟୁ ଜୀବନ କାମନା କରୁଛି।
Smruti Ranjan Samal
State BJD Youth General Secretary

ଶୁଭେଚ୍ଛା ବାର୍ତ୍ତା
ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିଥିବା ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ତଥା ବିଜେଡି ରାଜ୍ୟ ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ୭୫ତମ ଜନ୍ମଦିବସରେ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ଦୀର୍ଘ, ନିରାମୟ ଜୀବନ କାମନା କରୁଛି।
ଶ୍ରୀଯୁକ୍ତ ଅସିତ କୁମାର ସାହୁ
ସରପଞ୍ଚ ପ୍ରତିନିଧି, ଗୋକର୍ଣ୍ଣପୁର ସେବା ସମବାୟ ସମିତି (ସଭାପତି)

ଶୁଭେଚ୍ଛା ବାର୍ତ୍ତା
ଭାରତୀୟ ରାଜନୀତିର ଜାଜ୍ୱଲ୍ୟମାନ ତାରକା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ୭୫ତମ ଜନ୍ମବାର୍ଷିକୀ ଅବସରରେ ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତ ଜନସାଧାରଣଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରୁଛି।
ଶ୍ରୀଯୁକ୍ତ ଶିବରାମ ପ୍ରଧାନ
ସମିତିସଭ୍ୟ, ଫାସିଗୁଡ଼ା ପଞ୍ଚାୟତ ଦିଗପହଣ୍ଡି ବ୍ଲକ (ଗଞ୍ଜାମ)

ଶୁଭେଚ୍ଛା ବାର୍ତ୍ତା
ବିକାଶ ପୁରୁଷ ଦେଶର ସର୍ବଶ୍ରେଷ୍ଠ ପ୍ରଶାସକ ତଥା ଓଡ଼ିଶା ଜନମାନସର ପ୍ରତୀକ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ୭୫ତମ ଜନ୍ମଦିବସ ଅବସରରେ ପଦ୍ମନାଭପୁର ପଞ୍ଚାୟତ ତଥା ଦିଗପହଣ୍ଡି ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି।
ଶ୍ରୀଯୁକ୍ତ ବି. କ୍ରିଷ୍ଣାରାଓ ସୁବୁଦ୍ଧି
ସରପଞ୍ଚ, ପଦ୍ମନାଭପୁର ପଞ୍ଚାୟତ ଦିଗପହଣ୍ଡି ବ୍ଲକ (ଗଞ୍ଜାମ)

ଅଭିନନ୍ଦନ
ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ୭୫ତମ ଜନ୍ମ ଦିବସରେ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇବା ସହ ଦୀର୍ଘାୟୁ ଜୀବନ କାମନା କରୁଛି।
Dr. Prakash Tripathy
(Youth Leader BJD Coordinator
Jiban Bindu Mo Parivar, BBSR North)

ଅଭିନନ୍ଦନ
କୋଟି କୋଟି ହୃଦୟର ମଉଡ଼ମଣି, ଓଡ଼ିଶା ପ୍ରଗତିର ସାରଥି, ବିକାଶ ପୁରୁଷ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ୭୫ତମ ଜନ୍ମଦିବସରେ ଗଡ଼ ଗୋବିନ୍ଦପୁର ପଞ୍ଚାୟତ ତଥା ଦିଗପହଣ୍ଡି ଅଞ୍ଚଳବାସୀଙ୍କୁ ଅଜସ୍ର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଜୀବନ, ନୀରୋଗ ଓ ନିରାମୟ ହେଉ।
ଶ୍ରୀଯୁକ୍ତ କେ. ହରିବନ୍ଧୁ ରେଡ୍ଡୀ
ସରପଞ୍ଚ ପ୍ରତିନିଧି
ଗଡ଼ଗୋବିନ୍ଦପୁର ପଞ୍ଚାୟତ
ଦିଗପହଣ୍ଡି ବ୍ଲକ ସରପଞ୍ଚ ସଂଘ ସଭାପତି (ଗଞ୍ଜାମ)

ଅଭିନନ୍ଦନ
ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିଥିବା ଆମ ସମସ୍ତଙ୍କର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ୭୫ତମ ଜନ୍ମଦିବସରେ ଗୌଡ଼ଗାଁ ପଞ୍ଚାୟତର ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ, ନିରାମୟ ଜୀବନ କାମନା କରୁଛି।
ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ସାହୁ
ସରପଞ୍ଚ
ଗୌଡ଼ଗାଁ ପଞ୍ଚାୟତ ସମିତି

ଶୁଭେଚ୍ଛା ବାର୍ତ୍ତା
ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ୭୫ତମ ଜନ୍ମବାର୍ଷିକୀ ଅବସରରେ ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ପଞ୍ଚାୟତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଭୀଷ୍ମଗିରି ପଞ୍ଚାୟତର ସାମଗ୍ରିକ ବିକାଶ ନିମନ୍ତେ ମୁଁ ସଙ୍କଳ୍ପବଦ୍ଧ।
ଶ୍ରୀଯୁକ୍ତ ପୀତାମ୍ବର ଗୌଡ଼
ସରପଞ୍ଚ, ଭୀଷ୍ମଗିରି ଗ୍ରାମ ପଞ୍ଚାୟତ ଦିଗପହଣ୍ଡି ବ୍ଲକ (ଗଞ୍ଜାମ)

ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିବସ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛି।
ଅମରେଶ ଜେନା
ସମ୍ପାଦକ, ବିଜୁ ଜନତା ଦଳ

ଶୁଭେଚ୍ଛା ବାର୍ତ୍ତା
ଓଡ଼ିଶା ଲୋକଙ୍କ ସେବାରେ ସମର୍ପିତ ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ୭୫ତମ ଜନ୍ମଦିନ ଅବସରରେ ମୁଁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ଦୀର୍ଘ, ନିରାମୟ ଜୀବନ କାମନା କରୁଛି।
ଶ୍ରୀଯୁକ୍ତ ବିପ୍ଳବ ପାତ୍ର
ରାଜ୍ୟ କମିଟି ସଦସ୍ୟ
ବିଜୁ ଜନତା ଦଳ

ଅଭିନନ୍ଦନ
ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ୭୫ତମ ଜନ୍ମଦିନ ଅବସରରେ ଦିଗପହଣ୍ଡି ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସୁଖ, ସମୃଦ୍ଧି କାମନା କରୁଛି। ଆଗାମୀ ଦିନରେ ରାଜ୍ୟର ବିକାଶ ହେବା ସହିତ ଶାସନ ଭାର ଅଧିକ ସୁଦୃଢ଼ ଓ ଶୃଙ୍ଖଳିତ ହେଉ। ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ବାବୁଙ୍କ ନିରାମୟ ଦୀର୍ଘ ଜୀବନ କାମନା କରୁଛି।
ଶ୍ରୀଯୁକ୍ତ ବିପିନ ଚନ୍ଦ୍ର ପ୍ରଧାନ
ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ (ଗଞ୍ଜାମ)

ଅଭିନନ୍ଦନ
ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ୭୫ତମ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା।
ଶ୍ରୀଯୁକ୍ତ ଡ. ସୂର୍ଯ୍ୟନାରାୟଣ ପାତ୍ର
ଦିଗପହଣ୍ଡି ନିର୍ବାଚନମଣ୍ଡଳୀ
ବିଧାୟକ ତଥା ବାଚସ୍ପତି
ଓଡ଼ିଶା ବିଧାନସଭା

ଅଭିନନ୍ଦନ
ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ୭୫ତମ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା।
ରଜତ ପାତ୍ର
ପୂର୍ବତନ ଚେୟାରମ୍ୟାନ
ରଘୁନାଥପୁର ବ୍ଲକ
ତିର୍ତ୍ତୋଲ, ଜଗତ୍‌ସିଂହପୁର

ଅଭିନନ୍ଦନ
ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ୭୫ତମ ଜନ୍ମଦିନ ଅବସରରେ ଅଭିନନ୍ଦନ ଏବଂ ଶୁଭେଚ୍ଛା ସହ ଦୀର୍ଘାୟୁ ଜୀବନ କାମନା କରୁଛି।
TANMAYA SWAIN
Joint Secretary Biju Janata Dal
(Student Affairs)

ଅଭିନନ୍ଦନ
ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ୭୫ତମ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା।
ସୂର୍ଯ୍ୟକାନ୍ତି ଜେନା
ସଭାପତି
ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ
ବିଜୁ ଜନତା ଦଳ

ଅଭିନନ୍ଦନ
ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ୭୫ତମ ଜନ୍ମଦିନ ଅବସରରେ ଅଭିନନ୍ଦନ ଏବଂ ଶୁଭେଚ୍ଛା ସହ ଦୀର୍ଘାୟୁ ଜୀବନ କାମନା କରୁଛି।
ତୁଷାରକାନ୍ତି ବେହେରା
କ୍ରୀଡ଼ା ଓ ଯୁବସେବା ରାଜ୍ୟମନ୍ତ୍ରୀ, ଓଡ଼ିଶା

## ସଂକ୍ଷେପରେ

### ବେତଡ଼ା ବଜାର ଦୋକାନ ଭଙ୍ଗା ଘଟଣା, ୩ ଗିରଫ

ବାସୁଦେବପୁର, ୧୫।୧୦(ଡି.ଏନ୍.ଏ.): ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ବେତଡ଼ା ବଜାରରେ କେତେକ ଗୁମୁଟି(ଦୋକାନ) ଭଙ୍ଗାଯିବା ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ରତାଙ୍ଗ ଗ୍ରାମର ୩ ଯୁବକଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଲକ୍ଷ୍ମୀଧର ମଳିକ(୩୨), ମାୟାଧର ଦାସ(୩୬), ପ୍ରଭାସ ମଳିକ(୨୯)। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଦୋକାନୀ ଶୁକମଣି ଦାସଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୨୬୯/୨୦) ରୁଜୁ ହୋଇଛି। ଏହି ଘଟଣାକୁ ନେଇ ବେତଡ଼ା ବଜାରରେ ୨ ଦିନ ହେଲା ଚାପା ଉତ୍ତେଜନା ଲାଗିରହିଛି। ବଜାରରେ ଶାନ୍ତିରକ୍ଷା ପାଇଁ ୧ ପ୍ଲାଟୁନ ଫୋର୍ସ ମୁତୟନ ହେବା ସହିତ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି।

### ଦେଢ଼ ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ଜବତ, ଜଣେ ଗିରଫ

ପଦ୍ମପୁର, ୧୫।୧୦(ଡି.ଏନ୍.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡ଼ିହୀ ପଞ୍ଚାୟତର ବଳରାମପୁର ଗ୍ରାମରେ ଜଣଙ୍କ ଘରୁ ଦେଢ଼ ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ଜବତ ହୋଇଛି। ନାୟକାଣିଡ଼ିହୀ ଥାନାଧିକାରୀ ଉମାଶଙ୍କର ନାୟକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ପୂର୍ବାହ୍ନରେ ଏଏସ୍‌ଆଇ ଦିଲୀପ କୁମାର ଦେହୁରୀ, କନଷ୍ଟେବଲ ରମେଶ କୁମାର ନାୟକ, କରୁଣାକର ମୁର୍ମୁ ଚଢ଼ାଉ କରି ୪୦ ବସ୍ତାରୁ ଊର୍ଦ୍ଧ୍ୱ କୋଇଲା ଜବତ କରିଥିଲେ। ଏହି ଘଟଣାରେ ଲକ୍ଷ୍ମଣ ଘଡୁଆଙ୍କୁ ପୋଲିସ ଗିରଫ କରିଛି।

### ଗୃହକର୍ତ୍ତାଙ୍କୁ ବାନ୍ଧି ଡକାୟତି

ସୋର, ୧୫।୧୦(ଡି.ଏନ.ଏ.)-ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ମାଣିପୁର ପଞ୍ଚାୟତର ରଣପୁର ଗ୍ରାମର ମଦନମହାନ୍ତିଙ୍କ ଘରେ ମଙ୍ଗଳବାର ବିଳମ୍ବିତ ରାତିରେ ଚୋର ପଶି ତାଙ୍କୁ ବାନ୍ଧି ପକାଇବା ସହ ଘରେ ଥିବା ସୁନା ଗହଣା ଓ ନଗଦ ଟଙ୍କା ନେଇଯାଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ବାଲେଶ୍ୱରରୁ ଏକ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛନ୍ତି। ସୂଚନା ଅନୁଯାୟୀ ମଦନଙ୍କ ଘର ବାହାରେ ୨ ଜଣ ଡ଼କାୟତ ଜଗି ରହିଥିଲେ। ଡ଼କାୟତମାନେ ବିଭିନ୍ନ ମାରଣାସ୍ତ୍ର ଧରି ମଦନଙ୍କୁ ଧମକାଇବା ସହ ବାନ୍ଧି ପକାଇଥିଲେ। ସେ ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇ ତାଙ୍କ ସ୍ତ୍ରୀଙ୍କ ପାଖରୁ ୨ଟି ସୁନାଚେନ, ଗୋଟିଏ ସୁନାର ହାର, ୨ଟା ସୁନାମୁଦି, ୨ହଳ କାନଫୁଲ, ହଳେ ରୁପା ପାଉଁଜି ଓ ନଗଦ ଟଙ୍କା ନେଇଯାଇଥିଲେ। ଯିବା ବେଳେ ଏକ ଭୁଜାଲି ଓ ପିନ୍ଧିଥିବା ଜୋତା ଛାଡ଼ିଯାଇଥିଲେ। ସୋର ଥାନା ଭାରପ୍ରାପ୍ତ ଅଧିକାରୀ ମଧୁମିତା ମହାନ୍ତି ଡକାୟତଙ୍କୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଛାନ୍‌ଭିନ କରିଛନ୍ତି।

# ସାର ରେକ୍ ପଏଣ୍ଟ ସ୍ଥାପନକୁ ଅଣଦେଖା

କେନ୍ଦୁଝର,୧୫।୧୦(ଡି.ଏନ.ଏ.)

କେନ୍ଦୁଝର ଏକ କୃଷିବହୁଳ ଜିଲା ହୋଇଥିବାବେଳେ ଚାଷୀଙ୍କୁ ଠିକଣା ସମୟରେ ଆବଶ୍ୟକ ସାର ଯୋଗାଇବାର ବିଭାଗ ଅସମର୍ଥ ହୋଇଛି। ଫଳରେ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାର ନରଣପୁରଠାରେ ଏକ ସାର ରେକ୍ ପଏଣ୍ଟ ସ୍ଥାପନା ପାଇଁ ବିଭିନ୍ନ ସଙ୍ଗଠନ ଦାବି କରି ଆସୁଥିଲେ ମଧ୍ୟ ରେଳବାଇ କର୍ତ୍ତୃପକ୍ଷ ଏଥିପ୍ରତି ଅଣଦେଖା କରିବା ଯୋଗୁ ଏଭଳି ପରିସ୍ଥିତି ଉପୁଜୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ସାର ସମସ୍ୟା ଦୂର କରିବା ଲାଗି ନରଣପୁର ଷ୍ଟେଶନ ନିକଟରେ ଏକ ରେକ୍ ପଏଣ୍ଟ ସ୍ଥାପନ ପାଇଁ କେନ୍ଦୁଝର ଜିଲାପାଳ ଆଶିଷ ଠାକରେ ୨୦୧୮ ମେ ୧୬ ତାରିଖରେ ରାଜ୍ୟ କୃଷି ବିଭାଗକୁ ପତ୍ର ଲେଖିଥିଲେ। ତଦନୁଯାୟୀ ରାଜ୍ୟ କୃଷି ବିଭାଗ ପୂର୍ବତଟ ରେଳବାଇକୁ ପତ୍ର ଲେଖି ନରଣପୁର ରେଳ ଷ୍ଟେଶନରେ ସାର ରେକ୍ ପଏଣ୍ଟ ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। ମାତ୍ର ଅଦ୍ୟାବଧି ଏଥିରୁ କିଛି ସୁଫଳ ମିଳିପାରିନାହିଁ। ଧାନମଣ୍ଡଳ,




### ଯାଜପୁର, ମୟୂରଭଞ୍ଜ, ଭଦ୍ରକରୁ ଆସିବାରୁ ମୂଲ୍ୟ ବଢୁଛି

ରାଇରଙ୍ଗପୁର ଏବଂ ଭଦ୍ରକରେ ଥିବା ସାର ରେକ୍ ପଏଣ୍ଟରୁ କେନ୍ଦୁଝର ଜିଲାକୁ ସାର ଆସୁଥିବାବେଳେ ଏଥିପାଇଁ ସାରର ମୂଲ୍ୟ ମଧ୍ୟ ବଢୁଥିବା ଅଭିଯୋଗ ହେଉଛି। ବିଗତ ବର୍ଷମାନଙ୍କରେ ଖରିଫ ଋତୁରେ ରାସାୟନିକ ସାରର କୃତ୍ରିମ ଅଭାବ ସାଙ୍ଗକୁ ସାରର ଦରବୃଦ୍ଧି ଚାଷୀମାନଙ୍କୁ ଅନେକ ଅସୁବିଧାରେ ପକାଇଥିବା ନଜିର ରହିଛି। ଚାଷୀମାନେ ଆବଶ୍ୟକଠାରୁ କମ୍ ପରିମାଣର ରାସାୟନିକ ସାର ପାଉଥିବାବେଳେ ଅନେକ ସମୟରେ ଏହାକୁ ନେଇ ଆନ୍ଦୋଳନ କରିଥିଲେ ମଧ୍ୟ ଏହାର ସୁଫଳ ପାଇନାହାନ୍ତି।

ସୂଚନା ଅନୁସାରେ, ୨୦୧୯ ଖରିଫ ଋତୁରେ କେନ୍ଦୁଝର ଜିଲା ପାଇଁ ୧୪ ହଜାର ଟନ୍ ୟୁରିଆ ସାର ଆବଶ୍ୟକ ଥିବାବେଳେ ମାତ୍ର ୫୫୧୦ ଟନ୍ ଯୋଗାଇ ଦିଆଯାଇଥିଲା। ସେହଭଳି ଗତବର୍ଷ ଆମୋନିୟମ ସଲ୍‌ଫେଟ ୧୦୦ଟନ୍ ଆବଶ୍ୟକ ଥିବାବେଳେ ଏହି ସାର ଆଦୌ ଯୋଗାଇ ଦିଆଯାଇ ନ ଥିଲା। ତେଣୁ ଚାଷୀମାନେ ସାର ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରତ୍ୟେକ ବର୍ଷ ଜିଲାର ଚାଷୀମାନେ ସାର ଅଭାବଜନିତ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ସାର ସମସ୍ୟାକୁ ଦୂର କରିବା ପାଇଁ ରେଳବାଇ କେନ୍ଦୁଝରଗଡ଼ ବା ନରଣପୁରଠାରେ ସାର ରେକ୍ ପଏଣ୍ଟ ଖୋଲି ଏହି ସମସ୍ୟା ଦୂର କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଏସମ୍ପର୍କରେ କେନ୍ଦୁଝର ଉପ କୃଷି ନିର୍ଦ୍ଦେଶକ ଶରତ ଚନ୍ଦ୍ର ଦାସଙ୍କୁ ପଚାରିବାରୁ ସାର ରେକ୍ ପଏଣ୍ଟ ନରଣପୁରଠାରେ କରାଯିବାକୁ ଜିଲା ପ୍ରଶାସନ ତଥା କୃଷି ବିଭାଗ ପକ୍ଷରୁ ରେଳବାଇ କର୍ତ୍ତୃପକ୍ଷଙ୍କୁ ଏକବର୍ଷ ପୂର୍ବରୁ ପ୍ରସ୍ତାବ ଦିଆଯାଇଛି। ଏହାବ୍ୟତୀତ ଜିଲା କୃଷି ବିଭାଗ ତଥା ପ୍ରଶାସନ ରେଳବାଇ ସହିତ ବିଭିନ୍ନ ସମୟରେ ଯୋଗାଯୋଗ କରୁଛି। ଏହା ଖୁବ୍ ଶୀଘ୍ର ହୋଇଯିବ ବୋଲି ଆଶା କରାଯାଉଛି ବୋଲି କହିଛନ୍ତି। ଅନ୍ୟପକ୍ଷେ କେନ୍ଦୁଝର ରେଳବାଇର ଷ୍ଟେଶନ ମାଷ୍ଟରଙ୍କୁ ପଚାରିବାରୁ ସାର ରେକ୍‌ପଏଣ୍ଟ ବାବଦରେ ସେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି।


ଗଛର ବକଳରେ ଅବଦୁଲ କଲାମଙ୍କ ଚିତ୍ର।

# ଗଛରେ ଚିତ୍ର ଆଙ୍କି ସଚେତନତା

ବାରିପଦା ଅଫିସ,୧୫।୧୦

ଗଛରେ ଚିତ୍ରଆଙ୍କି ସଚେତନ କରୁଛନ୍ତି ଶିଳ୍ପୀ। ମହାପୁରୁଷଙ୍କ ଚିତ୍ର ମାଧ୍ୟମରେ ବୃକ୍ଷକୁ ସୁରକ୍ଷିତ ରଖିବାକୁ ନିରନ୍ତର ପ୍ରୟାସ ଚଳାଇଥିବା ଚିତ୍ରଶିଳ୍ପୀ ଜଣକ ହେଲେ ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଆଗଡ଼ା ଗ୍ରାମର ସମରେନ୍ଦ୍ର ବେହେରା। ଅଭିନବ ଉପାୟରେ ଗଛର ବଳ୍କଳରେ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ଚିତ୍ର ଆଙ୍କି ଜନ୍ମଦିନର ଶୁଭେଚ୍ଛା ବାର୍ତ୍ତା ବାଣ୍ଟିଛନ୍ତି। ତାଙ୍କ ଜନ୍ମ ଦିବସରେ ପରିବେଶକୁ ସୁରକ୍ଷା ଦେବା ପାଇଁ ଗଛରେ ଚିତ୍ର ଆଙ୍କି ଅଞ୍ଚଳବାସୀଙ୍କୁ ସଚେତନ କରୁଛନ୍ତି। ପୂର୍ବରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଏକ ଚିତ୍ର ଆଙ୍କି ପ୍ରଶଂସାର ପାତ୍ର ହୋଇଥିଲେ। ଏହି ପ୍ରୟାସ ଦ୍ୱାରା ପରିବେଶ ସୁରକ୍ଷାର ଏକ ବାର୍ତ୍ତା ଲୋକଙ୍କଠାରେ ପହଞ୍ଚି ପାରୁଥିବାରୁ ଆଗାମୀ ଦିନରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି।


ମାର୍କେଟ କମ୍ପ୍ଲେକ୍ସରେ ଲାଗିଥିବା ନିଆଁ।

### ମାର୍କେଟ କମ୍ପ୍ଲେକ୍ସରେ ନିଆଁ

# ଜଳିଗଲା ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ

ରାଇରଙ୍ଗପୁର,୧୫।୧୦(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରାଞ୍ଚଳ ଗୋଲେଇ ଛକ ରାସ୍ତାପାର୍ଶ୍ୱ ଫ୍ରେଣ୍ଡସ୍ କର୍ଣ୍ଣର ମାର୍କେଟ କମ୍ପ୍ଲେକ୍ସରେ ଥିବା ସପିଙ୍ଗମଲ୍‌ରେ ବୁଧବାର ବିଳମ୍ବିତ ରାତିରେ ନିଆଁ ଲାଗି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ସାମଗ୍ରୀ ପୋଡ଼ି ଯାଇଛି। ମାର୍କେଟ କମ୍ପ୍ଲେକ୍ସରେ ଥିବା ମନୋହର ରାମ,ବିଜୟରାମ, ରମେଶ ରାମ, ରତନ ରାମ ଏବଂ ମନୋଜ ରାମଙ୍କ ସମେତ ୫ ବ୍ୟବସାୟୀଙ୍କ ଗ୍ରସୋରି, ଇଲୋକଟ୍ରୋନିକ୍ସ, ଡ୍ରେସ ଆଦି ସପିଙ୍ଗ ମଲ୍‌ରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ସପିଙ୍ଗ ମଲ୍‌ର ଉପରମହଲାରେ ଥିବା ଉମେଶ ରାମଙ୍କ ପରିବାରର ବାସଗୃହ ସମେତ ମାର୍କେଟ କମ୍ପ୍ଲେକ୍ସଟି ସମ୍ପୂର୍ଣ୍ଣ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଏହି ଭୟାବହ ଅଗ୍ନିକାଣ୍ଡରୁ ମାର୍କେଟ କମ୍ପ୍ଲେକ୍ସ ପଛ ପାର୍ଶ୍ୱରେ ଥିବା ଏକ ପେଟ୍ରୋଲ ପମ୍ପ ଏବଂ ଅନ୍ୟ କେତେକ ବ୍ୟବସାୟ ପ୍ରତିଷ୍ଠାନ ବର୍ତ୍ତି ଯାଇଥିବା ସୂଚନା ମିଳିଛି। ଖବରପାଇ ରାଇରଙ୍ଗପୁର ଅଗ୍ନିଶମ ବିଭାଗର ୧୦ଟି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏସପି ପରମର ସ୍ମିଥ ପୁରୁଷୋତ୍ତମ ଦାସ,ରାଇରଙ୍ଗପୁର ଏସ୍‌ଡିପିଓ ସ୍ନେହାଶିଷ ସାହୁଙ୍କ ସମେତ ରାଇରଙ୍ଗପୁର ପ୍ରଶାସନ ପକ୍ଷରୁ ବିଭିନ୍ନ ପଦାଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଦ୍ୟୁତ୍ ସର୍ଟ ଶର୍କିଟରୁ ନିଆଁ ଲାଗିଥିବା ଆଶଙ୍କା କରାଯାଉଥିଲା ବେଳେ ଅଗ୍ନିକାଣ୍ଡ ସମ୍ପର୍କରେ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ସାହୁ କହିଛନ୍ତି।



ସିଭିଲ୍ ସୋସାଇଟି କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଦାବିପତ୍ର

ବାଲେଶ୍ୱର ଅଫିସ, ୧୫।୧୦

ବାଲେଶ୍ୱର ଜିଲାରେ କରୋନା ସଂକ୍ରମିତଙ୍କ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଠିକ୍ ତଥ୍ୟ ଜନସାଧାରଣଙ୍କୁ ନ ଦେବା, ସଂକ୍ରମଣ ବୃଦ୍ଧିକୁ ରୋକିବାରେ ପ୍ରଶାସନର ବିଫଳତା, ସାଧାରଣ ରୋଗୀଙ୍କୁ କରୋନା ଆଳରେ ଆବଶ୍ୟକ ଚିକିତ୍ସା ଯୋଗାଇବାରେ ଅବହେଳା ଆଦି ପ୍ରତିବାଦରେ ବାଲେଶ୍ୱର ସିଭିଲ୍ ସୋସାଇଟି ତରଫରୁ ଜିଲାପାଳଙ୍କ ଅଫିସ ନିକଟସ୍ଥ ଖାଉଟି ଅଦାଲତ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିଭିଲ୍ ସୋସାଇଟି ସଦସ୍ୟାସଦସ୍ୟମାନେ ବିକ୍ଷୋଭରେ ଯୋଗଦେଇ ଜିଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଦାବି କରିଥିଲେ। ବିକ୍ଷୋଭସ୍ଥଳରେ ଅନୁଷ୍ଠିତ ସଭାରେ ସୋସାଇଟି ଉପସଭାପତି ବସନ୍ତ ସ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ତଥା ଆଇନଜୀବୀ ମନୋଜ ନାୟକ ଜିଲାବ୍ୟାପୀ ସ୍ୱାସ୍ଥ୍ୟସେବାରେ ସରକାରଙ୍କ ବିଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବାର ୩ବର୍ଷ ପରେ ବି ସାଧାରଣ ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ପ୍ରଦାନ ନ କରି ପୂର୍ବଭଳି କଟକ ବଡ଼ଡାକ୍ତରଖାନାକୁ ଡାକ୍ତରମାନେ ପଠାଇଦେଉଥିବା ଅଭିଯୋଗ ଆଣିଥିଲେ। ଦୀର୍ଘବର୍ଷ ଧରି ନିର୍ମାଣାଧୀନ ଏମ୍‌ସ ସାଟେଲାଇଟ୍ ସେଣ୍ଟରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ମେଡିକାଲ କଲେଜ ସଂଲଗ୍ନ ଅତ୍ୟାଧୁନିକ ହସପିଟାଲ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ଖାଲି ପଡ଼ିଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ପଦବୀ ପୂରଣ କରିବା, ଜିଲା ମୁଖ୍ୟ ଡାକ୍ତରଖାନାରେ ସାଧାରଣ ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇବା ଓ ସମସ୍ତ ବର୍ଗର କୋଭିଡ୍-୧୯ କଟକଣା ଉଲ୍ଲଂଘନକାରୀଙ୍କୁ ସମପରିମାଣର ଦଣ୍ଡବିଧାନ କରିବାକୁ ସୋସାଇଟି ଦାବି କରିଛି। ଜିଲାପାଳଙ୍କ ଜରିଆରେ ଦାବି ସମ୍ପର୍କିତ ଏକ ଚରମପତ୍ର ପ୍ରଦାନ କରି ଆସନ୍ତାଦିନରେ ଜିଲାବାସୀ ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ଗୌରାଙ୍ଗ ପାଣିଗ୍ରାହୀ, ଜ୍ୟୋତ୍ସ୍ନା ମହାନ୍ତି, ପ୍ରେମରଞ୍ଜନ ପାତ୍ର, ସୀତାରାମ ପ୍ରଧାନ, ବିଧାନ ଚନ୍ଦ୍ର ରାୟ ଓ ଅରୁଣ ଜେନା ପ୍ରମୁଖ ବକ୍ତବ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାର କରୋନା ମୁକାବିଲାରେ ବିଫଳ ହୋଇଥିବା ଅଭିଯୋଗ କରିଥିଲେ। ବିକ୍ଷୋଭ ସମାବେଶରେ ଯତିନ୍ ପାତ୍ର, ଶ୍ୟାମସୁନ୍ଦର ଜେନା, ପ୍ରଦୀପ ଦାସ, ଭରତ ଚନ୍ଦ୍ର ସେଠୀ, ରାମଚନ୍ଦ୍ର ସାହୁ, ପ୍ରଦୀପ ରାଉତ ଓ ଜୟନ୍ତୀ ଦଳେଇ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ବିଜେଡିରୁ ସ୍ୱରୂପ, କଂଗ୍ରେସରୁ ମମତାଙ୍କ ନାମାଙ୍କନ ଦାଖଲ

ବାଲେଶ୍ୱର ଅଫିସ,୧୫।୧୦

ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ପାଇଁ ଗୁରୁବାର ବିଜେଡିରୁ ସ୍ୱରୂପ ଦାସ ଓ କଂଗ୍ରେସରୁ ମମତା କୁଣ୍ଡୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ବିଜେଡି ପ୍ରାର୍ଥୀ ପ୍ରଥମେ ପୁରୁଣା ବାଲେଶ୍ୱରସ୍ଥିତ ବାଣେଶ୍ୱର ମନ୍ଦିରରେ ମହାଦେବଙ୍କୁ ପୂଜା କରିଥିଲେ। ପରେ ସହରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଆଶୀର୍ବାଦ ନେଇଥିଲେ। ତାଙ୍କ ସହିତ ଜିଲା ପର୍ଯ୍ୟବେକ୍ଷକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ଡେପୁଟି ଚିଫ୍ ହ୍ୱିପ୍ ରୋହିତ ପୂଜାରୀ, ରାଜ୍ୟ ଉପସଭାପତି ଦେବୀ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ନାୟକ, ରାଜ୍ୟ ଯୁଗ୍ମସମ୍ପାଦକ ସତ୍ୟରଞ୍ଜନ ଦାସ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲାସଭାପତି ତଥା ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ଜିଲା ସାଧାରଣ ସମ୍ପାଦକ ବରୋଦା ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପୂର୍ବତନ ପୌରାଧକ୍ଷ ଆଲୋକ ସାହୁ, ମହିଳା ନେତ୍ରୀ ସୁବାସିନୀ ଜେନା, ରାଜ୍ୟ ମହିଳା ସମ୍ପାଦିକା ମୀନା ମହାନ୍ତି, ଜିଲା ମହିଳା ସଭାପତି ରଞ୍ଜିତା ମହାପାତ୍ର, ପୂର୍ବତନ କାଉନସିଲର ମନୋଜ ରାଉତ, ଜିଲା ଯୁବ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଜିଲା ଛାତ୍ର ସଭାପତି ସିମନ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ଆସି ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କ ଅଫିସରେ ପହଞ୍ଚି ବିଧାୟକ ପ୍ରାର୍ଥୀ ଦାସ ନାମାଙ୍କନ ପତ୍ର ଦାଖଲ କରିଥିଲେ।

ସେହିପରି କଂଗ୍ରେସ ବିଧାୟକ ପ୍ରାର୍ଥୀ ମମତା କୁଣ୍ଡୁ ଜିଲା କଂଗ୍ରେସ ଭବନରୁ ପୂର୍ବାହ୍ନ ସାଢ଼େ ୧୧ଟାରେ ବାହାରି ଉପଜିଲାପାଳଙ୍କ ଅଫିସରେ ପହଞ୍ଚି ନାମାଙ୍କନ ଦାଖଲ କରିଥିଲେ। ତାଙ୍କ ସହ ନବଜ୍ୟୋତି ପଟ୍ଟନାୟକ, କଂଗ୍ରେସର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ଯୁବସଭାପତି ରଞ୍ଜନ ଦାସ, ନଗର କମିଟି ସଭାପତି ପଦ୍ମଲୋଚନ ଲେଙ୍କା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ସଞ୍ଜୀବ ଗିରି, ଯୁବନେତା ସୁଧାଂଶୁ ଜେନା, ପୂର୍ବତନ ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ତୁଷାରକାନ୍ତି ତପସ୍ୱୀ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଟାଉନ ମହିଳା ସଭାପତି ଜ୍ୟୋତ୍ସ୍ନାରାଣୀ ସେନାପତି, ପୂର୍ବତନ ବିଧାୟକ ପ୍ରାର୍ଥୀ ମାନସ ଦାସ ପଟ୍ଟନାୟକ ପ୍ରମୁଖ ଥିଲେ।


ବିଜେଡି ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସ (ବାମ) ଓ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ (ଡାହାଣ) ନାମାଙ୍କନ ଦାଖଲ କରୁଛନ୍ତି।

## ଭାଜପା ଛାଡ଼ିଲେ ଅସନ୍ତୁଷ୍ଟ ନେତା

ବାଲେଶ୍ୱର ନିର୍ବାଚନମଣ୍ଡଳୀ ଉପନିର୍ବାଚନ ପାଖେଇ ଆସିବା ସହ ଦଳୀୟ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିସାରିଛନ୍ତି। ନାମାଙ୍କନପତ୍ର ଦାଖଲ ଲାଗି ଦିନଟିଏ ଥିବା ବେଳେ ଭାଜପା ନେତା ଯଯାତି ଦାସ, ପୂର୍ବତନ ନଗର ସଭାପତି ପ୍ରଦୀପ କୁମାର ପତି ଓ ମୃତ୍ୟୁଞ୍ଜୟ ମହାନ୍ତି ଅସନ୍ତୋଷ ପ୍ରକାଶ କରି ଦଳରୁ ଇସ୍ତଫା ଦେଇଛନ୍ତି। ଏ ସମ୍ପର୍କରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିକଟକୁ ଏକ ଲିଖିତପତ୍ର ପଠାଇଥିବା ଗୁରୁବାର ଅପରାହ୍ନ ୪ଟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେମାନେ କହିଛନ୍ତି।

ଦଳରେ ସେମାନଙ୍କୁ କୌଣସି ଗୁରୁତ୍ୱ ନ ଦିଆଯାଇଥିବା ତଥା କେନ୍ଦ୍ରମନ୍ତ୍ରୀଙ୍କର କାର୍ଯ୍ୟକ୍ରମରେ କୌଣସି ତାଳମେଳ ନ ଥିବାର ଅନୁଭବ ପୂର୍ବକ ଦଳରୁ ଇସ୍ତଫା ଦେଇଥିବାର ପ୍ରକାଶ କରିଥିଲେ। ସୂଚନା ଥାଉକି, ଗତ ୨୦୧୯ ବିଧାନସଭା ନିର୍ବାଚନ ସମୟରେ ଯଯାତି ଦାସ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ଏପରିକି ବାଲେଶ୍ୱର ନିର୍ବାଚନମଣ୍ଡଳୀର ଉପ-ନିର୍ବାଚନ ପାଇଁ ଆଶାୟୀ ପ୍ରାର୍ଥୀ ମଧ୍ୟ ଥିଲେ। ସେ କେଉଁ ଦଳରେ କାମ କରିବେ କି ସ୍ୱାଧୀନ ପ୍ରାର୍ଥୀ ହେବେ ଅଦ୍ୟାବଧି ନିଷ୍ପତ୍ତି ନେଇ ନ ଥିବା କହିଛନ୍ତି।

### ବାଲେଶ୍ୱର ଉପନିର୍ବାଚନ

## ମତଦାତା ଶିକ୍ଷା, ନିର୍ବାଚକ ସହଭାଗିତା ରଥ ଶୁଭାରମ୍ଭ

ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ଉପନିର୍ବାଚନ ପାଇଁ ମତଦାତାଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଗୁରୁବାର ସୁବ୍ୟବସ୍ଥିତ ମତଦାତା ଶିକ୍ଷା ଏବଂ ନିର୍ବାଚକ ସହଭାଗିତା ରଥର ଶୁଭାରମ୍ଭ ହୋଇଛି। ଗୁରୁବାର ବାଲେଶ୍ୱର ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ୩୨ରଥ ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ବିଭିନ୍ନ ବୁଥ୍ ପରିକ୍ରମା କରି ଭୋଟରମାନଙ୍କୁ ନିର୍ବାଚନ ଓ ଭୋଟଗ୍ରହଣ ପ୍ରକ୍ରିୟାର ବିଭିନ୍ନ ଦିଗ ସମ୍ପର୍କରେ ସଚେତନ କରିବ। ମୁଖ୍ୟତଃ କୋଭିଡ୍ କଟକଣା ମଧ୍ୟରେ କିଭଳି ଭୋଟଦାନ କରାଯାଇପାରିବ, ଇଭିଏମ୍-ଭିଭିପାଟ ମେସିନ ବ୍ୟବହାର ଏବଂ ଉପନିର୍ବାଚନରେ ଭୋଟରମାନଙ୍କ ସହାୟତା ନିମନ୍ତେ ନିର୍ବାଚନମଣ୍ଡଳୀରେ ସ୍ଥାପନ କରାଯାଇଥିବା ସହାୟକ ବୁଥ୍ ବାବଦରେ ଏସବୁ ରଥ ମତଦାତାମାନଙ୍କୁ ସଚେତନ କରାଇବ। ଏତଦ୍‌ଭିନ୍ନ ଉପନିର୍ବାଚନ ବିଷୟରେ ରହିଥିବା ଅନ୍ୟ ସନ୍ଦେହକୁ ମଧ୍ୟ ଏହା ଦୂର କରିବ। କାର୍ଯ୍ୟକ୍ରମରେ ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ, ସହକାରୀ ଜିଲାପାଳ, ନିର୍ବାଚନ ମନୋଜ ସେନାପତିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନିର୍ବାଚନ ପ୍ରଚାରରେ କେନ୍ଦ୍ରମନ୍ତ୍ରୀ

ବାଲେଶ୍ୱର ଅଫିସ

ବାଲେଶ୍ୱର ବିଧାନସଭା ଉପ-ନିର୍ବାଚନ ପାଇଁ ଭାଜପା ପ୍ରଚାର ଅଭିଯାନକୁ ଜୋରଦାର କରିଛି। ଗୁରୁବାର କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗୋପୀନାଥପୁର ଓ ସିଳିଦା ଗ୍ରାମରେ ପ୍ରଚାର କରି ମୋଦୀ ସରକାରଙ୍କ ୬ବର୍ଷ ଓ ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ଭାଜପାର ୧ବର୍ଷର ସଫଳତା ବିଷୟରେ ସୂଚୀତ କରିଥିଲେ। କେବଳ ପ୍ରଚାର ନୁହେଁ ବରଂ ଲୋକଙ୍କ ସ୍ୱାର୍ଥରେ କାର୍ଯ୍ୟ କରୁଥିବା ସରକାରକୁ ବହୁମତ ଦେବା ପାଇଁ ସେ ଭୋଟରଙ୍କୁ ଆବେଦନ କରିଥିଲେ।

'କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ତୃଣମୂଳସ୍ତରରେ ପ୍ରତିଟି ଗରିବ ଲୋକ ପାଖରେ ପହଞ୍ଚିଛି। ଗତ ଏକବର୍ଷ ମଧ୍ୟରେ ଗ୍ରାମାଞ୍ଚଳର ବିକାଶ ହେବା ସହ ବାଲେଶ୍ୱରରେ ଅନେକ ଯୋଜନା ଲାଗୁ କରାଯାଇଛି। ଜିଲାରେ କାର୍ପ କଲଚର କ୍ଲଷ୍ଟର ଖୋଲିବା ଲାଗି ବ୍ୟବସ୍ଥା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହାଦ୍ୱାରା ମତ୍ସ୍ୟଚାଷୀଙ୍କୁ ମାଛ ଦାନା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଭାଜପା ଉପରେ ସଦରବାସୀଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ଚଳିତ ଉପ-ନିର୍ବାଚନରେ ପୁଣିଥରେ ସଦରବାସୀ ମଦନ ମୋହନ ଦତ୍ତଙ୍କ ପୁତ୍ର ମାନସଙ୍କୁ ଆଶୀର୍ବାଦ କଲେ ଏହି ବିକାଶର ଧାରା ଆଗକୁ ବଢ଼ିଚାଲିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ପ୍ରଚାର କାର୍ଯ୍ୟକ୍ରମରେ ସ୍ୱର୍ଗତ ବିଧାୟକ ମଦନ ମୋହନଙ୍କ ସ୍ତ୍ରୀ ପ୍ରେମଲତା ଦତ୍ତ, ସରପଞ୍ଚ ସତ୍ୟଭାମା ରାଉତ, ସମିତିସଭ୍ୟ ରବିନାରାୟଣ ମହାପାତ୍ର ଓ ଝୁନାରାଣୀ ଦାସ, ମଣ୍ଡଳ ସଭାପତି କାର୍ତ୍ତିକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।


ନିର୍ବାଚନ ପ୍ରଚାରରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ସମର୍ଥକ।

# ୧.୧ ଲକ୍ଷ କୋଟି ଋଣ କରିବ କେନ୍ଦ୍ର

ନୂଆଦିଲ୍ଲୀ,୧୫।୧୦

## ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ




ରାଜ୍ୟଗୁଡିକୁ ଜିଏସ୍‌ଟି କ୍ଷତିପୂରଣ ବାବଦ ଅର୍ଥ ପ୍ରଦାନ କରିବା ଲାଗି କେନ୍ଦ୍ର ସରକାର ୧.୧ ଲକ୍ଷ କୋଟି ଟଙ୍କାର ଋଣ କରିବେ। ସ୍ପେଶାଲ ୱିଣ୍ଡୋ ଦ୍ୱାରା ସରକାର ଏହି ଋଣ କରିବେ। ଏହାଦ୍ୱାରା ବିତ୍ତୀୟ ନିଅଣ୍ଟ ଉପରେ କୌଣସି ପ୍ରଭାବ ପଡିବ ନାହିଁ ବୋଲି ସରକାର କହିଛନ୍ତି। ଏହାକୁ ଶୀଘ୍ର ରାଜ୍ୟଗୁଡିକୁ ପ୍ରଦାନ କରିବା ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଏହାକୁ ରାଜ୍ୟଗୁଡିକର ପୁଞ୍ଜି ଗ୍ରହଣ ଭାବେ ଦର୍ଶାଯିବ। ବିତ୍ତୀୟ ନିଅଣ୍ଟକୁ ଫାଇନାନ୍ସ କରିବା ଅଧୀନ ଏହି ବ୍ୟବସ୍ଥା କରାଯିବ ବୋଲି ଜଣାପଡିଛି। କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପ ଦ୍ୱାରା ରାଜ୍ୟ ଏବଂ କେନ୍ଦ୍ରର ଋଣ ବଢିବ ନାହିଁ ବୋଲି ସ୍ପଷ୍ଟୀକରଣ ପ୍ରଦାନ କରାଯାଇଛି। ସ୍ପେଶାଲ ୱିଣ୍ଡୋ ଦ୍ୱାରା ରାଜ୍ୟ ଏହି ସୁବିଧା ପାଇବେ ବୋଲି କେନ୍ଦ୍ର ସରକାର କହିଛନ୍ତି।

ଅଗଷ୍ଟ ୨୭ରେ ହୋଇଥିବା ଜିଏସ୍‌ଟି ପରିଷଦ ବୈଠକରେ କେନ୍ଦ୍ର ସରକାର ରାଜ୍ୟଗୁଡିକୁ ୨ଟି ବିକଳ୍ପ ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ୨ଟି ବିକଳ୍ପରେ ରାଜ୍ୟଗୁଡିକୁ ଋଣ କରିବାକୁ କୁହାଯାଇଥିଲା। ଅକ୍ଟୋବର ୫ ଏବଂ ୧୨ରେ ହୋଇଥିବା ପରବର୍ତ୍ତୀ ଜିଏସ୍‌ଟି ପରିଷଦ ବୈଠକରେ କ୍ଷତିପୂରଣ ପ୍ରସଙ୍ଗ ଉପରେ କୌଣସି ସହମତି ହୋଇ ପାରି ନ ଥିଲା। ଦ୍ୱିତୀୟ ବିକଳ୍ପ ସପକ୍ଷରେ କୌଣସି ରାଜ୍ୟ ସେମାନଙ୍କ ମତ ରଖି ନ ଥିଲେ। କୋଭିଡ୍ ମହାମାରୀ ପାଇଁ ଟିକସ ସଂଗ୍ରହ କମିଥିବାରୁ ରାଜ୍ୟଗୁଡିକୁ କ୍ଷତିପୂରଣ ଦେବା ଲାଗି ୨.୩ ଲକ୍ଷ କୋଟି ଟଙ୍କା ନିଅଣ୍ଟ ପଡୁଛି। ଏହାକୁ ଋଣ କରି ଭରଣା କରିବା ଲାଗି ସରକାର ପ୍ରସ୍ତାବ ଦେଇଥିଲେ। ମାତ୍ର ସୁଧ ହାର ରାଜ୍ୟଗୁଡିକ ବହନ କରିବେ ବୋଲି କୁହାଯାଇଥିଲା।

ସ୍ପେଶାଲ ୱିଣ୍ଡୋରୁ ୯୭ ହଜାର କୋଟି କିମ୍ବା ବଜାରରୁ ୨.୩୫ ଲକ୍ଷ କୋଟି ଟଙ୍କା ଉଠାଣ ନେଇ ପ୍ରସ୍ତାବ ରହିଥିଲା। ପ୍ରଥମ ବିକଳ୍ପ ସପକ୍ଷରେ ୨୦ ଭାଜପା ଶାସିତ ରାଜ୍ୟ ମତ ରଖିଥିଲେ। ୨୧ ତମ ରାଜ୍ୟ ହିସାବରେ ତାମିଲନାଡୁ ପ୍ରଥମ ବିକଳ୍ପ ଭାବେ ୯୬୨୭ କୋଟି ଟଙ୍କାର ଅତିରିକ୍ତ ବଜାର ଋଣ ସମ୍ପର୍କରେ ମତ ରଖିଛି। ଫଳରେ କେନ୍ଦ୍ର ସରକାରଙ୍କ ଅନୁମତିରେ ମୋଟ ଋଣ ଉଠାଣ ବର୍ତ୍ତମାନ ୭୮ ହଜାର କୋଟି ଟଙ୍କା ଛୁଇଁଛି। ୧.୧ ଲକ୍ଷ କୋଟି ଟଙ୍କାର ସ୍ପେଶାଲ ୱିଣ୍ଡୋ ବାଦ୍ ରାଜ୍ୟ ଏହି ଋଣ ଉଠାଇଛନ୍ତି। ଅତିରିକ୍ତ ଋଣ ଉଠାଣ ରାଜ୍ୟଗୁଡିକର ମୋଟ ଘରୋଇ ଉତ୍ପାଦ(ଏସ୍‌ଜିଡିପି)ର ୦.୫% ରହିବ ବୋଲି ଆକଳନ କରାଯାଇଛି।

# ଭୁବନେଶ୍ୱରରେ କ୍ରକୋଡାଇଲର ନୂଆ ଷ୍ଟୋର

ଭୁବନେଶ୍ୱର,୧୫।୧୦



ପ୍ରମୁଖ ଗାର୍ମେଣ୍ଟ ବ୍ରାଣ୍ଡ କ୍ରକୋଡାଇଲ ପକ୍ଷରୁ ଏହାର ନୂଆ ଏକ୍ସକ୍ଲୁସିଭ ଶୋ'ରୁମ୍ ସ୍ଥାନୀୟ ସିମ୍ଫୋନୀ ମଲ୍‌ଠାରେ ଗୁରୁବାର ଶୁଭାରମ୍ଭ ହୋଇଛି। ରାଜ୍ୟର ପ୍ରତିଷ୍ଠିତ ବ୍ୟବସାୟୀ ବିଜୟ କୁମାର ଗୁପ୍ତା ଏବଂ ବିବେକ କୁମାର ହାଲୱାଇ ନୂଆ ଶୋ'ରୁମ୍‌ଟିକୁ ଉନ୍ମୋଚନ କରିଥିଲେ। ନୂଆ ଶୋ'ରୁମ୍‌ରେ କ୍ରୋକୋଡାଇଲ ବ୍ରାଣ୍ଡର ଟିସାର୍ଟ, ସାର୍ଟ, ଡେନିମ, ଟ୍ରାଉଜର ସହ ପୁରୁଷଙ୍କ ଅନ୍ୟାନ୍ୟ ଫ୍ୟାଶନ ପ୍ରଡକ୍ଟ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଥିବା କମ୍ପାନୀର ପୂର୍ବାଞ୍ଚଳ ଜୋନ ମୁଖ୍ୟ ଶ୍ରୀ ଶୋଭନ ମିଶ୍ର ସୂଚନା ଦେଇଛନ୍ତି। ଏହି ଅବସରରେ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ଉପହାର ଯୋଜନା ରଖାଯାଇଛି। ଏହା ଭୁବନେଶ୍ୱରରେ କମ୍ପାନୀର ପ୍ରଥମ ସ୍ୱତନ୍ତ୍ର ଶୋ'ରୁମ୍ ହୋଇଥିବା ବେଳେ ରାଜ୍ୟରେ ଚତୁର୍ଥ। ଚଳିତ ମାସ ୧୮ରେ ଅନୁଗୋଳରେ ଆଉ ଏକ ନୂଆ ଶୋ'ରୁମ୍ ଖୋଲିବା ନେଇ କମ୍ପାନୀ ପକ୍ଷରୁ ଯୋଜନା ରଖାଯାଇଛି। ସେହିଭଳି ରାଜ୍ୟର ଅନ୍ୟ ସହରଗୁଡିକରେ କମ୍ପାନୀ ଫ୍ରାଞ୍ଚାଇଜି ଷ୍ଟୋର ଖୋଲିବା ନେଇ ଲକ୍ଷ୍ୟ ରଖିଛି। ଏହି ଅବସରରେ ଫ୍ରାଞ୍ଚାଇଜି ଓନର ପ୍ରିୟତମା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆୟକର ବିଭାଗ କର୍ମଚାରୀଙ୍କ ଦିନିକିଆ ଅନଶନ

**ଭୁବନେଶ୍ୱର,୧୫।୧୦:** 'ଆୟକର କର୍ମଚାରୀ ମହାସଂଘ' ଏବଂ 'ଆୟକର ଗେଜେଟେଡ ଅଧିକାରୀ ସଂଘ' ଗୁରୁବାର ଦିନିକିଆ ଅନଶନ କରିଛନ୍ତି। ୧୪ଟି ବିଷୟ ଉପରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡର ନୀରବତା ଯୋଗୁ କର୍ମଚାରୀମାନେ ଏହି ଅନଶନ ଓ ଅନ୍ୟାନ୍ୟ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଅନୁସରଣ କରିବାକୁ ବାଧ୍ୟ ହୋଇଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଯଦି ବିଭିନ୍ନ ପ୍ରସଙ୍ଗକୁ ସମାଧାନ କରିବାରେ ଆଗ୍ରହ ନ ଦେଖାନ୍ତି ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଆହୁରି ଅଧିକ ବ୍ୟାପକ ହେବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ବିନା ପରାମର୍ଶରେ ୧୩ ଅଗଷ୍ଟରେ 'ଫେସ୍‌ଲେସ୍ ଆସେସ୍‌ମେଣ୍ଟ ସ୍କିମ୍' ଘୋଷଣା କରାଯାଇଛି। ଫେସ୍‌ଲେସ୍ ଆସେସ୍‌ମେଣ୍ଟ ସ୍କିମ ଓ ଫେସ୍‌ଲେସ୍ ଅପିଲ ସ୍କିମ୍‌ର କ୍ରିୟାନ୍ୱୟନ ପାଇଁ ବିଭାଗକୁ ଉପଯୁକ୍ତ ଭାବେ ପ୍ରସ୍ତୁତ ନ କରି ଅଚାନକ ଏ ଗୁଡ଼ିକର ଘୋଷଣା କରାଯାଇଛି। ଫଳରେ କର୍ମଚାରୀଙ୍କ ଉପରେ ଅତ୍ୟଧିକ କାର୍ଯ୍ୟ ଚାପ ଆସିଛି। ଏହାବାଦ ବିଭିନ୍ନ ବର୍ଗରେ ଖାଲି ଥିବା ପଦଗୁଡିକୁ ବହୁଦିନ ଧରି ପୂରଣ ନ କରିବା, ପଦୋନ୍ନତି ପ୍ରାପ୍ତ ଆୟକର ସହାୟକ ଆଯୁକ୍ତଙ୍କୁ ବରିଷ୍ଠ ସମୟଭିତ୍ତିକ ଦରମା ହାର ନ ଦେବା, ଆଡହକ୍ ଭାବେ ପଦୋନ୍ନତି ପ୍ରାପ୍ତ ଅଧିକାରୀଙ୍କୁ ନିୟମିତ ନ କରିବା, କ୍ୟାଡର ରିଭ୍ୟୁ ପ୍ରସ୍ତାବକୁ ଲାଗୁ ନ କରିବା, ବିଭିନ୍ନ ପଦବୀ ପାଇଁ ନିଯୁକ୍ତି ନିୟମାବଳୀକୁ ଚୂଡ଼ାନ୍ତ ନ କରିବା, ଅନେକ ପଦବୀ ପାଇଁ ଧାର୍ଯ୍ୟ ହୋଇଥିବା ବେତନ ହାରରେ ଥିବା ସମସ୍ୟାକୁ ସମାଧାନ କରିବା ଭଳି ସମସ୍ୟା ସମାଧାନ ନେଇ ଦାବି ସଂଘ ରଖିଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କର ଉଦାସୀନତାକୁ ବିରୋଧ କରି ଉଭୟ ସଂଘର ଯୁଗ୍ମ କ୍ରିୟାନ୍ୱୟନ ପରିଷଦର ନିଷ୍ପତ୍ତିକ୍ରମେ ସର୍ବଭାରତୀୟ ସ୍ତରରେ ଥିବା ଆୟକର ବିଭାଗର ସମସ୍ତ ଅଫିସ ସମ୍ମୁଖରେ ବିଭାଗର କର୍ମଚାରୀମାନେ ଗୁରୁବାର ଦିନିକିଆ ଅନଶନରେ ବସିଥିଲେ।

# ଜେଏସ୍‌ପିଏଲ୍ ଖଣିକୁ ଫିମି ପୁରସ୍କାର

ଭୁବନେଶ୍ୱର,୧୫।୧୦

ସୁନ୍ଦରଗଡ଼ ଜିଲ୍ଲାର ଟେନ୍‌ସାଠାରେ ଥିବା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ୍)ର ଟି ଆର୍ ବି ଲୌହ ଖଣିକୁ ଫିମି ଉତ୍କୃଷ୍ଟତା ପୁରସ୍କାର ମିଳିଛି। ଉତ୍ତମ ଖଣି ପରିଚାଳନା ସହ ପରିବେଶ ସନ୍ତୁଳନ ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ଫେଡେରେଶନ ଅଫ୍ ଇଣ୍ଡିଆନ ମିନେରାଲ ଇଣ୍ଡଷ୍ଟ୍ରିଜ (ଫିମି) ଦ୍ୱାରା ବୁଧବାର ଦିଲ୍ଲୀଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଜେଏସ୍‌ପିଏଲ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ କୋଇଲା ଏବଂ ଖଣି ସଚିବ ଅନିଲ କୁମାର ଜୈନଙ୍କଠାରୁ କମ୍ପାନୀର ଟେନ୍‌ସା ୟୁନିଟ ମୁଖ୍ୟ ପ୍ରମୋଦ କୁମାର ପାତ୍ର ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପୁରସ୍କାର ଆମର ସାମାଜିକ ଦାୟିତ୍ୱକୁ ଆହୁରି ବଢାଇ ଦେଇଛି ବୋଲି କମ୍ପାନୀର ଏମ୍‌ଡି, ଭି.ଆର୍. ଶର୍ମା କହିଛନ୍ତି।

# ନିବେଶକଙ୍କ ୩.୩ ଲକ୍ଷ କୋଟି ଟଙ୍କା କ୍ଷତି

ମୁମ୍ବାଇ,୧୫।୧୦



ପ୍ରାୟ ୨୦ ଦିନ ପରେ ପୁଣି ଥରେ ଦେଶର ପୁଞ୍ଜିବଜାରରେ ବଡ ଧରଣର ହ୍ରାସ ପରିଲକ୍ଷିତ ହୋଇଛି। ୪୧ ହଜାର ପଏଣ୍ଟ ଆଡକୁ ବଢୁଥିବା ଶେୟାର ବଜାରର ସେନ୍‌ସେକ୍ସ ସୂଚକାଙ୍କ ହ୍ରାସ ପାଇ ୩୯,୭୦୦ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୧୧,୬୬୦ ସ୍ତରରେ ରହିଛି। ଏଥିରେ ୩୦୦ ପଏଣ୍ଟ ହ୍ରାସ ପରିଲକ୍ଷିତ ହୋଇଛି। ସେନ୍‌ସେକ୍ସ ୧୦୬୬ ପଏଣ୍ଟ ହ୍ରାସ ହେବା ପରେ ୩୯,୭୨୮ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ନିଫ୍ଟି ୨୯୦ ପଏଣ୍ଟ ହ୍ରାସ ହୋଇ ୧୧,୬୮୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଥିବା ନଜରକୁ ଆସିଛି। ସୂଚନା ମୁତାବକ, ଶେୟାର ବଜାରରେ ହ୍ରାସ ଯୋଗୁ ନିବେଶକଙ୍କ ୩.୩ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ଫଳରେ ବିଏସ୍‌ଇ ସୂଚୀଭୁକ୍ତ କମ୍ପାନୀଗୁଡିକର ମାର୍କେଟ କ୍ୟାପିଟାଲାଇଜେଶନ ବା ବଜାର ପୁଞ୍ଜିକରଣ ହ୍ରାସ ହୋଇ ୧୫୭.୨୨ ଲକ୍ଷ କୋଟି ଟଙ୍କା ସ୍ତରକୁ ଆସିଛି।

ସେନ୍‌ସେକ୍ସର ୩୦ ଶେୟାର ମଧ୍ୟରୁ କେବଳ ଗୋଟିଏ ଶେୟାର ଗ୍ରୀନ୍ ମାର୍କରେ ହିଁ ବନ୍ଦ ହୋଇଛି। ସବୁଠାରୁ ଅଧିକ କ୍ଷତି ସହିଥିବା ଶେୟାର ମଧ୍ୟରେ ବଜାଜ ଫାଇନାନ୍ସିଆଲ ସର୍ଭିସେସ, ଟେକ୍ ମହିନ୍ଦ୍ରା, ଇଣ୍ଡସଇଣ୍ଡ ବ୍ୟାଙ୍କର ଶେୟାର ସାମିଲ ରହିଛି। ଏହି ଶେୟାରଗୁଡିକରେ ୪% କିମ୍ବା ଏହାଠାରୁ ଅଧିକ ପରିମାଣର କ୍ଷତି ହୋଇଛି। ବିଶ୍ୱ ବଜାରର ବିଭିନ୍ନ କାରଣ ଯୋଗୁ ଘରୋଇ ବଜାରର ଶେୟାର କାରବାର କ୍ଷତିଗ୍ରସ୍ତ ହୋଇଛି। ଆମେରିକା ଶୀଘ୍ର ପ୍ୟାକେଜ ଆଣିବ ବୋଲି ଆଶା କରାଯାଉଥିଲା। ମାତ୍ର ଏଭଳି ହୋଇ ନ ଥିବାରୁ ଏହାର ନକାରାତ୍ମକ ପ୍ରଭାବ ବଜାର ଉପରେ ରହିଛି। ସେହିଭଳି ଆମେରିକା ଚାଇନା ବାଣିଜ୍ୟ ଯୁଦ୍ଧ ଏବଂ ଚାଇନା ଏବଂ ରୁଷ ମଧ୍ୟରେ ବାଣିଜ୍ୟିକ ସମସ୍ୟା ବଜାର ଉପରେ ପ୍ରଭାବ ପକାଇଛି। ଚାଇନାର ଆଣ୍ଟ ଗ୍ରୁପ୍‌କୁ ଟ୍ରେଡ୍ ବ୍ଲାକ୍‌ଲିଷ୍ଟରେ ପକାଇବା ଲାଗି ଆମେରିକାର ଡିପାର୍ଟମେଣ୍ଟ ଅଫ୍ ଷ୍ଟେଟ ଏକ ପ୍ରସ୍ତାବ ଦେଇଛି। ଏଭଳି ବିଭିନ୍ନ କାରଣ ଯୋଗୁ ବଜାରକୁ ଝଟକା ଲାଗିଛି। ଗତ ୩ ସପ୍ତାହ ହେବ ଶେୟାର ବଜାର କାରବାର ଉନ୍ନତ ସ୍ଥିତିରେ ରହିଥିଲା। ୨୯ ସେପ୍ଟେମ୍ବରକୁ ଛାଡିଦେଲେ ୨୫ ସେପ୍ଟେମ୍ବରଠାରୁ ସେନ୍‌ସେକ୍ସରେ ବୃଦ୍ଧି ରହି ଆସିଛି। ୨୪ ସେପ୍ଟେମ୍ବରରେ ସେନ୍‌ସେକ୍ସ ୩୬,୫୫୩ ସ୍ତରରେ ବନ୍ଦ ହୋଇଥିଲା। ୧୪ ଅକ୍ଟୋବରରେ ୪୦,୭୯୪ ସ୍ତରରେ ସେନ୍‌ସେକ୍ସ ବନ୍ଦ ହୋଇଥିଲା। ଗତ ୩ ସପ୍ତାହରେ ଏଥିରେ ୪୨୦୦ ସ୍ତର ବୃଦ୍ଧି ଘଟିଥିଲା।

## ଫୁରସତ

# ଜିନ୍ସରୁ ଜଳ ପ୍ରଦୂଷଣ

**ଅଧିକାଂଶ ଜିନ୍ସ ପୋଷାକ ପ୍ରସ୍ତୁତ କରୁଥିବା କମ୍ପାନୀ ମାସକୁ ଥରେ ଅଧେ ଏହାକୁ ସଫା କରିବାକୁ କହିଥାନ୍ତି ହୁଏତ ରଙ୍ଗ ଉଡ଼ିଯିବ କିମ୍ବା ଫିକା ପଡ଼ିଯିବ ବୋଲି ସେମାନେ ଏପରି ପରାମର୍ଶ ଦେଇଥାନ୍ତି। ହେଲେ ଜିନ୍ସର ବହୁଳ ବ୍ୟବହାରକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି ବୈଜ୍ଞାନିକ। ଜିନ୍ସରେ ବ୍ୟବହୃତ ସୂକ୍ଷ୍ମ ପାର୍ଟିକଲ (ମାଇକ୍ରୋ ଫାଇଭର) ଜଳ ପ୍ରଦୂଷଣର କାରଣ ବୋଲି ସେମାନେ ସତର୍କ କରାଇଛନ୍ତି।**

## ସତର୍କ କଲେ ବୈଜ୍ଞାନିକ



ଯୁବବର୍ଗଙ୍କ ଭିତରେ ଜିନ୍ସକୁ ନେଇ ରହିଛି ସ୍ୱତନ୍ତ୍ର ଆକର୍ଷଣ। ହେଲେ ଧୋଇବା ବେଳେ ଜିନ୍ସରୁ ବାହାରୁଥିବା ପ୍ଲାଷ୍ଟିକ୍ ଭଳି ସୂକ୍ଷ୍ମ କ୍ଷତିକାରକ ପଦାର୍ଥ (ମାଇକ୍ରୋ ଫାଇଭର) ଜଳ ଉତ୍ସଗୁଡ଼ିକୁ ପ୍ରଦୂଷଣ କରୁଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଏହା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ବନ୍ୟଜନ୍ତୁ ଏବଂ ଜଳଚର ଜୀବଙ୍କ ଲାଗି ଘାତକ ସାବ୍ୟସ୍ତ ହୋଇପାରେ ବୋଲି ବୈଜ୍ଞାନିକମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଆମେରିକା ଏବଂ କାନାଡ଼ାର ଅନେକ ଛୋଟବଡ଼ ହ୍ରଦରେ ଡେନିମ୍ ମାଇକ୍ରୋ ଫାଇଭର କଣିକା ଠାବ କରାଯାଇଛି। ଏହାକୁ ଜିନ୍ସ ସହିତ ଯୋଡ଼ି ବୈଜ୍ଞାନିକମାନେ ରିସର୍ଚ୍ଚ କରିଥିଲେ। ଜିନ୍ସରେ ସିନ୍ଥେଟିକ୍ ରଙ୍ଗ ବ୍ୟବହୃତ ହୋଇଥାଏ, ଯାହା ଏକ ରାସାୟନିକ ପଦାର୍ଥ। ସେହିପରି ଜିନ୍ସ ପ୍ରୋସେସିଂ ପ୍ଲାଣ୍ଟରେ ବ୍ୟବହୃତ ସାମଗ୍ରୀ ମଧ୍ୟରୁ କେତେକ ବିଷାକ୍ତ। ମାଇକ୍ରୋ ଫାଇଭର ହେଉଛି ଏକପ୍ରକାର ସୂକ୍ଷ୍ମ ପ୍ଲାଷ୍ଟିକ। ଏଥିରେ ପରିବେଶକୁ କ୍ଷତି ପହଞ୍ଚାଇବା ଭଳି କେମିକାଲ ରହିଥାଏ। ସେହିପରି କେତେକ ରାସାୟନିକ ହର୍ମୋନକୁ ପ୍ରଭାବିତ କରିଥାଏ।

ଥରେ ଏକ ଜିନ୍ସ ପୋଷାକ ସଫା କଲେ ହାରାହାରି ୫୦ ହଜାର ମାଇକ୍ରୋ ଫାଇଭର ବାହାରିଥାଏ। ତନ୍ମଧ୍ୟରୁ ୧% ପରିଚାଳନା କରିବା ଅତ୍ୟନ୍ତ କଷ୍ଟସାଧ୍ୟ। ଏଥିରୁ ଦୈନିକ ପୃଥିବୀର ଅଧିକାଂଶ ଲୋକ ପିନ୍ଧୁଥିବା ଜିନ୍ସରୁ କେତେ ପରିମାଣର ମାଇକ୍ରୋ ଫାଇଭର ବାହାରୁଛି ତାହା ସହଜରେ ଅନୁମେୟ। ତେଣୁ ଜିନ୍ସକୁ କମ୍‌ରୁ କମ୍ ଧୋଇବା ଉପରେ ଗୁରୁତ୍ୱ ଦେଇଛନ୍ତି ବିଶେଷଜ୍ଞ। ସୂଚନାଯୋଗ୍ୟ, ୨୦୧୯ରେ ପରିବେଶପ୍ରେମୀ ଗ୍ରେଟା ଥନ୍‌ବର୍ଗଙ୍କ 'ହାଓ ଡେର୍ ୟୁ' ଟ୍ରେଣ୍ଡ୍ କରିବା ପରେ ସ୍ୱିଡେନରେ ଏକ ଫ୍ୟାଶନ ୱିକ୍ କାର୍ଯ୍ୟକ୍ରମକୁ ବାତିଲ କରିଦିଆଯାଇଥିଲା। ଏଥିସହ ପରିବେଶ ଅନୁକୂଳ ପୋଷାକ ପରିଧାନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ଦାବି ଉଠିଥିଲା। ୨୦୧୯ରୁ ଫ୍ୟାଶନ ଇଣ୍ଡଷ୍ଟ୍ରିଗୁଡ଼ିକ ମଧ୍ୟ ପରିବେଶ ଉପଯୋଗୀ ପୋଷାକ ଉତ୍ପାଦନ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରିଛନ୍ତି। ୧୫୦ ବ୍ରାଣ୍ଡ ଚଳାଉଥିବା ୩୨ କମ୍ପାନୀ ଜି-୭ ସମ୍ମିଳନୀରେ ଏକ ଚୁକ୍ତି ସ୍ୱାକ୍ଷରିତ କରିଛନ୍ତି। ୨୦୫୦ ସୁଦ୍ଧା ଜିନ୍ସ ଉତ୍ପାଦନରେ ଗ୍ରୀନ୍ ହାଉସ୍ ଗ୍ୟାସ୍ ସୃଷ୍ଟିକାରୀ ତତ୍ତ୍ୱକୁ ଶୂନକୁ ଆଣିବାକୁ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି।

# ଭୂମି ହେଲେ ଶାକାହାରୀ



ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ଭୂମି ପେଡ୍‌ନେକର ଜଣେ ସଫଳ ଅଭିନେତ୍ରୀ। ଭୂମି ସୋସିଆଲ ମିଡିଆରେ ବେଶ୍ ସକ୍ରିୟ। ସେ ଜଣେ ପରିବେଶପ୍ରେମୀ। ମହାମାରୀ କରୋନା ସଂକ୍ରମଣ ପାଇଁ ଦେଶକୁ ଲକ୍‌ଡାଉନ୍ କରାଯିବା ସହ ଫିଲ୍ମ ଶୁଟିଂକୁ ମଧ୍ୟ ବନ୍ଦ କରାଯାଇଥିଲା। ଭୂମି ସେଥିପାଇଁ ନିଜ ଫ୍ୟାମିଲିକୁ ସମୟ ଦେବାକୁ ନିଜ ଘର ହରିୟାନାକୁ ଚାଲିଯାଇଥିଲେ। ସେଠାରେ ତାଙ୍କ ମା'ଙ୍କ ସହ ମିଶି ନିଜ ବାଡ଼ିରେ ବିଭିନ୍ନ ପ୍ରକାର ଚାଷ କରିଥିଲେ। ଏହାର ଫଟୋଗୁଡ଼ିକ ଇନ୍‌ଷ୍ଟାରେ ଭାଇରାଲ ହୋଇଥିଲା। ଭୂମି ଲକ୍‌ଡାଉନ୍‌ରେ ସଙ୍କଳ୍ପ ନେଇଥିଲେ ଯେ, ଆଉ ଆମିଷ ଖାଇବେ ନାହିଁ। ସମ୍ପୂର୍ଣ୍ଣ ଶାକାହାରୀ ହୋଇଯିବେ। ତେବେ ଏହା ସେ କରି ଦେଖାଇଛନ୍ତି। ମୁଁ ଶାକାହାରୀ ହୋଇଯାଇଥିବାରୁ ବହୁତ ଖୁସି। ଏହି ଲକ୍‌ଡାଉନ୍‌ରେ ମୁଁ ବହୁତ ଭାବିକି ନିଷ୍ପତ୍ତି ନେଇଛି। ଏବେ ମୁଁ ପୂରା ସୁସ୍ଥ ଅନୁଭବ କରୁଛି। ଏହା ବହୁ ବର୍ଷ ପୂର୍ବରୁ ଭାବିଥିଲେ ମଧ୍ୟ କାର୍ଯ୍ୟକାରୀ କରିପାରୁ ନ ଥିଲି। ଶେଷରେ ଏହା ପୂରା ହେଲା ବୋଲି ସେ କହିଛନ୍ତି। ସେ ଆଉ ମଧ୍ୟ କହିଛନ୍ତି, ସମସ୍ତେ ଶାକାହାରୀ ହେବା ଦରକାର। ଏପରି ହେଲେ ହିଁ ପରିବେଶ ସୁନ୍ଦର ରହିପାରିବ। ସୂଚନାଥାଉ କି, 'ଦୁର୍ଗାବତୀ' ଫିଲ୍ମରେ ଭୂମି ମୁଖ୍ୟ ଭୂମିକାରେ ନଜର୍ ଆସିବେ। ଏହି ଫିଲ୍ମ ଡିସେମ୍ବର ୧୧ ତାରିଖରେ ରିଲିଜ୍ ହେବ। ଅଶୋକ ଦ୍ୱାରାଙ୍କ ନିର୍ଦ୍ଦେଶିତ ତେଲୁଗୁ ଥ୍ରୀଲର୍ 'ଭାଗମଥୀ'ର ଏହା ହିନ୍ଦୀ ରିମେକ୍। ଏଥିରେ ଅକ୍ଷୟ କୁମାରଙ୍କୁ ତାଙ୍କ ଅପୋଜିଟ୍‌ରେ ଦେଖିବାକୁ ମିଳିବ।

# କଦଳୀପତ୍ରରେ ଆଇସ୍‌କ୍ରିମ୍



**ନୂଆଦିଲ୍ଲୀ:** ଆଇସ୍‌କ୍ରିମ୍‌କୁ କଦଳୀ ପତ୍ରରେ ଖାଇଲେ ତା' ସ୍ୱାଦରେ ହୁଏତ ବିଶେଷ କିଛି ଫରକ ଲାଗି ନ ପାରେ, କିନ୍ତୁ ଏଭଳି ଏକ ଚିନ୍ତାଧାରା ଏବେ ପରିବେଶ ପ୍ରଦୂଷଣକୁ କମ୍ କରିବା ସହ ଲୋକଙ୍କୁ ବେଶ୍ ପ୍ରଭାବିତ କରିପାରିଛି। କଦଳୀ ପତ୍ରରେ ତିଆରି ହୋଇଛି ଆଇସ୍‌କ୍ରିମ୍ କପ୍ । ଆଉ ସେଥିରେ ଅଛି ଷ୍ଟ୍ରବେରୀ ଫ୍ଲେଭର ଆଇସ୍‌କ୍ରିମ୍। ଏମିତି ଏକ ଫଟୋକୁ ପ୍ରଥମେ ଟୁଇଟରରେ ଶେୟାର କରିଥିଲେ ଏରିକ୍ ସୋଲହେମ୍ ନାମକ ଜଣେ ବ୍ୟକ୍ତି। ଆଇସ୍‌କ୍ରିମ୍‌କୁ ସାଧାରଣତଃ ପ୍ଲାଷ୍ଟିକ୍ କପ୍‌ରେ ଦିଆଯାଉଥିବା ବେଳେ କଦଳୀ ପତ୍ରରେ କପ୍ ତିଆରି କରିବାର ଚିନ୍ତାଧାରା ବେଶ୍ ପ୍ରଶଂସନୀୟ। ଫଟୋରେ କଦଳୀ ପତ୍ର କପ୍‌ରେ ଆଇସ୍‌କ୍ରିମ୍ ଖାଇବା ନିମନ୍ତେ ବି ପ୍ଲାଷ୍ଟିକ୍ ଚାମଚ ଦିଆଯାଇ ନାହିଁ, ବରଂ ପ୍ଲାଷ୍ଟିକ୍ ଚାମଚ ବଦଳରେ ବାଉଁଶରୁ ତିଆରି ଏକ ଚାମଚ ଦିଆଯାଇଛି। ସୋସିଆଲ ମିଡିଆରେ ଶେୟାର କରାଯାଇଥିବା ଏହି ଫଟୋଟି ଏବେ ପରିବେଶ ସଚେତନତା ନେଇ ବାର୍ତ୍ତା ପ୍ରଦାନ କରୁଛି। କାରଣ ପ୍ଲାଷ୍ଟିକ୍ ବ୍ୟବହାର ଫଳରେ ପରିବେଶ ଭୟଙ୍କରଭାବେ ପ୍ରଦୂଷିତ ହେବାରେ ଲାଗିଛି। କିନ୍ତୁ କଦଳୀ ପତ୍ର ଓ ବାଉଁଶ ବ୍ୟବହାର କରିବା ଫଳରେ ତାହା ଇକୋ ଫ୍ରେଣ୍ଡଲି ଭଳି କାମ କରିବ ଏବଂ ଅନ୍ୟମାନଙ୍କୁ ଏହା ପ୍ରେରଣା ଯୋଗାଇପାରିବ। ଏରିକ୍ ଫଟୋ ଶେୟାର କରିବା ପରେ କ୍ୟାପ୍‌ସନରେ ଏହା ଲେଖିଥିବାବେଳେ ତାଙ୍କ ମତକୁ ଅଧିକାଂଶ ପସନ୍ଦ କରିଛନ୍ତି। ସେଥିପାଇଁ ଏବେ ଏହି ଫଟୋକୁ ୩ ହଜାରରୁ ଅଧିକ ଲୋକ ଲାଇକ୍ କରିଥିବାବେଳେ ବହୁସଂଖ୍ୟାରେ ଲୋକେ ରିଟୁଇଟ୍ କରିଛନ୍ତି। ଆମ ଦେଶରେ କଦଳୀ ପତ୍ରର ବହୁ ସ୍ଥାନରେ ବ୍ୟବହାର ରହିଛି। ବିଭିନ୍ନ ମନ୍ଦିର କିମ୍ବା ଭୋଜିଭାତରେ ବି କଦଳୀ ପତ୍ରରେ ଭୋଜନ କରାଯାଇଥାଏ, କିନ୍ତୁ ଆଇସ୍‌କ୍ରିମ୍ ଭଳି ବିଭିନ୍ନ ସ୍ନାକ୍ସ ଖାଇବା ପାଇଁ ଏହାର ବ୍ୟବହାର ବହୁମାତ୍ରାରେ ପ୍ରଭାବ ପକାଇବା ସହ ଲୋକଙ୍କୁ ସଚେତନ କରିବାରେ ସାହାଯ୍ୟ କରିବ।

# ପିଠି କୁଣ୍ଡାଉଛି ଜେସିବି




ନୂଆଦିଲ୍ଲୀ: ସାଧାରଣତଃ ରାସ୍ତା ତିଆରି କିମ୍ବା ବିଭିନ୍ନ ସ୍ଥାନରେ ଖୋଳିବା ଓ ପୋତିବା ଭଳି କାମ ପାଇଁ ବ୍ୟବହାର ହୋଇଥାଏ ଜେସିବି ମେଶିନ୍। କିନ୍ତୁ ଜେସିବି ମେଶିନ୍‌ରେ ବି ପିଠି କୁଣ୍ଡେଇବା ଭଳି କାମ କରାଯାଇଥାଏ, ଏକଥା ଶୁଣି ଅନେକଙ୍କୁ ଅଜବ ମନେ ହୋଇପାରେ। କିନ୍ତୁ ସୋସିଆଲ ମିଡିଆରେ ଜେସିବିର ଏଭଳି କାମକୁ ଦେଖି ଏବେ ଲୋକେ ଆଚମ୍ବିତ ହୋଇପଡ଼ିଛନ୍ତି।

ବେଳେବେଳେ ପିଠି କୁଣ୍ଡାଇ ହେଲେ କେହି କେହି ଅନ୍ୟମାନଙ୍କର ସାହାଯ୍ୟ ନେଇଥାନ୍ତି ତ ଆଉ କେହି ଭିନ୍ନ ଛୋଟମୋଟ ଯନ୍ତ୍ରପାତି ବ୍ୟବହାର କରିଥାନ୍ତି। ଅବଶ୍ୟ ପିଠି କୁଣ୍ଡାଇବା ପାଇଁ ଏବେ ସ୍ୱତନ୍ତ୍ର ଉପକରଣ ବି ବଜାରରେ ବିକ୍ରି କରାଯାଉଛି। କିନ୍ତୁ ଏସବୁ ପରେ ଜେସିବି ମେଶିନରେ ପିଠି କୁଣ୍ଡେଇବା କଥା କେହି କେବେ ଚିନ୍ତା କରି ନ ଥିବେ। ମାତ୍ର ଜେସିବି ଏଭଳି କାମ କରୁଥିବା ନେଇ ପ୍ରଥମେ ଏକ ଭିଜୁଆଲକୁ ଫେସ୍‌ବୁକ୍‌ରେ ଶେୟାର କରାଯାଇଥିଲା। ତିନିଦିନ ତଳେ ଶେୟାର କରାଯାଇଥିବା ଏହି ଭିଡିଓଟି ଏବେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଜଣେ ଶ୍ରମିକ ପ୍ରଥମେ ତାଙ୍କ ପାଖରେ ଥିବା ଏକ ଗାମୁଛାରେ ପିଠିକୁ କୁଣ୍ଡାଇବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ସେଥିରେ ସନ୍ତୁଷ୍ଟି ମିଳି ନ ଥିବାରୁ ସେ ଜେସିବି ମେଶିନର ଏକ୍ସାଭେଟରକୁ ବ୍ୟବହାର କରୁଛନ୍ତି। ମେଶିନ୍ ଚଳାଉଥିବା ବ୍ୟକ୍ତି ଧୀରେ ଧୀରେ ତାଙ୍କ ପିଠି ଉପରେ ଏକ୍ସାଭେଟରକୁ ଚଳାଉଛନ୍ତି। ୪୧ ସେକେଣ୍ଡର ଏହି ଭିଜୁଆଲ ଏବେ ସୋସିଆଲ ମିଡିଆରେ ଚହଳ ସୃଷ୍ଟି କରିଛି। ଜେସିବି ମେଶିନ୍‌ରେ ଶ୍ରମିକ ଜଣଙ୍କର ଏଭଳି କାମକୁ ଲୋକେ ଷ୍ଟଣ୍ଟ କରିବା ସହ ତୁଳନା କରିଛନ୍ତି। କିନ୍ତୁ ଏଭଳି ଷ୍ଟଣ୍ଟ କରିବା ବିପଦପୂର୍ଣ୍ଣ ବୋଲି ଅଧିକାଂଶ ମତ ଦେଇଛନ୍ତି। ଏବେ ସୁଦ୍ଧା ଏହି ଭିଜୁଆଲକୁ ନେଇ ୪ହଜାରରୁ ଅଧିକ ପ୍ରତିକ୍ରିୟା ମିଳିଥିବା ବେଳେ ପ୍ରାୟ ଅଢେଇ ହଜାର ଲୋକ ଶେୟାର କରିଛନ୍ତି। ତେବେ ଅନେକେ ଏହି ଭିଜୁଆଲକୁ କମେଣ୍ଟ କରି ଅତ୍ୟନ୍ତ ମଜାଦାୟକ ବୋଲି କହିଛନ୍ତି। ବ୍ୟକ୍ତିଜଣକ ମଜାକରିବା ପାଇଁ ବୋଧହୁଏ ଏଭଳି କରିଛନ୍ତି ବୋଲି ଅନେକେ ମତଦେବା ସହିତ ତାଙ୍କ ଖିଆଲି ଓ ସାହସୀ ମନୋଭାବକୁ ପ୍ରଶଂସା ବି କରିଛନ୍ତି।

# ଆର୍‌ସିବିକୁ ପୁଣି ହରାଇଲା ପଞ୍ଜାବ

**ଶାରଜା, ୧୫।୧୦**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି)ର ୧୭୧ ରନ ଶାରଜା ପରି ଛୋଟ ଗ୍ରାଉଣ୍ଡରେ ପର୍ଯ୍ୟାପ୍ତ ହୋଇନାହିଁ। ମୟଙ୍କ ଅଗ୍ରୱାଲ, ଅଧିନାୟକ ଲୋକେଶ ରାହୁଲ ଓ କ୍ରିସ୍ ଗେଲ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ କିଙ୍ଗ୍ସ ଇଲେଭେନ ପଞ୍ଜାବ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଆରସିବିକୁ ୮ ଉଇକେଟରେ ହରାଇ ପରାଜୟ ଧାରା ଭାଙ୍ଗିଛି। ଆର୍‌ସିବି ପକ୍ଷରୁ ଧାର୍ଯ୍ୟ ୧୭୨ ରନର ବିଜୟ ଲକ୍ଷ୍ୟର ପିଛାକରି ପଞ୍ଜାବ ୨୦ ଓଭରରେ ୨ ଉଇକେଟ ହରାଇ ୧୭୭ ରନ ସଂଗ୍ରହ କରି ନେଇଥିଲା। ପ୍ରତିଯୋଗିତାରେ କ୍ରମାଗତ ୫ ପରାଜୟ ପରେ କିଙ୍ଗ୍ସ ଇଲେଭେନର ଏହା ପ୍ରଥମ ବିଜୟ। ପୂର୍ବରୁ ଦଳ ଏକମାତ୍ର ବିଜୟ ଏହି ଆରସିବି ବିପକ୍ଷରେ ହିଁ ହାସଲ କରିଥିଲା। ଫଳରେ କୋହଲିଙ୍କ ଦଳ ବିପକ୍ଷରେ ପଞ୍ଜାବ ୨ଟି ଯାକ ମ୍ୟାଚ ଜିତି ଆଗକୁ ବଢ଼ିବା ଆଶା ଉଜ୍ଜୀବିତ ରଖିଛି।

## କୋହଲିଙ୍କ ୨୦୦ତମ ମ୍ୟାଚ

ଗୁରୁବାର ଆରସିବି ପାଇଁ ୨୦୦ତମ ମ୍ୟାଚ ଖେଳିଥିଲେ ଆର୍‌ସିବି ଅଧିନାୟକ ବିରାଟ କୋହଲି। ଏହା ମଧ୍ୟରୁ ଆଇପିଏଲ୍‌ରେ ୧୮୫ଟି ଏବଂ ଚାମ୍ପିୟନ୍ସ ଲିଗ୍ ଟି୨୦ରେ ୧୫ ମ୍ୟାଚ ସାମିଲ। ଟସ୍ ଜିତି ସେ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଦୁଇ ଓପନର ଭଲ ଆରମ୍ଭ କରିଥିଲେ ହେଁ ଶାରଜାର ଛୋଟ ଗ୍ରାଉଣ୍ଡରୁ ଫାଇଦା ନେଇ ଏହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଦେବଦତ୍ତ ପଡିକାଲ ୧୨ ବଲ୍‌ରୁ ୧୮(୧ ଚୌକା, ୧ ଛକା) ରନ କରିଥିବାବେଳେ ଅର୍ଶଦୀପ ସିଂଙ୍କ ବଲ୍‌ରେ ଆଉଟ ହୋଇଥିଲେ। ୨୫ ବଲ୍‌ରୁ ୩୮ ରନ ଯୋଗ ହେବାପରେ ପ୍ରଥମ ଉଇକେଟ ପଡ଼ିଥିଲା। ସେହିପରି ଅଭିଜ୍ଞ ଆରୋନ ଫିଞ୍ଚ୍ ୧୮ ବଲ୍‌ରୁ ୨୦(୨ ଚୌକା, ୧ ଛକା) ରନ କରିଥିବାବେଳେ ମୁରୁଗାନ ଅଶ୍ୱିନଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ। ବ୍ୟାଟିଂ କ୍ରମରେ ୱାଶିଂଟନ ସୁନ୍ଦର ଓ ଶିବମ୍ ଦୁବେଙ୍କୁ ଆଗୁଆ ଆଣିବା ନିଷ୍ପତ୍ତି କାମ ଦେଇ ନ ଥିଲା। ଆରସିବି ୫.୨ ଓଭରରେ ୫୦ ରନ କରିଥିବାବେଳେ ମଧ୍ୟଭାଗରେ ରନହାର ଧିମେଇ ଯିବାରୁ ଦଳର ୧୩.୨ ଓଭରରେ ଯାଇ ୧୦୦ ରନ ପୂରଣ ହୋଇଥିଲା। ୪ ନମ୍ବରରେ ଆସିଥିବା ୱାଶିଂଟନ ସୁଯୋଗର ସଦ୍‌ବ୍ୟବହାର କରି ନ ପାରି ମାତ୍ର ୧୩ରନ କରି ଅଶ୍ୱିନଙ୍କ ଦ୍ୱିତୀୟ ଶିକାର ବନିଥିଲେ। ସେହିପରି ୧୫ତମ ଓଭରରେ ରବି ବିଷ୍ଣୋଇଙ୍କ ବଲରେ କ୍ରମାଗତ ୨ଟି ଛକା ମାରିଥିଲେ ହେଁ ଦୁବେ ୨୩ ରନ କରିବାକୁ ସକ୍ଷମ ହୋଇଥିଲେ। ଏବି ଡିଭିଲର୍ସଙ୍କୁ ବ୍ୟାଟିଂ କ୍ରମରେ ପଛରେ ଆଣିବା ନିଷ୍ପତ୍ତି ଆର୍‌ସିବି ପାଇଁ ମହଙ୍ଗା ପଡ଼ିଥିଲା। ୧୭ତମ ଓଭରରେ ମହମ୍ମଦ ସାମି ବଡ଼ ସଫଳତା ପାଇଥିଲେ। ଅଧିକ ବଲ୍ ନ ଥିବାରୁ କ୍ରିଜ୍‌କୁ ଆସିବାପରେ ବଡ଼ ଶଟ୍ ଖେଳିବା ଚକ୍କରରେ ଡିଭିଲର୍ସ ମାତ୍ର ୨ ରନ କରି ଆଉଟ ହୋଇଥିଲେ। ସାମି ଏହି ଓଭରର ତୃତୀୟ ବଲ୍‌ରେ ଡିଭିଲର୍ସ ଓ ୫ମ ବଲ୍‌ରେ ସେଟ୍ ବ୍ୟାଟ୍ସମ୍ୟାନ କୋହଲିଙ୍କୁ ଆଉଟ କରି ଆରସିବିକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। କୋହଲି ୩୯ ବଲ୍‌ରୁ ମାତ୍ର ୩ ଚୌକା ସହ ୪୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ଶେଷ ୨ ଓଭରରେ କ୍ରିସ୍ ମୋରିସ ଓ ଇସୁରୁ ଉଡାନା କେତେକ ଦର୍ଶନୀୟ ଶଟ୍ ଖେଳିବାରୁ ଆରସିବି ସ୍କୋର ୨୦ ଓଭରରେ ୧୭୧/୬ ହୋଇ ପାରିଥିଲା। ଦକ୍ଷିଣ ଆଫ୍ରିକୀୟ ବ୍ୟାଟ୍ସମ୍ୟାନ ମୋରିସ୍ ୮ ବଲ୍‌ରୁ ଦ୍ରୁତ ୨୫(୧ ଚୌକା, ୩ ଛକା) ଓ ଉଡାନା ୫ ବଲ୍‌ରୁ ୧୦(୧ ଛକା) ରନରେ ଅପରାଜିତ ରହିଥିଲେ। ପଞ୍ଜାବ ପକ୍ଷରୁ ମହମ୍ମଦ ସାମି ଓ ମୁରୁଗାନ ଅଶ୍ୱିନ ୨ଟି ଲେଖାଏ ଏବଂ ଅର୍ଶଦୀପ ସିଂ ଓ କ୍ରିସ୍ ଜୋର୍ଡାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଓପନିଂ ଯୋଡ଼ିରେ ୪୮ ବଲ୍‌ରୁ ୭୮ ରନ ସଂଗ୍ରହ କରି ପଞ୍ଜାବ ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ମୟଙ୍କ ଅଗ୍ରୱାଲ ଧୂଆଁଧାର ବ୍ୟାଟିଂ କରି ୨୫ ବଲ୍‌ରୁ ୪୫(୪ ଚୌକା, ୩ ଛକା) ରନ କରି ଆଉଟ ହୋଇଥିଲେ। ଚଳିତ ସିଜନରେ ପ୍ରଥମଥରପାଇଁ ପଡ଼ିଆକୁ ଓହ୍ଲାଇଥିବା କ୍ରିସ୍ ଗେଲ୍ ଅଧିନାୟକ ଲୋକେଶ ରାହୁଲଙ୍କ ସହ ମିଶି ଦଳକୁ ସହଜ ବିଜୟ ଆଡ଼କୁ ନେଇ ଯାଇଥିଲେ। ଶେଷ ଓଭରରେ ବିଜୟ ପାଇଁ ମାତ୍ର ୨ ରନ ଆବଶ୍ୟକ ହେଉଥିବାବେଳେ ନାଟକୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ୟୁଜବେନ୍ଦ୍ର ଚହଲ ପ୍ରଥମ ୪ ବଲ୍‌ରୁ ମାତ୍ର ୧ ରନ ଦେଇଥିବାବେଳେ ୫ମ ବଲ୍‌ରେ ଗେଲ୍ ରନଆଉଟ ହୋଇ ଯାଇଥିଲେ। ଫଳରେ ଶେଷ ବଲ୍‌ରୁ ବିଜୟ ପାଇଁ ୧ ରନ ଆବଶ୍ୟକ ହୋଇଥିଲା। ମାତ୍ର ଏହାକୁ ଛକାରେ ପରିଣତ କରି ନିକୋଲାସ ପୁରନ ଉତ୍କଣ୍ଠାର ଅବସାନ ଘଟାଇଥିଲେ। ଗେଲ ୪୫ ବଲ୍‌ରୁ ୧ ଚୌକା ଓ ୫ ଛକା ସହାୟତାରେ ୫୩ ରନ କରି ଆଉଟ ହୋଇଥିବାବେଳେ ରାହୁଲ ୪୯ ବଲ୍‌ରୁ ୧ ଚୌକା ଓ ୫ ଛକା ସହ ୬୧ ରନରେ ଅପରାଜିତ ରହିଥିଲେ। ଦ୍ୱିତୀୟ ଉଇକେଟରେ ଗେଲ୍ ଓ ରାହୁଲ ୯୩ ରନର ଭାଗୀଦାରି ଗଢ଼ିଥିଲେ। ଆରସିବି ପକ୍ଷରୁ ଏକମାତ୍ର ଚହଲ ଗୋଟିଏ ଉଇକେଟ ନେଇଥିଲେ।




୯୩ ରନ୍‌ର ଭାଗୀଦାରି ଅବସରରେ କ୍ରିସ୍ ଗେଲ୍ ଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଲୋକେଶ ରାହୁଲ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୯୯୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୫ | ୨ | ୧୦ | +୧.୩୨୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୫ | ୩ | ୧୦ | −୦.୧୩୯ |
| ନାଇଟ ରାଇଡର୍ସ | ୭ | ୪ | ୩ | ୮ | −୦.୫୭୭ |
| ସନ୍‌ରାଇଜର୍ସ | ୮ | ୩ | ୫ | ୬ | +୦.୦୦୯ |
| ଚେନ୍ନାଇ ସୁପରକିଙ୍ଗ୍ସ | ୮ | ୩ | ୫ | ୬ | −୦.୩୯୦ |
| ରାଜସ୍ଥାନ ରୟାଲ୍ସ | ୮ | ୩ | ୫ | ୬ | −୦.୮୪୪ |
| କିଙ୍ଗ୍ସ ଇଲେଭେନ | ୮ | ୨ | ୬ | ୪ | −୦.୨୯୫ |

### ଆଇପିଏଲ୍

(ଶୁକ୍ରବାର ମ୍ୟାଚ୍)

**ମୁମ୍ବାଇ ଇଣ୍ଡିଆନ୍ସ ବନାମ କୋଲକାତା ନାଇଟ ରାଇଡର୍ସ**

**ସ୍ଥାନ:** ଆବୁଧାବି, **ସମୟ:** ରାତି ୭ଟା ୩୦

**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

### ସଂକ୍ଷିପ୍ତ ସ୍କୋର

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୭୧/୬(କୋହଲି−୪୮, ମୋରିସ−୨୫*, ଦୁବେ−୨୩, ସାମି−୨/୪୫, ମୁରୁଗାନ−୨/୨୩, ଅର୍ଶଦୀପ−୧/୨୦, ଜୋର୍ଡାନ−୧/୨୦)। କିଙ୍ଗ୍ସ ଇଲେଭେନ ପଞ୍ଜାବ ୨୦ ଓଭରରେ ୧୭୭/୨ (ରାହୁଲ−୬୧*, ଗେଲ୍−୫୩, ମୟଙ୍କ−୪୫, ଚହଲ−୧/୩୫)।

# ଆୟୋଜନରୁ ଓହରିଲା ଚାଇନା

**ବେଜିଂ,୧୫।୧୦(ଏପି):** ୨୦୨୨ରେ ଖେଳାଯିବାକୁ ଥିବା ୨୩ ବର୍ଷରୁ ଏସିଆନ କପ୍ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନରୁ ଓହରିଯିବାକୁ ଚାଇନିଜ ସକର ଫେଡେରେଶନ ନିଷ୍ପତ୍ତି ନେଇଛି। ବିଭିନ୍ନ କାରଣ ପାଇଁ ଚାଇନା ଏହି ନିଷ୍ପତ୍ତି ନେଇଛି ବୋଲି ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ତରଫରୁ କୁହାଯାଇଛି।

କୋଭିଡ୍−୧୯ ମହାମାରୀ, କାର୍ଯ୍ୟସୂଚୀ ନେଇ ବିବାଦ, ନିର୍ଦ୍ଧାରିତ ସମୟ ପୂର୍ବରୁ ଷ୍ଟାଡିୟମ ନିର୍ମାଣ ସମ୍ଭବ ହେବା ନେଇ ଆଶଙ୍କା କାରଣରୁ ଚାଇନା ଏହି ଟୁର୍ନାମେଣ୍ଟ ଆୟୋଜନରୁ ଓହରିଯାଇଛି। ୨୩ ବର୍ଷରୁ କମ୍ ଟୁର୍ନାମେଣ୍ଟ ଆୟୋଜନ ପାଇଁ ଏଏଫ୍‌ସି ଏବେ ନୂଆ ବିଡ୍ ଆହ୍ୱାନ କରିବ।

ତେବେ ଚାଇନା ୨୦୨୩ ଏସିଆନ୍ କପ୍‌କୁ ଏକ ପୁନର୍ଗଠିତ ଷ୍ଟାଡିୟମରେ ଆୟୋଜନ କରିବ। ଚାଇନା ମଧ୍ୟ ଫିଫା କ୍ଲବ୍ ୱାର୍ଲ୍ଡ କପ୍ ଆୟୋଜନ କରିବ। ଏହି ଟୁର୍ନାମେଣ୍ଟ ଜୁନ୍ ୨୦୨୧ରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା।

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା




ଧନରେ ଧନ
ତୋ ହସ ଟିକିଏ
ଦେଖିଦେଲେ ପରା
ଭରିଯାଏ ଆମ ମନ,
କୁସୁମିତ ହେଉ
ଚଲାପଥ ତୋର ଧନ।
"ଏହାହିଁ ମହାପ୍ରଭୁ
ଜଗନ୍ନାଥଙ୍କ ପାଖରେ
ପ୍ରାର୍ଥନା"
ଶୁଭ୍ରାଂଶୁ ପ୍ରଧାନ
ପୁରାପଡ଼ା, ବେଲପୋଖରୀ, ଭଦ୍ରକ
ଶୁଭେଚ୍ଛା ସହ : ବନ୍ଧୁ ଓ ପରିବାରବର୍ଗ
ଧ−୧୮୬୧୨

# କୋହଲିଙ୍କ ପାଇଁ ପ୍ରେରଣା ମେରୀକମ୍

**ନୂଆଦିଲ୍ଲୀ, ୧୫।୧୦ (ପି.ଟି.):** ପିତୃତ୍ୱ ଲାଭ କଲେ ଏହା ତାଙ୍କ ଖେଳକୁ ପ୍ରଭାବିତ କରିବ ନାହିଁ ତ ଏହି ଦ୍ୱନ୍ଦ୍ୱରେ ଥିଲେ ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି। ଏକଥା ବିଚାର କରୁଥିବା ବେଳେ ୬ଥର ବିଶ୍ୱ ଚାମ୍ପିୟନ ବକ୍ସର ଏମ୍‌ସି ମେରୀକମ୍ ତାଙ୍କ ପ୍ରେରଣା ପାଲଟିଛନ୍ତି। ଭାରତୀୟ ଅଧିନାୟକ ଘୋଷଣା କରିଥିଲେ ଯେ, ସେ ମେରୀକମ୍‌ଙ୍କ ପଦାଙ୍କ ଅନୁସରଣ କରିବାକୁ ଚାହାଁନ୍ତି। ୪ ସନ୍ତାନ ଜନନୀ ହୋଇଥିଲେ ମଧ୍ୟ ଚାମ୍ପିୟନ ମହିଳା ବକ୍ସରଙ୍କ ବକ୍ସିଂ କ୍ୟାରିୟର ପ୍ରଭାବିତ ହୋଇନାହିଁ। କୋହଲି ଏବଂ ତାଙ୍କ ବଲିଉଡ୍ ଅଭିନେତ୍ରୀ ସ୍ତ୍ରୀ ଆସନ୍ତାବର୍ଷ ଜାନୁୟାରୀରେ ସେମାନଙ୍କର ପ୍ରଥମ ସନ୍ତାନ ଲାଭ କରିବେ ବୋଲି ଆଶା କରାଯାଉଛି। ସନ୍ତାନ ଲାଭ କରିବା ପରେ ମଧ୍ୟ ବ୍ୟସ୍ତବହୁଳ କ୍ୟାରିୟରକୁ ବଜାୟ ରଖିହେବ। ମେରୀକମ୍ ଏକ୍ଷେତ୍ରରେ ହେଉଛନ୍ତି ଶ୍ରେଷ୍ଠ ଉଦାହରଣ ବୋଲି ବୁଧବାର ପୁମା ଇଣ୍ଡିଆ ଇନଷ୍ଟାଗ୍ରାମ୍‌ରେ ଲାଇଭ୍ ଚାଟ୍ ବେଳେ କୋହଲି କହିଛନ୍ତି। ସେମାନଙ୍କ ମଧ୍ୟରେ ବାର୍ତ୍ତାଳାପ ପୂର୍ବରୁ ୬ଥର ବିଶ୍ୱ ଚାମ୍ପିୟନ ଓ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ଷ୍ଟାର ଦମ୍ପତିଙ୍କୁ ବଧାଇ ଜଣାଇଥିଲେ। ୩୭ ବର୍ଷୀୟା ମେରୀକମ୍ ଜଣେ ମା' ହୋଇଥିଲେ ମଧ୍ୟ ବିଭିନ୍ନ ଚାମ୍ପିୟନଶିପ୍ ପାଇଁ ଟ୍ରେନିଂ ଜାରି ରଖିପାରୁଛନ୍ତି। ସେ କିପରି ସନ୍ତୁଳନ ରକ୍ଷା କରିପାରୁଛନ୍ତି ଏ ବିଷୟରେ ଜାଣିବାକୁ ଚାହିଁଥିଲେ ଭାରତୀୟ ଅଧିନାୟକ। ପରିବାରର ସହଯୋଗ ଯୋଗୁ ଏହା ହୋଇପାରୁଛି ବୋଲି ମହିଳା ବକ୍ସର ଜଣକ କହିଛନ୍ତି। ବିବାହ ପରେ ମୋ ସ୍ୱାମୀ ମୋତେ ସମସ୍ତ ପ୍ରକାର ସହଯୋଗ କରି ଆସିଛନ୍ତି। ସେ ଯାହା ଚାହିଁଛନ୍ତି ତାହା ଯୋଗାଇ ଦେଇଛନ୍ତି। ବାପାଙ୍କର ମଧ୍ୟ ମୋ ପ୍ରତି ସମର୍ଥନ ରହିଆସିଛି। ତା' ଛଡ଼ା ପିଲାମାନେ ମଧ୍ୟ। କୋହଲି କହିଥିଲେ କେବଳ ଦେଶର ମହିଳାଙ୍କ ପାଇଁ ନୁହେଁ ସମସ୍ତଙ୍କ ଲାଗି ପ୍ରେରଣାର ଉତ୍ସ। ନାନା ବାଧାବିଘ୍ନ ଓ ଚ୍ୟାଲେଞ୍ଜ ସହ ସୀମିତ ସମ୍ବଳ, ସୁବିଧା ଏବଂ ସୁଯୋଗର ଉପଯୋଗ କରି ମେରୀକମ୍ ଯେଉଁ ବଡ଼ ସଫଳତା ହାସଲ କରିଛନ୍ତି ତାହା ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ବୋଲି କୋହଲି ତାଙ୍କ ଇନଷ୍ଟାଗ୍ରାମ୍ ଚାଟ୍‌ରେ କହିଛନ୍ତି।



ସନ୍ତାନଙ୍କ ଗହଣରେ ଏମ୍‌ସି ମେରୀକମ୍।

ମନେ ପଡ଼ନ୍ତି

ସ୍ମୃତିରେ....



୰ରାଜକିଶୋର ସେନାପତି
ବଡ଼ଗୁଆଳିପଡ଼ା, ଡେଲାଙ୍ଗ, ଭୁବନେଶ୍ୱର
ଆବିର୍ଭାବ: ୧୪।୦୮।୧୯୪୨
ତିରୋଧାନ:୦୬।୧୦।୨୦୨୦
ଆଜି ବି ତୁମର କଥା ଆମ କାନରେ ଗୁଞ୍ଜୁଛି। ସେ ଅନାବିଳ ସ୍ନେହ, ନିଃସ୍ୱାର୍ଥପରତା, ଉପଦେଶ ଓ ସମୟ ଉପଯୋଗୀ ଦିଗ୍‌ଦର୍ଶନ ଆମ ପାଇଁ ଅମୂଲ୍ୟ ସମ୍ପଦ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଆମ୍ଭମାନଙ୍କ ପାଇଁ ଚିର ସ୍ମରଣୀୟ। ଆପଣଙ୍କ ପୁଣ୍ୟ ଓ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ:− ପତ୍ନୀ−ଜେମାମଣି, ପୁତ୍ର−ପ୍ରଗତି, ଜିତୁ, ପୁତ୍ରବଧୂ−ମାନା, ନିନା, ପୁତ୍ରୀ−ମମି, ମୁନା, ଟୁନି, ଜ୍ୱାଇଁ−ଦେବ, ପୂର୍ଣ୍ଣ, ମିଟୁ, ନାତି, ନାତୁଣୀ, ପରିବାର ଓ ଆତ୍ମୀୟସ୍ୱଜନ।
ଧ−୧୮୬୧୯

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ଅରୂପ ପଟ୍ଟନାୟକ
ବିଜେବି ନଗର, ଭୁବନେଶ୍ୱର, ପ୍ଲଟ ନଂ− ବି୫
ଆବିର୍ଭାବ: ୨୦।୦୯।୧୯୬୬
ତିରୋଧାନ: ୦୬।୧୦।୨୦୨୦
ଆମର ବାଲ୍ୟବନ୍ଧୁ ଇହଲୀଳା ସମ୍ବରଣ କଲେ। ତାଙ୍କ ଅବର୍ତ୍ତମାନରେ ଆମେ ଅତ୍ୟନ୍ତ ମର୍ମାହତ। ବନ୍ଧୁତାର ଏକ ଉଦାହରଣ। ଅନ୍ତରଙ୍ଗ ବନ୍ଧୁଟିଏ ହରାଇଲୁ ଆମେସବୁ। ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ପାଇଁ ଆମ୍ଭେମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ବନ୍ଧୁମାନେ: ଦିଲ୍ଲୀପ, ମାନସ, ସନ୍ଦୀପ, ଅଶୋକ, ରତିକାନ୍ତ, ଅମ୍ବରୀଶ, ଶିବୁ, ସାଗରିକା, ଶିଖା, ଦେବଯାନୀ, ନମିତା, କବିତା, ମମତା, ମୃଣାଳିନୀ, ସଂଯୁକ୍ତା, ସରିତା, ନିରଦ, କାଦମ୍ବିନୀ, ସତ୍ୟଭାମା।
ଧ−୧୮୬୧୧

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅରୂପ ପଟ୍ଟନାୟକ (ଟିକିଲି)
ବି୫, ବିଜେବି ନଗର, ଭୁବନେଶ୍ୱର
ଆବିର୍ଭାବ: ୦୩।୦୯।୧୯୬୪
ତିରୋଧାନ: ୦୬।୧୦।୨୦୨୦
ସ୍ୱର୍ଗତ ସୀତାନାଥ ପଟ୍ଟନାୟକ ଓ ଆଶାମଣୀ ପଟ୍ଟନାୟକଙ୍କ ପୁତ୍ର ଆଜି ପବିତ୍ର ଏକାଦଶାହ ତିଥିରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା।
−:ଶୋକସନ୍ତପ୍ତ:−
ବନ୍ଧୁବର୍ଗ
ଧ−୬୯୬୩୨

# ଡିଫେନ୍ସ ବିଭାଗକୁ ଦୃଢ଼ କରୁଛୁ: ଦୀପ୍ ଗ୍ରେସ୍

**ନୂଆଦିଲ୍ଲୀ, ୧୫।୧୦(ପି.ଟି.)**

ଭାରତୀୟ ମହିଳା ହକି ଦଳର ଡିଫେନ୍ସ ବିଭାଗରେ ଯୁବ ଓ ଅଭିଜ୍ଞ ଖେଳାଳିଙ୍କ ସମ୍ମିଶ୍ରଣ ରହିଛି। ଆଗାମୀ ଟୋକିଓ ଅଲିମ୍ପିକ୍ସରେ ଏହା ଦଳପାଇଁ ବିଶେଷ ଉପାଦେୟ ହେବ ବୋଲି ଗୁରୁବାର ଭାରତୀୟ ଦଳର ଓଡ଼ିଆ ଡିଫେଣ୍ଡର ଦୀପ୍ ଗ୍ରେସ୍ ଏକ୍କା ପ୍ରକାଶ କରିଛନ୍ତି। ୨୦୧୮ ଏସିଆନ ଗେମ୍ସରେ ରୌପ୍ୟ ଏବଂ କ୍ରମାଗତ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ ସମେତ ଗତ ବଡ଼ ଟୁର୍ନାମେଣ୍ଟ ଗୁଡ଼ିକରେ ଆମେମାନେ ଭଲ ଫଳାଫଳକୁ ଉପଭୋଗ କରିଛୁ। ଅଭିଜ୍ଞ ଖେଳାଳିମାନେ ଯୁବ ଖେଳାଳିଙ୍କୁ ଆବଶ୍ୟକ ପରାମର୍ଶ ଦେଇ ଡିଫେନ୍ସ ବିଭାଗକୁ ଅଧିକ ଦୃଢ଼ କରୁଛନ୍ତି ବୋଲି ସେ କହିଛନ୍ତି।

ଦୃଢ଼ ଡିଫେନ୍ସ ବିଭାଗ ସର୍ବଦା ଦଳଗୁଡ଼ିକୁ ସାହାଯ୍ୟ କରିଥାଏ। ଆମ ରକ୍ଷଣଭାଗ ଯଦି ଦୃଢ଼ ହୋଇଯିବ ତେବେ ଅଲିମ୍ପିକ୍ସ ପରି ବଡ଼ ଟୁର୍ନାମେଣ୍ଟଗୁଡ଼ିକରେ ଭାରତୀୟ ଦଳକୁ ନିଶ୍ଚିତ ଫାଇଦା ମିଳିବ। କୋଭିଡ୍−୧୯ ଯୋଗୁ ସମ୍ପ୍ରତି ସମଗ୍ର ବିଶ୍ୱପାଇଁ କଷ୍ଟ ସମୟ ଚାଲିଛି। ମାରାତ୍ମକ ଭାଇରସ ସଂକ୍ରମଣ ଯୋଗୁ ବିଶ୍ୱରେ ଏବେ କ୍ରୀଡ଼ା ଏକପ୍ରକାର ବନ୍ଦ ହୋଇ ଯାଇଛି। ଏପରି ସମୟରେ ଯୁବ ଖେଳାଳିଙ୍କୁ ମୋଟିଭେଟ କରିବା ତାଙ୍କ ଦାୟିତ୍ୱ ବୋଲି ଦୀପ୍‌ଗ୍ରେସ୍ କହିଛନ୍ତି। "ଦଳର ଜଣେ ସିନିୟର ଖେଳାଳିଭାବେ ମୋର ଦାୟିତ୍ୱ ହେଲା ଯୁବ ଖେଳାଳିମାନେ ଏହାଦ୍ୱାରା ବେଶି ପ୍ରଭାବିତ ନ ହେବା ଏବଂ ଏହି ସମୟରେ ସକାରାତ୍ମକ ଚିନ୍ତା କରିବା। ସାମ୍ପ୍ରତିକ ସମୟରେ ଅନେକ ନକାରାତ୍ମକ ଚିନ୍ତା ଆସିବା ସ୍ୱାଭାବିକ। ମାତ୍ର ଯୁବ ଖେଳାଳିଙ୍କ ଉପରେ ଯେପରି ଏହାର ବିଶେଷ ପ୍ରଭାବ ନ ପଡ଼ିବ ସେଥିପାଇଁ ଆମେ କାର୍ଯ୍ୟ କରୁଛୁ। ଖେଳ ପାଇଁ ପଡ଼ିଆକୁ ଓହ୍ଲାଇବା ସମ୍ଭବ ହେଉ ନ ଥିବାରୁ ସମସ୍ତେ ଫିଟ୍‌ନେସ ଉପରେ ଧ୍ୟାନ ଦେଉଛୁ।" ବୋଲି ଏହି ୨୬ ବର୍ଷୀୟା ଓଡ଼ିଶା ଡିଫେଣ୍ଡର ପ୍ରକାଶ କରିଛନ୍ତି। ହକି ଇଣ୍ଡିଆ ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ପକ୍ଷରୁ ଅନୁମତି ମିଳିଲେ ଭାରତୀୟ ଦଳ ଅଲିମ୍ପିକ୍ସ ପାଇଁ ଅଭ୍ୟାସ ଆରମ୍ଭ କରିବ ବୋଲି ସେ ସୂଚନା ଦେଇଛନ୍ତି।

# କ୍ୱାର୍ଟର ଫାଇନାଲ୍‌ରେ ଶ୍ରୀକାନ୍ତ

**ଓଡେନ୍ସ,୧୫।୧୦(ପି.ଟି.)**

କୋଭିଡ୍ କାରଣରୁ ଦୀର୍ଘ ୭ ମାସ ପରେ ପ୍ରତ୍ୟାବର୍ତ୍ତନ କରିଥିବା ଭାରତୀୟ ବ୍ୟାଡମିଣ୍ଟନ ତାରକା କିଡାମ୍ବୀ ଶ୍ରୀକାନ୍ତ ଏଠାରେ ଚାଲିଥିବା ଡେନ୍‌ମାର୍କ ଓପନ୍‌ରେ ଭଲ ପ୍ରଦର୍ଶନ ଜାରି ରଖିଛନ୍ତି। ସେ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପଞ୍ଚମ ସିଡ ମାନ୍ୟତା ପାଇଥିବା ଶ୍ରୀକାନ୍ତ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ କାନାଡାର ଜାସନ ଆଣ୍ଟୋନୀଙ୍କୁ ସିଧାସଳଖ ଗେମ୍ ୨୧− ୧୫, ୨୧− ୧୪ରେ ପରାସ୍ତ କରି ଏହି ସୁପର ୭୫୦ ଟୁର୍ନାମେଣ୍ଟର କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ବିଜୟ ହାସଲ କରିବାକୁ ଶ୍ରୀକାନ୍ତଙ୍କୁ ୩୩ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେଶନ କ୍ୟାଲେଣ୍ଡରରେ ଚଳିତବର୍ଷ ଏକ ମାତ୍ର ପ୍ରତିଯୋଗିତା ଭାବେ ଏହି ଟୁର୍ନାମେଣ୍ଟ ଖେଳାଯାଉଛି।



କିଡାମ୍ବୀ ଶ୍ରୀକାନ୍ତ

# କ୍ରୀଡ଼ା ଭାଷ୍ୟକାର ଭିମାନୀଙ୍କ ପରଲୋକ

**କୋଲକାତା, ୧୫।୧୦ (ପି.ଟି.)**

ଭେଟେରାନ କ୍ରୀଡ଼ା ଜର୍ନାଲିଷ୍ଟ ତଥା କ୍ରିକେଟ ଭାଷ୍ୟକାର କିଶୋର ଭିମାନୀଙ୍କ ପରଲୋକ ହୋଇଯାଇଛି। ତାଙ୍କ ୮୦ବର୍ଷ ହୋଇଥିଲା। ସେ ଅସୁସ୍ଥ ଥିବାରୁ କିଛି ଦିନ ହେଲା ଚିକିତ୍ସାଧୀନ ଥିଲେ। ଭିମାନୀଙ୍କ ପୁଅ ଗୌତମ ଜଣେ ଜଣାଶୁଣା ଟିଭି ବ୍ୟକ୍ତିତ୍ୱ। ୧୯୮୦ ଦଶକରେ ସେ ଜଣେ ଜଣାଶୁଣା ଇଂଲିଶ ଭାଷ୍ୟକାର ଥିଲେ। ତାଙ୍କ ଦେହାନ୍ତରେ କ୍ରୀଡ଼ାମହଲରେ ଶୋକର ଛାୟା ଖେଳିଯାଇଛି। ୧୯୮୭ରେ ଅହମ୍ମଦାବାଦ୍‌ରେ ପାକିସ୍ତାନ ବିପକ୍ଷ ଡ୍ର ମ୍ୟାଚରେ ସୁନୀଲ ଗାଭାସ୍କର ଟେଷ୍ଟ କ୍ରିକେଟରେ ପ୍ରଥମ ଖେଳାଳି ଭାବେ ୧୦,୦୦୦ ରନ ପୂରଣ କରିଥିଲେ। ସେତେବେଳେ ଭିମାନୀ ମ୍ୟାଚରେ ଧାରାବିବରଣୀ ଦେଇଥିଲେ। ୧୯୮୦ ଦଶକରେ ବ୍ରିଟିଶ ପବ୍ଲିକେଶନରେ ଯେଉଁ କେତେଜଣ ଭାରତୀୟ କ୍ରିକେଟ ଲେଖକଙ୍କର ଚାହିଦା ଥିଲା ସେମାନଙ୍କ ମଧ୍ୟରେ ଭିମାନୀ ଅନ୍ୟତମ ଥିଲେ। ଇମ୍ରାନ ଖାଁ ପାକିସ୍ତାନ କ୍ରିକେଟ ଦଳର ଅଧିନାୟକ ଥିବାବେଳେ ଯେତେବେଳେ କୋଲକାତା ଆସୁଥିଲେ ଭିମାନୀଙ୍କ ବାସଭବନକୁ ଯାଇ ତାଙ୍କୁ ଭେଟୁଥିଲେ। ଭିମାନୀ କୋଲକାତାରୁ ପ୍ରକାଶିତ ଦୈନିକ 'ଦି ଷ୍ଟେଟ୍ସମ୍ୟାନ'ରେ କାର୍ଯ୍ୟକରୁଥିଲେ। ସେ ଜଣେ ଜଣାଶୁଣା ସ୍ତମ୍ଭକାର ଥିଲେ। 'ଦି ଆକ୍ସିଡେଣ୍ଟାଲ ଗଡ୍‌ମ୍ୟାନ' ତାଙ୍କର ଚର୍ଚ୍ଚିତ ଲେଖାଥିଲା। ସେ ୧୯୭୮ରୁ ୧୯୮୦ ପର୍ଯ୍ୟନ୍ତ କଲିକତା ସ୍ପୋର୍ଟ୍ସ ଜର୍ନାଲିଷ୍ଟ କ୍ଲବର ସଭାପତି ଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

PM ଯୋଜନା ଅଧୀନରେ
Megma Finance Ltd.
ଆଧାରକାର୍ଡ ଏଗ୍ରିକଲ୍ଚର ମାର୍କଶିଟ୍ ପର୍ସନାଲ ପ୍ରପର୍ଟି ଗ୍ରୁପ
ଋଣ ମାତ୍ର 24 ଘଣ୍ଟାରେ ଘରେ ବସି
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8901314495
8395921265
B-34/7 A Block Vijay Enclave, Bururi, New Delhi

ଦୟାକରି ଧ୍ୟାନ ଦିଅନ୍ତୁ !!
SHREE KRISHNA FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ ।।
୦% ସୁଧ ୫୦%ଛାଡ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765994255
7206213932

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ (ପାରାମେଡିକାଲ କୋର୍ସ)
A.N.M : 2 Years (+2 Pass)
G.N.M : 3 Years (+2 Pass)
Post Basic Nursing : 2 Years (GNM Pass)
DMLT 2 Year
OT.Tech 2 Year
Dialysis 2 Year
I.C.U 1 Year
E.C.G 1 Year
10th Pass Above
HOSTEL, TRANSPORT, HOSPITAL PRACTICAL FACILITY AVAILABLE — LIMITED SEAT
KIMS, KHANDAGIRI, BBSR
Mob. 8658179869

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା−ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ।
Bausnpola, Bijepur, Bargarh
7656825220
7656825217

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
CAPITAL FINANCE
୧୯୮୨ରୁ ଭାରତର ଏକମାତ୍ର ବିଶ୍ୱାସନିୟ କମ୍ପାନୀ (Reg.No.AND6590B001)
ମାର୍କସିଟ, ହୋମଲୋନ, ପର୍ସନାଲ, ସମ୍ପତି, ଆଧାରକାର୍ଡ, ପଶୁପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8765102561

AMBA Finance
ମାର୍କସିଟ ବ୍ୟବସାୟ ବ୍ୟକ୍ତିଗତ ଆଧାରକାର୍ଡ ସମ୍ପତି ଋଣ ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


Hero
ଏକ ନୂତନ ଆରମ୍ଭ, ହିରୋର ଭରସା ସାଥିରେ ।
ଏହି ଉତ୍ସବରେ, ଦିଅନ୍ତୁ ନିଜ ଜୀବନକୁ ଏକ ନୂତନ ଗତି ଏବଂ ଯୋଡ଼ି ହୋଇ ଯାଆନ୍ତୁ ୯.୫ କୋଟି ହିରୋସ୍ ସାଥିରେ ।
କମ ଡାଉନପେମେଣ୍ଟ ମୂଲ୍ୟ ଆରମ୍ଭ ₹4999#
6.99%# ର ସ୍ୱଳ୍ପ ସୁଧହାର
₹7000# ପର୍ଯ୍ୟନ୍ତର ଫେଷ୍ଟିଭ କ୍ୟାଶ ବେନିଫିଟ
DESTINI 125
GLAMOUR
HF Deluxe
ଫେଷ୍ଟିଭ କ୍ୟାଶ ବେନିଫିଟ
₹2100* ପର୍ଯ୍ୟନ୍ତର କ୍ୟାଶ ଡିସକାଉଣ୍ଟ
₹3000* ପର୍ଯ୍ୟନ୍ତର ଏକ୍ସଚେଞ୍ଜ ଟପ ଅପ୍ ବେନିଫିଟ
₹2000* ପର୍ଯ୍ୟନ୍ତର ଲୟାଲିଟୀ ଟପ ଅପ୍ ବେନିଫିଟ
₹2000* ପର୍ଯ୍ୟନ୍ତର କର୍ପୋରେଟ ଟପ ଅପ୍ ବେନିଫିଟ
Govt. LTC ଭାଉଚର୍ସ ଗ୍ରହଣୀୟ
ହିରୋର ଭରସା
XSENS FI
WORLD'S NO. 1 ONE
9.5 CRORE+ HEROES
INDIA'S FIRST 5 YEAR WARRANTY
*Conditions apply
ଅତିରିକ୍ତ ଫାଇଦା
₹499/- ପ୍ଲାନ ରେ ₹5500** ପର୍ଯ୍ୟନ୍ତ ମୂଲ୍ୟର ପୁରସ୍କାର ଏବଂ ସର୍ଭିସ ବେନିଫିଟ । ଏବେ ହିଁ ନାମ ଲେଖାନ୍ତୁ ।
Hero GoodLife
Paytm Cashback up to ₹7,500^^
ICICI Bank Credit & Debit Cards EMI ରେ ₹5000** ପର୍ଯ୍ୟନ୍ତର କ୍ୟାଶ ବେନିଫିଟ
CALL TOLL-FREE 1800 266 0018
BUY ONLINE AT eshop.heromotocorp.com
HeroMotoCorp.com HeroMotoCorp HeroMotoCorpIndia HeroMotoCorpLimited TheHeroMotoCorp ^As per cumulative dispatch numbers till 15th September, 2019. ###Largest two-wheeler selling company in the world for any particular country for the year 2019.
*Offer amounts & combination of offers may vary by model. Avail maximum cash benefits up to ₹7000/-. #Finance scheme is at the sole discretion of Financier & subject to its respective terms & conditions. ^^Up to ₹2500/- cashback from Paytm and up to ₹5000/- cash back from Citi Bank (applicable only on Citi Bank cards). **Terms & conditions apply. Offer valid for limited period or till stock lasts. For more details, please visit your nearest authorized Hero outlet.
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road,Vasant Kunj - Phase -II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or call our toll-free no.: 1800 266 0018 or visit us on www.HeroMotoCorp.com.
Accessories and features shown may not be a part of standard fitment. Always wear a helmet while riding a two-wheeler.
Bhubaneswar: Rohan Hero - 7799766422; Bharat Hero - 7799766378; DD Hero - 7799766329; Cuttack: JMG Hero - 7799766366, Sunny Hero - 7799766401, Essen Hero - 7799766425; Angul: Parbati Hero - 7799766342; Balasore: Neelam Hero - 7799766393; Baripada: Aditya Hero - 7799766370; Bhadrak: Sanjib Hero - 7799766380; Chandikhol: S. K. Hero - 7799766362; Jagatsinghpur: Trishul Hero - 7799766383; Jajpur Road: Soumik Hero - 7799766410; Jaleswar: Sai Hero - 7799766407; Jatni: Vishal Hero - 7799766398; Keonjhar: Supreme Hero - 7799766360; Nayagarh: Bhagabati Hero - 7799766417; Puri: Sanjib Hero- 8448389695; Behrampur: Lakshmi Hero - 7799766350; Jeypore: Supreme Hero - 7799766340; Phulbani: Narayani Hero - 7799766373; Raygada Ajit Hero - 7799766358; Bargarh: Aakash Hero - 7799766396; Bhawanipatna: Arundhati Hero - 7799766385; Bolangir: Arundhati Hero - 7799766327; Jharsuguda: Vijaylaxmi Hero - 7799766368; Rourkela: Dua Hero -7799766391; Sambalpur: Sri Shyam Hero - 7799766356; Sonepur: Jai Jawan Hero - 7799766419; Sundergarh: Robotech Hero: 8448183659; Dhenkanal: Som Hero - 7799766347; Talcher: Tarini Hero - 7799766374
L&K | SAATCHI & SAATCHI